بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 6

ସାପ୍ତାହିକ ବଦର

The Weekly BADAR Qadian ODIA କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

07 ଫେବୃୟାରୀ 2019 07 ତୁଲାହ୍ 1398 ହି.ଶ 01 ଜମାଦିଲ୍ ସାନି 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

تُوۡلِجُ الَّیۡلَ فِی النَّہَارِ وَتُوۡلِجُ النَّہَارَ فِی الَّیۡلِ ۫ وَتُخۡرِجُ الۡحَیَّ مِنَ الۡمَیِّتِ وَتُخۡرِجُ الۡمَیِّتَ مِنَ الۡحَیِّ ۫ وَتَرۡزُقُ مَنۡ تَشَآءُ بِغَیۡرِ حِسَابٍ ○ (آل عمران:28)

**ଅନୁବାଦ** - ''ତୁମ୍ଭେ ରାତ୍ରିକୁ ଦିବସରେ ପ୍ରବେଶ କରାଅ ଏବଂ ଦିବସକୁ ରାତ୍ରିରେ ପ୍ରବେଶ କରାଅ; ଏବଂ ନିର୍ଜୀବରୁ ସଜୀବକୁ ବାହାର କରାଅ ଓ ସଜୀବରୁ ନିର୍ଜୀବକୁ ବାହାର କରାଅ; ଏବଂ ଯାହାକୁ ଇଚ୍ଛା ତାହାକୁ ଅପରିମିତ ପ୍ରଦାନ କର ।''

(ଆଲେ ଇମ୍ରାନ୍: ୨୮)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥**

ଯଦି ପାପ ନଥାଆନ୍ତ ତେବେ ଉଦଣ୍ଡତା/ପ୍ରଗଲ୍ଭତାର ବିଷ ମନୁଷ୍ୟଠାରେ ବଢ଼ିଯାଇଥାଆନ୍ତା । ଫଳତଃ ସେ ନିଃଶେଷ ହୋଇଯାଇଥାଆନ୍ତା । ତୌବା ଏହାର କ୍ଷତିପୂରଣ କରିଥାଏ । ଗର୍ବ ଓ ଅହଂକାରର ବିପତିରୁ ପାପ ମନୁଷ୍ୟକୁ ବଂଚାଇ ରଖେ । ଯେତେବେଳେ ନିରୀହ ନବୀ ସତୁରୀ ଥର ଇସ୍‌ତେଗ୍‌ଫାର୍ କରିଥାନ୍ତି ତେବେ ଆମକୁ କଣ କରିବାକୁ ହେବ ? ସେ (ବ୍ୟକ୍ତି) ପାପରୁ ତୌବା କରେନାହିଁ ଯିଏ ତା ଉପରେ ରାଜି ହୋଇଯାଏ । ଏବଂ ଯିଏ ପାପକୁ ପାପ ବୋଲି ମଣେ, ସେ ପରିଶେଷରେ ତାକୁ ପରିତ୍ୟାଗ କରିବ ।

### ବୟତ୍ ଏବଂ ତୌବା (ଦୀକ୍ଷା ଏବଂ ପଶ୍ଚାତାପ)

ବୟତ ବିଷୟରେ ଜାଣିବା ଉଚିତ୍ କି ଏହାର ଲାଭ କଣ ଓ ଏହାର ଆବଶ୍ୟକତା କଣ ପାଇଁ ରହିଛି ? ଯେପର୍ଯ୍ୟନ୍ତ କୌଣସି ବସ୍ତୁର ଲାଭ ଓ ତା ମୂଲ୍ୟ ସମ୍ବନ୍ଧରେ ଜ୍ଞାନ ମିଳିନାହିଁ ସେପର୍ଯ୍ୟନ୍ତ ଆଖି ଆଗରେ ତାର ସମ୍ମାନ ହୋଇନଥାଏ । ଯେପରି ଜଣେ ଲୋକଙ୍କ ଘରେ ଅନେକ ପ୍ରକାରର ଧନସମ୍ପତି ରହିଥାଏ, ଉଦାହରଣ ସ୍ୱରୂପ ଟଙ୍କା, ପଇସା, କଉଡି, କାଠ ଇତ୍ୟାଦି । ତେବେ ଯେଉଁ ପ୍ରକାରର ବସ୍ତୁ ଥାଏ ସେଗୁଡିକୁ ସେହି ପ୍ରକାରରେ ସୁରକ୍ଷିତ ରଖାଯିବ । ଗୋଟିଏ କଉଡିର ସୁରକ୍ଷା (ସେ)ଏପରି କରିବ ନାହିଁ ଯେପରି ଟଙ୍କା ଓ ପଇସା ପାଇଁ ତାକୁ କରିବାକୁ ହୁଏ । କାଠ ଜିନିଷ ଇତ୍ୟାଦିକୁ ତ ଗୋଟିଏ କୋଣରେ ଫିଙ୍ଗିଦେବ । ଏହି କାମରେ ସେ ସେହି ବସ୍ତୁଗୁଡିକୁ ଅଧିକା ସୁରକ୍ଷିତ ରଖିବ ଯାହାର ହଜିଯିବାରେ ତାକୁ ଅଧିକ କ୍ଷତି ପହଂଚିଥାଏ । (ତେଣୁ) ସେ ସେଗୁଡିକର ସୁରକ୍ଷା ଅଧିକ କରିବ । ସେହିଭଳି ବୟତ କରିବାର ମହାନ୍ ଉଦ୍ଦେଶ୍ୟ ହେଉଛି ତୌବା, ଯାହାର ଅର୍ଥ ହେଉଛି ଫେରିଯିବା । ତୌବା ହେଉଛି ସେହି ଅବସ୍ଥାର ନାମ କି ମନୁଷ୍ୟ ତା ନିଜର ଯେଉଁ ପାପକର୍ମ ସହିତ ନିଜର ସମ୍ପର୍କକୁ ବଢ଼ାଇସାରିଛି ଓ ତାକୁ ନିଜର ଘରରୂପେ ନିର୍ଦ୍ଧାରଣ କରିସାରିଛି ଅର୍ଥାତ୍ ଯେପରି ସେ ପାପ ଭିତରେ ବସବାସ କରିସାରିଛି, ସେହି ଘରକୁ ଛାଡି ଚାଲିଯାଉ । ଏବଂ ରୁଜୁ (ଫେରିଯିବା)ର ଅର୍ଥ ପବିତ୍ରତା ଅବଲମ୍ବନ୍ କରିବା । ବର୍ତମାନ ବାସସ୍ଥାନକୁ ପରିତ୍ୟାଗ କରିବା ନିମନ୍ତେ ବହୁତ କଷ୍ଟ ହୋଇଥାଏ ଏବଂ ନାନା (ପ୍ରକାରର) ଅସୁବିଧା ହୋଇଥାଏ । ମନୁଷ୍ୟ ଯେତେବେଳେ ଗୋଟିଏ ଘରକୁ ଛାଡିଥାଏ ସେତେବେଳେ ତାକୁ କେତେ କଷ୍ଟ ହୋଇଥାଏ, ତେବେ ୱତନ୍ (ନିଜଦେଶ)କୁ ଛାଡିବାକୁ ହେଲେ ତାକୁ ତା'ର ସମସ୍ତ ବନ୍ଧୁବାନ୍ଧବ ମାନଙ୍କଠାରୁ ବିଚ୍ଛିନ୍ନ ହେବାକୁ ପଡ଼ିଥାଏ, ଉଦାହରଣ ସ୍ୱରୂପ ଖଟ, ବିଛଣା, ପଡୋଶୀ, ସାହିର ସେହି ଗଳିକନ୍ଧି ଏବଂ ବଜାର୍ ଅର୍ଥାତ୍ ସବୁକିଛି ଛାଡିଦେଇ ଗୋଟିଏ ନୂଆ ଦେଶକୁ ଯିବାକୁ ପଡେ ଅର୍ଥାତ୍ ସେହି (ପୁରୁଣା) ଦେଶକୁ କଦାପି ଆସେନାହିଁ, ଏହାର ନାମ ହେଉଛି ତୌବା । ପାପର ବନ୍ଧୁ ଅଲଗା ଏବଂ ତକ୍‌ୱା (ନିଷ୍ଠାବାନ୍)ର ବନ୍ଧୁ ଅଲଗା । ଏପରି ପରିବର୍ତନକୁ ସୁଫିମାନେ ମୃତ୍ୟୁବୋଲି ଅଭିହିତ କରିଛନ୍ତି ଯିଏ ତୌବା କରିଥାଏ ତାକୁ ବହୁତ ଅସୁବିଧା ଭୋଗିବାକୁ ପଡେ ଏବଂ ସଚ୍ଚା ତୌବା କରିବା ସମୟରେ ବଡ ବଡ ଅସୁବିଧା ତା ସମ୍ମୁଖକୁ ଆସିଥାଏ । ଅଲ୍ଲାଃତାଲା ହେଉଛନ୍ତି ରହିମ୍ (ଅଶେଷ ଦୟାଳୁ) ଏବଂ କରିମ୍ (ଅଶେଷ କୃପାଳୁ) ସେ ଯେପର୍ଯ୍ୟନ୍ତ କାଲିର (ଅର୍ଥାତ୍ ବିଗତ ଅସୁବିଧାର) ସେହି ଉଚିତ୍ ବଦଳା (ଅର୍ଥାତ୍ ପୁରସ୍କାର) ନଦେଇଛି (ସେପର୍ଯ୍ୟନ୍ତ) ମାରେନାହିଁ । *ଇନଲ୍ଲାହା ୟୁହିବ୍‌ବୁତ୍ ତଓ୍ୱାବୀନ୍ (ବକ୍‌ରାଃ: ୨୨୩)* ରେ ଏ ନିର୍ଦ୍ଦେଶ ରହିଛି କି ସେ ତୌବା କରି ଗରୀବ, ଅଭାବୀ ହୋଇଯାଏ । ତେଣୁ ଅଲ୍ଲାଃତାଲା ତାକୁ ଭଲପାଇଥାନ୍ତି ଏବଂ ପ୍ରେମ କରିଥାନ୍ତି । ଏବଂ ତାକୁ ପୁଣ୍ୟବନ୍ତଙ୍କ ଜମାତ୍‌ରେ ଦାଖଲ କରାଇଥାଏ । ଅନ୍ୟଜାତିମାନେ ଖୁଦାଙ୍କୁ ରହିମ୍ ଓ କରିମ୍ ରୂପେ ବିବେଚନା କରୁନାହାଁନ୍ତି । ଇସାଇମାନେ ତ ଖୁଦାଙ୍କୁ ଜାଲିମ୍ ବୋଲି ଜାଣନ୍ତି । ଏବଂ ପୁତ୍ରକୁ ରହିମ୍ (ଦୟାଳୁ) ଅର୍ଥାତ୍ ବାପା ତ ପାପକୁ କ୍ଷମା କରିଲା ନାହିଁ କିନ୍ତୁ ପୁତ୍ର ନିଜ ଜୀବନଦେଇ କ୍ଷମା କରାଇଲା । ବାପା ଓ ପୁତ୍ର ମଧ୍ୟରେ ଏ ପ୍ରକାରର ଫରକ ରହିବା ହେଉଛି ବଡ ମୁର୍ଖତା । ବାପ ଓ ପୁତ୍ରଠାରେ ଚରିତ୍ର ଓ ଗୁଣ ଏକାପରି ରହିଥାଏ (କିନ୍ତୁ ଏଠାରେ ତ ବିଲ୍‌କୁଲ୍ ନାହିଁ) । ଯଦି ଅଲ୍ଲାଃ ରହିମ୍ ନହୋଇଥାନ୍ତା ତେବେ ମଣିଷ ଗୋଟିଏ କ୍ଷଣ ବିତାଇପାରନ୍ତା ନାହିଁ । ଯିଏ ମଣିଷର କାର୍ଯ୍ୟ କରିବା ପୂର୍ବରୁ ହଜାର ହଜାର ବସ୍ତୁ ତା' ହିତ ସାଧନ ନିମନ୍ତେ ସୃଷ୍ଟି କରିଛି ତେବେ ଏପରି (କେବେ) ସମ୍ଭବ ହୋଇପାରେ କି ତୌବା ଏବଂ ଅମଲ୍ (କାର୍ଯ୍ୟ)କୁ ସେ ଗ୍ରହଣ କରିବନାହିଁ ।

### ପାପ ଏବଂ ତୌବାର ବାସ୍ତବିକତା

ପାପର ବାସ୍ତବିକତା ଏହା ନୁହେଁ କି ଅଲ୍ଲାଃ ପାପକୁ ସୃଷ୍ଟିକରୁ ଏବଂ ପୁଣି ହଜାର ହଜାର ବର୍ଷ ପରେ (ସେହି) ପାପକୁ କ୍ଷମା କରୁ । ଯେପରି (ମହୁ) ମାଛିର ଦୁଇଟି ଡେଣା ଥାଏ । ଗୋଟିଏରେ ଆରୋଗ୍ୟ ଓ ଅନ୍ୟଟିରେ ଜହର ଥାଏ ସେହିଭଳି ମଣିଷର ଦୁଇଟି ଡେଣା ଅଛି, ଗୋଟିଏ ପାପର ଓ ଅନ୍ୟଟି ଲଜ୍ଜା, ତୌବା ଏବଂ ଅସୁବିଧା । ଏହା ଏକ କାଇଦାର କଥା କି ଯେପରି ଜଣେ ବ୍ୟକ୍ତି ତାର ଗୁଲାମ୍‌କୁ ଭୀଷଣ ଜୋର୍‌ରେ ମାରିବା ପରେ ପୁଣି ପଶ୍ଚାତାପ କରିଥାଏ । ଅର୍ଥାତ୍ ଦୁଇଟିଯାକ ଡେଣା ଏକା ସମୟରେ (କାର୍ଯ୍ୟ) କରିଥାଏ । ବିଷ ସହିତ ଅମୃତ ରହିଛି । ଏବେ ପ୍ରଶ୍ନ ଉଠୁଛି ଯେ ବିଷ କାହିଁକି ତିଆରି ହେଲା ? ଏହାର ଉତର ହେଉଛି ଯଦିଚ ଏହା ବିଷ କିନ୍ତୁ ଏହା ଭସ୍ମହେବାପରେ ମହୋଷଧି ହୋଇଯାଏ । ଯଦି ପାପ ନଥାଆନ୍ତ ତେବେ ଉଦଣ୍ଡତା/ପ୍ରଗଲ୍ଭତାର ବିଷ ମନୁଷ୍ୟଠାରେ ବଢ଼ିଯାଇଥାଆନ୍ତା । ଫଳତଃ ସେ ନିଃଶେଷ ହୋଇଯାଇଥାଆନ୍ତା । ତୌବା ଏହାର କ୍ଷତିପୂରଣ କରିଥାଏ । ଗର୍ବ ଓ ଅହଂକାରର ବିପତିରୁ ପାପ ମନୁଷ୍ୟକୁ ବଂଚାଇ ରଖେ । ଯେତେବେଳେ ନିରୀହ ନବୀ ସତୁରୀ ଥର ଇସ୍‌ତେଗ୍‌ଫାର୍ କରିଥାନ୍ତି ତେବେ ଆମକୁ କଣ କରିବାକୁ ହେବ? ସେ (ବ୍ୟକ୍ତି) ପାପରୁ ତୌବା କରେନାହିଁ ଯିଏ ତା ଉପରେ ରାଜି ହୋଇଯାଏ । ଏବଂ ଯିଏ ପାପକୁ ପାପ ବୋଲି ମଣେ, ସେ ପରିଶେଷରେ ତାକୁ ପରିତ୍ୟାଗ କରିବ ।

ହଦିସ୍‌ରେ ଆସୁଛି ଯେ ଯେବେ ମଣିଷ ବାରମ୍ବାର କାନ୍ଦିକାନ୍ଦି ଅଲ୍ଲାଃଙ୍କ ଠାରୁ କ୍ଷମା ଚାହିଁଥାଏ ତେବେ ପରିଶେଷରେ ଖୁଦା କହିଦିଏ କି ଆମେ ତୁମକୁ କ୍ଷମା ଦେଲୁ । ଏବେ ତୋର ଯାହା ମନ ଚାହୁଁଛି ତାହା କର । ଏହାର ଅର୍ଥ ନୁହେଁ ଯେ ତାର ହୃଦୟକୁ ବଦଳାଇଦେଲା ଏବଂ ଏବେ ପାପ ତାକୁ ପ୍ରକୃତରେ ଖରାପ ମାଲୁମ୍ ହେବ ଯେପରି ମେଣ୍ଢାକୁ ମଳ ଖାଇବା ଦେଖି ଅନ୍ୟ କେହି ଇର୍ଶା କରିନଥାଏ ଯେ ସେ ମଧ୍ୟ ଖାଇବ ସେହିପରି ସେହି ବ୍ୟକ୍ତି ମଧ୍ୟ ପାପ କରିବ ନାହିଁ ଯାହାକୁ ଖୁଦା କ୍ଷମା ଦେଇଛନ୍ତି । ମୁସଲ୍‌ମାନ୍ ମାନଙ୍କୁ ଘୁଷୁରୀର ମାଂସଠାରୁ ସ୍ୱଭାବତଃ ଘୃଣା ଲାଗିଥାଏ, ଯେବେକି ଆହୁରି ଅନେକ ହଜାର ହଜାର କାର୍ଯ୍ୟ କରିଥାଏ ଯାହା ହରାମ୍ ଏବଂ ମନା କରାଯାଇଛି । ତେବେ ଏଥିରେ ହିକ୍‌ମତ୍ (ଯଥାର୍ଥତା) ଏହା ଅଛି କି ଘୃଣାଭାବର ଏକ ଦୃଷ୍ଟାନ୍ତ ତା ଭିତରେ ରଖିଦେଇଛି ଏବଂ (ତାକୁ) ବୁଝାଇଦେଇଛି ଯେ ଏହିପରି ମନୁଷ୍ୟକୁ ପାପରୁ ଘୃଣାଭାବ ହେବା ଉଚିତ୍ ।

### ଦୁଆ (ପ୍ରାର୍ଥନା) ହେଉଛି ଅମୃତ

ପାପ କରିବା ବାଲା ନିଜ ପାପର ବହୁଳତା ଇତ୍ୟାଦିର ଖିଆଲ୍ ରଖି ଦୁଆ କରିବାରୁ ନିବୃତ ରହେନାହିଁ । ଦୁଆ ହେଉଛି ଅମୃତ । ପରିଶେଷରେ ଦୁଆଦ୍ୱାରା ସେ ଦେଖିନେବ ଯେ ପାପ ତାକୁ କିପରି ଖରାପ ଲାଗୁଛି । ଯେଉଁ ଲୋକମାନେ ପାପରେ ବୁଡିରହି ଦୁଆ ଗ୍ରହଣୀୟ ହେବାରୁ ନିରାଶାରେ ରହିଥାନ୍ତି ଏବଂ ତୌବା କରିବା ପ୍ରତି ରୁଜୁ କରନ୍ତିନାହିଁ (ଫଳତଃ) ପରିଶେଷରେ ସେ ଅମ୍ବେୟା ଏବଂ ତାଙ୍କ ବିଶେଷ ଗୁଣଗୁଡିକର ଅବିଶ୍ୱାସ କରିଥାନ୍ତି ।

### ତୌବା ହେଉଛି ବୟତ୍‌ର ଅଂଶବିଶେଷ

ଏହା ହେଉଛି ତୌବା କରିବାର ବାସ୍ତବିକତା (ଯାହା ଉପରେ ବର୍ଣ୍ଣନା ହେଲା) ଏବଂ ଏହା ବୟତ୍‌ର ଅଂଶ କାହିଁକି? ତେବେ କଥା ହେଉଛି ଏହା କି ମନୁଷ୍ୟ ଅବହେଳାରେ ପଡି ରହିଛି । ଯେତବେଳେ ସେ ବୟତ୍ କରିଥାଏ ଏବଂ ଏପରି (ଲୋକଙ୍କ) ହାତରେ ଯାହାଙ୍କୁ ଅଲ୍ଲାଃତାଲା ସେହି ପରିବର୍ତନ ପ୍ରଦାନ କରିଛନ୍ତି ତେବେ ଯେପରି ଗଛରେ ପେଓ୍ୱନ୍ଦ୍ (ଗଛକୁ ଗଛ ସହିତ ଯୋଡି ରଖିବା ପାଇଁ ଗଣ୍ଠି ଲଗାଇବା)ଦ୍ୱାରା ତା'ର ଗୁଣ ପରିବର୍ତନ ହୋଇଯାଇଥାଏ । ସେହିପରି ଏହି ପେଓ୍ୱନ୍ଦ୍ ଦ୍ୱାରା ମଧ୍ୟ ତା'ଠାରେ ସେହି ଗୁଣି ଓ ଜ୍ୟୋତି ଆସିବାକୁ ଲାଗିଥାଏ (ଯାହା ସେହି ପରିବର୍ତନଶୀଳ ମନୁଷ୍ୟଠାରେ ହୋଇଥାଏ) ସର୍ତ ହେଉଛି ଏହା କି ତା ସହିତ ସଚ୍ଚା ସମ୍ବନ୍ଧ ଥିବ । ସୁଖିଲା ଡାଳ ସଦୃଶ ନହୋଇଥିବ ତାର ଡାଳ ହୋଇ ପେଓ୍ୱନ୍ଦ୍ ହୋଇଯିବ । ଯେତିକି ମାତ୍ରାରେ ଏହି ସମ୍ବନ୍ଧ ରହିବ ସେତିକି ମାତ୍ରାରେ ଲାଭ ହେବ ।

*(ମଲ୍‌ଫୁଜାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୨ରୁ୩)*

⌘⌘⌘⌘⌘⌘⌘⌘⌘⌘⌘

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## ୧୨୪ତମ ଜଲ୍‌ସାସାଲାନା କାଦିଆନ୍ ୨୦୧୮ର ରିପୋର୍ଟ୍ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୭ତମ ବର୍ଷ)

# ଜମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୪ ତମ ଜଲ୍‌ସସାଲାନାରେ ସଫଳ ଓ ବାବର୍‌କତ୍ (ବୈଭବପୂର୍ଣ୍ଣ) ଆୟୋଜନ

ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ପ୍ରେମ ଓ ଭକ୍ତିଭାବର ପଦମର୍ଯ୍ୟାଦାକୁ କେହି ପହଂଚିପାରିବେ ନାହିଁ । ଆପଣ ଆ:ସଙ୍କ ପ୍ରତ୍ୟେକ ଶବ୍ଦ ଅଲ୍ଲାଃତାଲା ଏବଂ ତା ରସୁଲ୍ ସ:ଆ:ସଙ୍କ ପ୍ରେମରେ ଉତ୍ସର୍ଗୀକୃତ ହେବାର ପ୍ରମାଣ ଅଟେ ।

ଏହି ଶେଷ ଦିନ ଗୁଡିକୁ ମଧ୍ୟ ଦରୁଦ୍ (ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମନ୍ତେ ସଲାମ୍ ପ୍ରେରଣ କରିବା)ରେ ଭରିଦିଅନ୍ତୁ ଏବଂ ନୂଆବର୍ଷର ସ୍ୱାଗତକୁ ମଧ୍ୟ ଦରୁଦ୍ ଓ ସଲାମ୍ ଦ୍ୱାରା ହିଁ କରନ୍ତୁ, ଯଦ୍ୱାରା ଆମେ ଯଥାଶିଘ୍ର ଉକ୍ତ ବର୍‌କାତ୍ ଗୁଡିକୁ ହାସଲ କରିପାରିବା ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅସ୍ତିତ୍ୱ ସହିତ ସଂଲଗ୍ନ ଅଛି ।

ମୁସ୍‌ଲିମ୍ ଟେଲିଭିଜନ୍ ଅହେମଦୀୟା ଜରିଆରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ସଦସ୍ୟମାନଙ୍କ ନିମନ୍ତେ ଜ୍ଞାନ ଓ ସାରଗର୍ଭକ ଉଦ୍‌ଜାପନୀ ଅଭିଭାଷଣ ।

*ମୁଁ ଏହି ବସ୍ତି ଅର୍ଥାତ୍ କାଦିଆନ୍‌ରେ ଖୁଦାତାଲାଙ୍କୁ ଦେଖିସାରିଛି, ମୁଁ ଇସ୍‌ଲାମ୍‌ର ସମସ୍ତ ଭବିଷ୍ୟବାଣୀ ଗୁଡିକୁ ନବୀ କରିମ୍ ସ:ଆ:ସଙ୍କ ସଚ୍ଚାସେବକଙ୍କ ହାତରେ ପୁରଣ ହେଉଥିବାର ଦେଖୁଅଛି । ଏ ପୃଥିବୀରେ ଅନେକ ଲୋକେ ମେହ୍‌ଦୀୟତ୍‌ର ଦାବୀଦାର୍ ଆସିଛନ୍ତି ଏବଂ ସେମାନେ ନିଜର ତବ୍‌ଲିଗ୍ ପୃଥିବୀରେ ପ୍ରସାର କରିବା ପାଇଁ ଭବିଷ୍ୟବାଣୀ କରିଛନ୍ତି କିନ୍ତୁ ଜଣଙ୍କ ବ୍ୟତୀତ ଆଉ କାହାର କଥା ପୂରଣ ହୋଇନାହିଁ ଏବଂ ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ବେହଶ୍‌ତି ମକ୍‌ବରାରେ ଦଫନ ହୋଇଛନ୍ତି । ତାଙ୍କ ଫଳକରେ ଏହା ଲେଖାଯାଇଛି କି ''ମଜ୍ଜାରେ ମୁବାରକ୍ ହଜ୍‌ରତ୍ ଅକ୍‌ସଦ୍ ମିର୍ଜା ଗୁଲାମ୍ ଅହମଦ୍ କାଦିଆନୀ ମସିହ୍ ମଉଦ୍ ୱ ଇମାମ୍ ମେହ୍‌ଦୀ''

*ମୁଁ ଅହେମଦୀ ଲିଟ୍‌ରେଚର୍ ଗୁଡିକୁ ଅଧ୍ୟୟନ କରିଛି ଏବଂ ଅହେମଦୀ ମୁସଲ୍‌ମାନ୍ ସହିତ ଭେଟି ଏହି ଉପନୀତରେ ପହଂଚିଛି ଯେ ଅହେମଦୀୟତ୍ ହିଁ ପ୍ରକୃତ ଇସ୍‌ଲାମ୍ ଏବଂ ଅହେମଦୀମାନେ ଅନ୍ୟ ମୁସଲ୍‌ମାନ୍ ଅପେକ୍ଷା ଅଧିକ ସତ୍ୟବାଦୀ ଓ ଉତମ ମୁସଲ୍‌ମାନ୍ ଅଟନ୍ତି ।

*ମୁଁ ଜାଣିନାହିଁ ଯେ କେତେ ଶତାବ୍ଦୀ ଆହୁରି ବିତିବାକୁ ଅଛି କିନ୍ତୁ ମୁଁ ଏକଥା ଜାଣିଛି ଯେ ଏ ପୃଥିବୀରେ ସବୁଠାରୁ ଉଚ୍ଚତମ ନାରା (ସ୍ଲୋଗାନ୍) କାଦିଆନ୍‌ର ପବିତ୍ର ବସ୍ତିର ହିଁ ଗୁଞ୍ଜରଣ ହେବ । ଇନ୍‌ଶାଅଲ୍ଲାଃ

**ଜଲ୍‌ସାସାଲାନା କାଦିଆନ୍‌ରେ ସାମିଲ୍ ହୋଇଥିବା ନୌମୁବାଇନ୍ (ନୁଆ ଅହେମଦୀ)ଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତି**

*ଜମାତ୍ ପ୍ରେମର ଯେଉଁ ବାର୍ତ୍ତାକୁ ପୃଥିବୀରେ ପ୍ରଚାର ପ୍ରସାର କରୁଅଛି ତାହା ପ୍ରଶଂସାଯୋଗ୍ୟ, ମୁଁ ହଜୁର୍ ଅନୁୱରଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ ଆପଣ ପ୍ରେମର ବାର୍ତ୍ତାକୁ ଏ ପୃଥିବୀରେ ପ୍ରଚାର କରୁଛନ୍ତି । ଆପଣଙ୍କ ଜମାତ୍ ଓ ଖଲିଫା ସାରା ପୃଥିବୀରେ ପ୍ରେମ ଓ ଆପୋଷ ଭାଇଚରାର ଶିକ୍ଷା ଦେଉଅଛନ୍ତି ଏବଂ ସମଗ୍ର ପୃଥିବୀକୁ ଧ୍ୱଂସ ମୁହଁରୁ ବଂଚାଇବା ପାଇଁ ଚେଷ୍ଟାରେ ଲାଗିଛନ୍ତି ।

*ମୁସ୍‌ଲିମ୍ ସମାଜ ସର୍ବଦା ଶିଖ୍ ଧର୍ମକୁ ମାନୁଥିବା ଲୋକମାନଙ୍କ ସହିତ ସହାନୁଭୁତି ଦେଖାଉଅଛି, ମୁସ୍‌ଲିମ୍ ସମାଜ ପ୍ରତ୍ୟେକ କଠିନ ପରିସ୍ଥିତିରେ ଆମ ସହିତ ଛିଡା ହୋଇଛି ଏବଂ ଏହି ଦୁଇଗୋଟି ଧର୍ମର ବିଶେଷତ୍ୱ ହେଉଛି ଏହା କି ଏମାନେ ଏକ ଓ ଅଦ୍ୱିତୀୟ ଇଶ୍ୱରଙ୍କ ଉପାସନା କରୁଛନ୍ତି ।

*ଏ ପୃଥିବୀରେ ଏପରି ବହୁତ କମ୍ ଜଲ୍‌ସା ହୋଇଥାଏ ଯେଉଁଠାରୁ ମାନବିକତାର ସ୍ଲୋଗାନ୍ ଗୁଞ୍ଜରଣ ହେଉଥିବ, ମାନବଜାତିର ସେବା ହେଉଛି ସବୁଠାରୁ ମହାନକାର୍ଯ୍ୟ ଯାହାକୁ ଆପଣଙ୍କ ଜମାତ୍ କରୁଅଛି ।

*ବର୍ତ୍ତମାନ ସମୟରେ ଯେଉଁଭଳି ସୁନ୍ଦର ଶୈଳୀରେ ପ୍ରେମ ଓ ଶାନ୍ତିର ବାର୍ତ୍ତା ଜମାତ୍ ତରଫରୁ ଦିଆଯାଉଅଛି ତାହା ପ୍ରଶଂସାଯୋଗ୍ୟ ।

**ଜଲ୍‌ସାସାଲାନାରେ ସାମିଲ୍ ହୋଇଥିବା କିଛି ରାଜନୈତିଜ୍ଞ ଏବଂ ଧାର୍ମିକ ବ୍ୟକ୍ତିବିଶେଷଙ୍କ ମନୋଭାବ ବ୍ୟକ୍ତ**

●୪୮ଟି ଦେଶର ପ୍ରତିନିଧିତ୍ୱ, ୧୮୮୬୪ଜଣ ସଦସ୍ୟ ଜଲ୍‌ସାରେ ସାମିଲ୍ ।
●ହଜୁର୍ ଅନୁୱରଙ୍କ ଉଦ୍‌ଜାପନୀ ଅଭିଭାଷଣ ଅବସରରେ ଲଣ୍ଡନ୍‌ରେ ୫୩୪୫ଜଣ ଅହେମଦୀ ସାମିଲ୍ ହୋଇଥିଲେ ।
●ନମାଜ ତହ୍‌ଜୁଦ୍ -ଦର୍‌ସୁଲ୍ କୁର୍‌ଆନ୍ ଏବଂ ଜିକ୍‌ରେ ଇଲାହିରେ ପରିପୁର୍ଣ୍ଣ ପରିବେଶ ●ଓଲେମା କରାମ୍‌ଙ୍କ ସାରଗର୍ଭକ ଭାଷଣ -ଜଲ୍‌ସା ପେଶ୍‌ୱାୟାନେ ମଜାହିବ୍ ଅନୁଷ୍ଠିତ ●ଅତିଥିମାନଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବବ୍ୟକ୍ତ ●ଦେଶୀ ଓ ବିଦେଶୀ ଭାଷାରେ ଜଲ୍‌ସାର ପ୍ରୋଗ୍ରାମ୍ ଗୁଡିକର ଅନୁବାଦ ●ଜମାତ୍‌ର ସଦସ୍ୟମାନଙ୍କ ଜ୍ଞାନ ବୃଦ୍ଧି କରିବା ପାଇଁ ତର୍‌ବିୟତି ବିଷୟ ଉପରେ ଆଧାରିତ ଡକ୍ୟୁମେଂଟାରୀ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀ ●୩୪ଟି ନିକାହ୍‌ର ଘୋଷଣା ●ପ୍ରିଂଟ୍ ଏବଂ ଇଲେକ୍‌ଟ୍ରୋନିକ ମିଡିଆରେ ଜଲ୍‌ସାର କଭରେଜ୍ ●ଶାନ୍ତିପୁର୍ଣ୍ଣ ଏବଂ ସୁନ୍ଦର ପରିବେଶରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ ●୧୯ ରୁ ୨୧ ଡିସେମ୍ବର୍ ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓରୁ ଆରବୀ ପ୍ରୋଗ୍ରାମ୍ *''ଇସ୍‌ମଉ ସଉତସ୍ ସମାଅ ଜାଅଲ୍ ମସିହ୍ ଜାଅଲ୍ ମସିହ୍''* ର ସିଧା ପ୍ରସାରଣ ●୩ରୁ୫ ଜାନୁଆରୀ The Messiah of the Age ବିଷୟବସ୍ତୁ ଉପରେ ଆଧାରିତ ଆଫ୍ରିକୀୟ ଦେଶଗୁଡିକ ନିମନ୍ତେ ସିଧାପ୍ରସାରଣ ।

ରିପୋର୍ଟ୍ ମନ୍‌ସୁର୍ ଅହେମଦ୍ ମସ୍‌ରୁର୍ (ମୁନ୍‌ତଜିମ୍ ରିପୋର୍ଟିଂ)

ଅଲ୍‌ହମ୍‌ଦୋଲିଲ୍ଲାଃ (ସମସ୍ତ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ) କି ଜଲ୍‌ସାସାଲାନା କାଦିଆନ୍ ବୁସ୍‌ତାନ୍ ଅହେମଦୀୟତ୍‌ର ବିଶାଳ ପ୍ରାଙ୍ଗଣରେ ତା-୨୮,୨୯,୩୦ ଡିସେମ୍ବର୍ ୨୦୧୮ ଶୁକ୍ରବାର, ଶନିବାର ଏବଂ ରବିବାର ଅନୁଷ୍ଠିତ ହୋଇ କୁଶଳ ଓ ମଙ୍ଗଳର ସହିତ ସମ୍ପାଦିତ ହେଲା । ପୃଥିବୀର ୪୮ଟି ଦେଶରୁ ଲୋକମାନେ ଆସି ଏହି ଜଲ୍‌ସାରେ ସାମିଲ୍ ହୋଇଥିଲେ ଏବଂ ମୋଟ ଉପସ୍ଥାନ ୧୮୮୬୪ ଥିଲା । ଯଦିଚ ଜଲ୍‌ସାର ପ୍ରସ୍ତୁତି ବହୁତ ପୂର୍ବରୁ ଆରମ୍ଭ ହୋଇଯାଇଥାଏ କିନ୍ତୁ ଡିସେମ୍ବର୍ ମାସ ଆରମ୍ଭ ହେବା ସହିତ ଏହାର ସମାବେଶ ଆରମ୍ଭ ହୋଇଯାଏ । ଘରେ, ମହଲାରେ ଏବଂ ଗଳିକନ୍ଦି ଗୁଡିକରେ ସଫାଇ କାର୍ଯ୍ୟ ନିମନ୍ତେ ବିଶେଷ ରୂପେ ଧ୍ୟାନ ରଖାଯାଇଥାଏ । ସାମୁହିକ ୱକାରେ ଅମଲ୍ ଜରିଆରେ ସମ୍ପୂର୍ଣ୍ଣ କାଦିଆନ୍‌ଟିକୁ ସଫା ସୁତରା କରାଯାଏ । ଜଲ୍‌ସାର କିଛିଦିନ ପୂର୍ବରୁ ହିଁ ବିଜୁଳି ଓ ଆଲୋକ ବିଭାଗ ତରଫରୁ କାଦିଆନ୍‌ର ଅହେମଦୀୟା ମହଲାର ସମସ୍ତ ଗଳି କନ୍ଦି ଓ ସଡକ ରାସ୍ତାଗୁଡିକୁ ଟ୍ୟୁବ୍ ଲାଇଟ୍ ଜରିଆରେ ଆଲୋକିତ କରାଯାଏ । ବେହଶ୍‌ତି ମକ୍‌ୱରାଃ, ଦାରୁଲ୍ ମସିହ୍, ମସ୍‌ଜିଦ୍ ମୁବାରକ୍, ମସ୍‌ଜିଦ୍ ଅକ୍‌ସା ଏବଂ ମିନାରତୁଲ୍ ମସିହ୍‌କୁ ବିଜୁଳିର ଛୋଟଛୋଟ ରଙ୍ଗବେରଙ୍ଗ ଆଲୋକ ଜରିଆରେ ବୋହୁପରି ସଜାଇ ଦିଆଯାଏ । ଜଲ୍‌ସାର ଦିନ ଯେତେ ପାଖେଇଆସେ କାଦିଆନ୍ ଦାରୁଲ୍ ଅମାନ୍‌ର ଶୋଭା ବଢ଼ିବାକୁ ଲାଗିଥାଏ ।

**ମୁଆଇନା କାର୍‌କୁନାନ୍ ୱ ଇନ୍ତେଜାମାତେ ଜଲ୍‌ସା (ଜଲ୍‌ସାର କର୍ମୀ ଓ ବିଭାଗ ଗୁଡିକର ତଦାରଖ ଓ ଅନୁଧ୍ୟାନ)**

ତା-୨୪ଡିସେମ୍ବର୍ ୨୦୧୮ରିଖ ସୋମବାର ଦିନ ଠିକ୍ ୧୦ଟା ସମୟରେ ଜଲ୍‌ସାଗାଃ ବୁସ୍‌ତାନ୍ ଅହେମଦ୍‌ଠାରେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ପ୍ରତିନିଧି ମୋକରମ୍ ଜଲାଲୁଦ୍ଦିନ୍ ନୟର୍ ସାହେବ୍ ସଭାପତି ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ଙ୍କ ସଭାପତିତ୍ୱରେ ମୁଆଇନା କାର୍‌କୁନାନ୍‌ର ଉତ୍ସବ ଅନୁଷ୍ଠିତ ହେଲା । ଏହି ଉତ୍ସବର କାର୍ଯ୍ୟକ୍ରମ ପବିତ୍ର କୋରାନ୍ ପାଠ ଦ୍ୱାରା ଆରମ୍ଭ ହେଲା । ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷାର୍ଥି ଅଜିଜ୍ ଗୁଲିସ୍ତାନ୍ ଅହେମଦ୍ ସୁରଃ ବକ୍‌ରାଃର ଶେଷ ତିନିଗୋଟି ଆୟତ ପାଠକଲେ ଏବଂ ତା'ର ଅନୁବାଦ ମଧ୍ୟ ଉପସ୍ଥାପନ କଲେ । ଏହାପରେ ହଜୁର୍ ଅନୁୱରଙ୍କ ପ୍ରତିନିଧି ଅଭିଭାଷଣ ପ୍ରଦାନ କଲେ । ସେ ସମସ୍ତ କାର୍‌କୁନ୍ ଏବଂ ସ୍ୱେଚ୍ଛାସେବକମାନଙ୍କୁ ଜଲ୍‌ସାସାଲାନା କାଦିଆନ୍ ୨୦୧୮ର ଶୁଭେଚ୍ଛା ଜଣାଇଲେ କି ଯେଉଁମାନେ କେବଳ ହଜ୍‌ରତ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କ ସେବା ମନୋଭାବନେଇ ଏଠାରେ ଏକତ୍ରିତ ହୋଇଛନ୍ତି । ସେ ଆଁ ହଜ୍‌ରତ୍ ସ:ଆ:ସ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିପରାୟଣତାର ସୁନ୍ଦର ଘଟଣାବଳୀ ଗୁଡିକୁ ଉପଦେଶ ଆକାରରେ ସମସ୍ତ କାର୍‌କୁନ୍‌ମାନଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

**''ମାଲି କୁର୍ବାନୀ କରିବା ହେଉଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜମାତ୍‌ର ଏକ ସ୍ୱତନ୍ତ୍ର ଗୁଣ''**

ବର୍ଷର ପ୍ରକୃତ ମୁବାରକ୍‌ବାଦ୍ ହେଉଛି ଏହା କି ଆମେ ଏ ପ୍ରତିଜ୍ଞା କରିବା ଯେ ଅଲ୍ଲାଃତାଲା ଆମକୁ ଯେଉଁ ଆଉ ଏକ ନୂଆବର୍ଷର ସୂର୍ଯ୍ୟ ଦେଖାଇଛନ୍ତି, ସେଥିରେ ଦାଖଲ କରାଇଛନ୍ତି ତେବେ ସେଥିରେ ଆମେ ଆମ ନିଜ ଭିତରେ ଥିବା ଦୁର୍ବଳତା ଏବଂ ଅନ୍ଧକାରକୁ ଦୂର କରିବା ପାଇଁ ଚେଷ୍ଟା କରିବା । ବିଗତବର୍ଷରେ ଯେଉଁ ଦୁର୍ବଳତା ଓ ଅବହେଳା ହୋଇଯାଇଛି ତାହା ସବୁ ଦୂର କରିବା ପାଇଁ ଆମେ ଏବର୍ଷ ପ୍ରତିଜ୍ଞା କରିବା । ନିଜ ଭିତରେ ପୂର୍ବଠାରୁ ବଳି ସେହି ପବିତ୍ର ପରିବର୍ତନ ସୃଷ୍ଟିକରିବା ପାଇଁ ଚେଷ୍ଟା କରିବା ଯାହାକୁ ଲାଭ କରିବା ପାଇଁ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ବୟତର ପ୍ରତିଶ୍ରୁତି ବାନ୍ଧିଛେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଏହା ବର୍ଣ୍ଣନା କରୁଛନ୍ତି କି ଜଣେ ଅହେମଦୀକୁ କିପରି ହେବା ଉଚିତ୍ ।

ନୂଆ ବର୍ଷର ଶୁଭାରମ୍ଭର ପ୍ରଥମ ରାତିରେ ତହଜ୍ଜୁଦ୍ ଏବଂ ବାଜମାତ୍ ଫଜର୍ ନମାଜ ପାଠ କରିବା ଦ୍ୱାରା ବର୍ଷଯାକର ପୁଣ୍ୟ ହୋଇଯାଇନଥାଏ ବରଂ ଏହି ଚେଷ୍ଟାକୁ ବର୍ଷସାରା ଯଥସମ୍ଭବ ଜାରି ରଖିବା ହେଉଛି ଅସଲ ପୁଣ୍ୟ ।

ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପବିତ୍ର କୋରାନ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶାବଳୀ ଓ ନିତୀବାଣୀର ଆଲୋକରେ ମାଲି କୁର୍ବାନୀ କରିବାର ବିଶେଷ ଜ୍ଞାନ ଆମକୁ ପ୍ରଦାନ କରିଛନ୍ତି । ମାଲି କୁର୍ବାନୀ ଆମକୁ ଲାଭ ପହଂଚାଇବା ପାଇଁ ହୋଇଥାଏ ।

ମୁଖାଲିଫ୍ (ବିରୋଧିମାନେ) ଜମାତ୍‌କୁ ନିଃଶେଷ କରିବାକୁ ଚାହୁଁଥିଲେ କିନ୍ତୁ ଏହି ମୁଖାଲିଫତ୍ କିଛି ଅହେମଦୀଙ୍କୁ ଇମାନ୍‌ରେ ପୂର୍ବଠାରୁ ଅନେକଗୁଣା ବଢ଼ାଇଦେଲା ।

ଆମର କାମ ହେଉଛି ନିଜକୁ ସୁଧାରିବା, ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ହେବା ଓ ଅଧିକରୁ ଅଧିକ ତବ୍‌ଲିଗ୍ କରିବା ପାଇଁ ଧ୍ୟାନ ଦେବା, କୁର୍ବାନୀ କରିବା ପ୍ରତି ମଧ ଧ୍ୟାନଦେବା ଏବଂ ଇସ୍‌ଲାମ୍‌ର ବାସ୍ତବିକତାକୁ ପୃଥିବୀବାସୀଙ୍କ ନିମନ୍ତେ ସ୍ପଷ୍ଟ କରିଦେବା ।

ଅଲ୍ଲାଃତାଲା ସମସ୍ତ ଦେଶର ୱକ୍‌ଫେ ଜଦିଦ୍‌ରେ ସାମିଲ୍ ହୋଇଥିବା ଲୋକମାନଙ୍କ ଧନଜନରେ ବର୍‌କତ୍ ପ୍ରଦାନ କରନ୍ତୁ ଏବଂ ଆସନ୍ତାକୁ ମଧ ଉତ୍ତମ କୁର୍ବାନୀ ପେଶ୍ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ବିଶ୍ୱ ସ୍ତରରେ ଜମାତ୍ ଗୁଡିକର ପୋଜିସନ୍ ଦୃଷ୍ଟିକୋଣରୁ ପାକିସ୍ତାନ୍ ଏକନମ୍ବରରେ ଏବଂ ତାପରେ ବ୍ରିଟେନ୍, ଜର୍ମାନୀ ଏବଂ ଆମେରିକା ରହିଛି । ମୁଣ୍ଡପିଛା ଚାନ୍ଦା ପଇଠ କରିଥିବା ଦୃଷ୍ଟିକୋଣରୁ ଆମେରିକା, ଆଫ୍ରିକୀୟ ଦେଶଗୁଡିକରେ ମୋଟ ଉସୁଲ୍ ହୋଇଥିବା ଦୃଷ୍ଟିକୋଣରୁ ଘାନା ସର୍ବାଗ୍ରେ ରହିଛି, ଆଫ୍ରିକାର ବିଭିନ୍ନ ଦେଶଗୁଡ଼ିକରେ ତହରୀକ୍ ଯଦିଦ୍‌ରେ ସାମିଲ୍ ହୋଇଥିବା ଲୋକମାନଙ୍କର ବୃଦ୍ଧି ଦୃଷ୍ଟିକୋଣରୁ ଉଦାହରଣୀୟ କାର୍ଯ୍ୟ, ବିଭିନ୍ନ ପାର୍ଶ୍ୱରୁ ପାକିସ୍ତାନ୍, ବ୍ରିଟେନ୍, ଜର୍ମାନୀ, ଆମେରିକା, କାନାଡା, ଇଣ୍ଡିଆ ଏବଂ ଅଷ୍ଟ୍ରେଲିଆର ଉଦାହରଣୀୟ ବଳିଦାନ କରିଥିବା ଜମାତ୍ ଗୁଡିକର ଅନୁଶୀଳନ ।

ୱକ୍‌ଫେ ଯଦିଦ୍‌ର ଏକଶଠୀତମ ବର୍ଷର ବୈଭବପୂର୍ଣ୍ଣ ପରିସମାପ୍ତି ଏବଂ ନୂତନବର୍ଷର ଘୋଷଣା ଅବସରରେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଲୋକେ ପୃଥିବୀର ବିଭିନ୍ନ ଦେଶଗୁଡିକ ସହିତ ସମ୍ପର୍କ ରଖିଥିବା ଜମାତ୍ ଅହେମଦୀୟାର ନିଷ୍ଠାବାନ୍ ବ୍ୟକ୍ତିମାନଙ୍କ ମାଲି କୁର୍ବାନୀର ବିଶ୍ୱାବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା ଏବଂ ନୂତନ ବର୍ଷର ବାସ୍ତବିକ ଅଭିନନ୍ଦନର ତାତ୍ପର୍ଯ୍ୟ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ
## (ପ୍ରଦତ୍ତ: ୦୪ ଜାନୁଆରୀ ୨୦୧୮ ଅନୁଯାୟୀ ୦୪ ସୁଲାହ୍ ୧୩୯୮ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ଆଜି ୨୦୧୯ ମସିହାର ପ୍ରଥମ ଜୁମା । ଏ ପ୍ରସଙ୍ଗରେ ମୁଁ ପୃଥିବୀର ସମସ୍ତ ଅହେମଦୀମାନଙ୍କୁ ସର୍ବପ୍ରଥମେ ନୂଆବର୍ଷର ମୁବାରକ୍‌ବାଦ୍ (ଅଭିନନ୍ଦନ) ଦେବାକୁ ଚାହୁଁଛି । ଅଲ୍ଲାଃତାଲା ଏ ବର୍ଷଟି ଆମପାଇଁ ମୁବାରକ୍ କରନ୍ତୁ ଏବଂ ଅଗଣତି ସଫଳତା ନେଇ ଆସନ୍ତୁ । କିନ୍ତୁ ଆମକୁ ମଧ ଏକଥା ମନେରଖିବା ଉଚିତ୍ ହେବ କି କେବଳ ପ୍ରଥାନୁସାରେ ମୁବାରକ୍‌ବାଦ୍ କହିଦେବାରେ କୌଣସି ଲାଭନାହିଁ ନା ପ୍ରଥାନୁସାରେ ଦିଆଯାଉଥିବା ମୁବାରକ୍‌ବାଦ୍ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ହାସଲ କରାଇପାରିବ । ବର୍ଷର ପ୍ରକୃତ ମୁବାରକ୍‌ବାଦ୍ ହେଉଛି ଏହା କି ଆମେ ଏ ପ୍ରତିଜ୍ଞା କରିବା ଯେ ଅଲ୍ଲାଃତାଲା ଆମକୁ ଯେଉଁ ଆଉ ଏକ ନୂଆବର୍ଷର ସୂର୍ଯ୍ୟ ଦେଖାଇଛନ୍ତି, ସେଥିରେ ଦାଖଲ କରାଇଛନ୍ତି ତେବେ ସେଥିରେ ଆମେ ଆମ ନିଜ ଭିତରେ ଥିବା ଦୁର୍ବଳତା ଏବଂ ଅନ୍ଧକାରକୁ ଦୂର କରିବା ପାଇଁ ଚେଷ୍ଟା କରିବା । ବିଗତବର୍ଷରେ ଯେଉଁ ଦୁର୍ବଳତା ଓ ଅବହେଳା ହୋଇଯାଇଛି ତାହା ସବୁ ଦୂର କରିବା ପାଇଁ ଆମେ ଏବର୍ଷ ପ୍ରତିଜ୍ଞା କରିବା । ନିଜ ଭିତରେ ପୂର୍ବଠାରୁ ବଳି ସେହି ପବିତ୍ର ପରିବର୍ତନ ସୃଷ୍ଟିକରିବା ପାଇଁ ଚେଷ୍ଟା କରିବା ଯାହାକୁ ଲାଭ କରିବା ପାଇଁ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ବୟତର ପ୍ରତିଶ୍ରୁତି ବାନ୍ଧିଛେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ଏହା ବର୍ଣ୍ଣନା କରୁଛନ୍ତି କି ଜଣେ ଅହେମଦୀକୁ କିପରି ହେବା ଉଚିତ୍ । ଆପଣ ଆ:ସ କହୁଛନ୍ତି କି:-

''ମଣିଷକୁ ବୟତ କରି କେବଳ ଏତିକି ମାନିନେବା ଉଚିତ୍ ନୁହେଁ କି ଏହି ସିଲ୍‌ସିଲା ହେଉଛି ସତ୍ୟ ଏବଂ ଏତିକି ମାନିନେବା ଦ୍ୱାରା ତାକୁ ବର୍‌କତ୍ ପହଂଚିଯିବ'' । କହୁଛନ୍ତି କି ''.....ଚେଷ୍ଟା କର ଯେ ଯେବେ ଏହି ସିଲ୍‌ସିଲାରେ ଦାଖିଲ୍ ହୋଇଛ ତେବେ ପୁଣ୍ୟବାନ୍ ହୁଅ, ମୁତ୍ତକି ହୁଅ, ପ୍ରତ୍ୟେକ କୁକର୍ମରୁ ବଂଚ । .....ଦିନ ରାତି ତଜରରୁ (ଇଶ୍ୱରଙ୍କ ନିକଟରେ ବ୍ୟାକୁଳତାର ସହିତ ପ୍ରାର୍ଥନା କରିବା)ରେ ଲାଗିରୁହ....ଭାଷାକୁ ନମ୍ର ରଖ । ଇସ୍‌ତେଗ୍‌ଫାର୍‌କୁ ନିଜ ଅଭ୍ୟାସରେ ପରିଣତ କର । ନମାଜରେ ଦୁଆ କର'' ନମାଜରେ ଦୁଆ ସେତେବେଳେ ହେବ ଯେତେବେଳେ ନମାଜ୍‌ର ହକ୍‌କୁ ପ୍ରଦାନକାରୀ ହେବ । ତାକୁ ନିୟମିତ ପଢୁଥିବ । କହୁଛନ୍ତି କି ''.... କେବଳ ମାନିନେବା ମଣିଷର କାମରେ ଆସେନାହିଁ... ଖୁଦାତାଲା କେବଳ କଥା ଦ୍ୱାରା ରାଜି ହୁଏନାହିଁ । ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ଇମାନ୍ ସହିତ ଅମଲେ ସ୍ୱାଲେହା (ଉଚିତ୍ କର୍ମ)କୁ ମଧ ରଖିଛନ୍ତି'' । କହୁଛନ୍ତି- ''ଅମଲେ ସ୍ୱାଲେହା ତାକୁ କୁହାଯାଏ ଯେଉଁଥିରେ ଗୋଟିଏ ଅଣୁ ସମାନ ବିଭ୍ରାଟ ନଥିବ'' ।

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃଷ୍ଠା-୨୭୪-୨୭୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ସୁତରାଂ ଏହା ହେଉଛି ସ୍ତର, ଏହି କାର୍ଯ୍ୟ ପଦ୍ଧତି ଯାହା ଉପରେ ଯଦି ଆମେ ଏ ବର୍ଷ ପରିଚାଳିତ ହେବା, ଏହି କଥାଗୁଡ଼ିକ ପ୍ରାପ୍ତ କରିବା ନିମନ୍ତେ ନିଜର ସମସ୍ତ ସାମର୍ଥ୍ୟକୁ ବ୍ୟବହାର କରିବା ପାଇଁ ଚେଷ୍ଟା କରିବା ତେବେ ନିଶ୍ଚିତ ରୂପେ ଏବର୍ଷ ଆମପାଇଁ ମୁବାରକ୍ ଏବଂ ଅନେକ ଗୁଡିଏ ବର୍‌କତ୍ ଆଣିବାର ବର୍ଷ ହେବ । ଯଦି ଏପରି ନାହିଁ ଯେପରି ମୁଁ କହିଲି (ତେବେ) ଆମର ଏ ନୂଆବର୍ଷର ମୁବାରକ୍‌ବାଦ୍ (ଅଭିନନ୍ଦନ) କେବଳ ଏକ ପ୍ରଥା ଅଭିନନ୍ଦନ ହେବ । ନୂଆବର୍ଷର ପ୍ରାରମ୍ଭର ପ୍ରଥମ ରାତିରେ ତହଜ୍ଜୁଦ୍ ଏବଂ ବାଜମାତ୍ ଫଜର୍ ନମାଜ ପଢ଼ିନେବା ବର୍ଷଯାକର ପୁଣ୍ୟ ଉପରେ ପ୍ରଭାବ ପକାଇନଥାଏ ବରଂ ଏହି ଚେଷ୍ଟାକୁ ଯଥାସମ୍ଭବ ବର୍ଷସାରା ଜାରି ରଖିବା ହେଉଛି ଅସଲ ପୁଣ୍ୟ । ଅଲ୍ଲାଃତାଲା ଆମକୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ବାସ୍ତବରେ ଆମ ନିଜ ଜୀବନରେ ମଧ ଏହିବର୍ଷ ଅଗଣତି ବୈଭବ ନେଇଆସୁ ଏବଂ ଜମାତ୍‌ର ଅସାଧାରଣ ଉନ୍ନତି ମଧ ଆମେ ଦେଖିବାବାଲା ହେଉ ।

ଏହାପରେ ଏବେ ମୁଁ ଆଜିର ଦ୍ୱିତୀୟ ବିଷୟ ଆଡକୁ ଆସୁଅଛି ଯେପରିକି ଆମେ ସମସ୍ତେ ଜାଣିଛେ ଯେ ଜାନୁୟାରୀରୁ ୱକ୍‌ଫେ ଯଦିଦ୍‌ର ବର୍ଷ ଆରମ୍ଭ ହୋଇଥାଏ । ତେଣୁ ଜାନୁଆରୀର ପ୍ରଥମ ବା ଦ୍ୱିତୀୟ ଖୁତ୍‌ବାରେ ସାଧାରଣତଃ ୱକ୍‌ଫେ ଯଦିଦ୍‌ର ବର୍ଷର ଘୋଷଣା କରାଯାଇଥାଏ । ଅଲ୍ଲାଃତାଲାଙ୍କ କରୁଣା ବଳରୁ ମାଲି କୁର୍ବାନୀ କରିବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜମାତ୍‌ର ଗୋଟିଏ ବିଶେଷ ସ୍ୱତନ୍ତ୍ର ଗୁଣ । ଏବଂ କାହିଁକି ନହେବ । ଏ ଯୁଗରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପବିତ୍ର କୋରାନ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ହୁକୁମ୍ ଓ ନିର୍ଦ୍ଦେଶାବଳୀର ଆଲୋକରେ ଏହି ମାଲି କୁର୍ବାନୀର ବିଶେଷ ଜ୍ଞାନ ଆମକୁ ପ୍ରଦାନ କରିଛନ୍ତି । ପବିତ୍ର କୋରାନ୍‌ରେ ଅନେକ ସ୍ଥାନରେ ଅଲ୍ଲାଃତାଲା (ଆମକୁ) ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ଏହା ଏଥିପାଇଁ ନୁହେଁ ଯେ ଆମ ଧନସମ୍ପତିର ଆବଶ୍ୟକତା ଅଲ୍ଲାଃତାଲାଙ୍କ ଅଛି ବରଂ ଏଇଥିପାଇଁ (ଅଛି କି) ଏହାଦ୍ୱାରା ଆମକୁ ଲାଭ ପହଂଚୁଛି । ଏବଂ ସାମୁହିକ ଦୃଷ୍ଟିକୋଣରୁ ଆମେ ଜମାତ୍‌ର ଉନ୍ନତିକୁ ମଧ ଦେଖିପାରୁଛେ । (ଏହାଦ୍ୱାରା) ଜମାତ୍‌କୁ ମଧ ଲାଭ ପହଂଚୁଛି । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି କି- *ଫତ୍ତକୁଲ୍ଲାହା ମସ୍‌ତତଅ୍‌ତୁମ୍ ୱସ୍‌ମଉ ୱଅତିଉ ୱ ଅନ୍‌ଫିକୁ ଖଇରଲ୍ ଲିଅନ୍‌ଫୁସିକୁମ୍ । ୱ ମୈଁ ୟୁକା ଶୁହ୍‌ହା ନଫ୍‌ସିହି ଫଉଲାଇକା ହୁମୁଲ୍ ମୁଫ୍‌ଲିହୁନ୍ ।* (ତଗାବୁନ୍:୧୭)

ଅର୍ଥାତ୍-ଯଥା ସମ୍ଭବ ଅଲ୍ଲାଃଙ୍କ ଭୟ କର ଏବଂ ତାହାଙ୍କର ବାଣୀ ଶ୍ରବଣକର ଓ ତାହାଙ୍କର ଆଜ୍ଞା ପାଳନ କର ଏବଂ ନିଜ ଧନସମ୍ପତି (ତାହାଙ୍କ ଉଦ୍ଦେଶ୍ୟରେ) ବ୍ୟୟ କର; ଏହା ତୁମମାନଙ୍କ ପକ୍ଷରେ ଉତ୍ତମ ହେବ; ଏବଂ ଯେଉଁ ଲୋକମାନେ ନିଜ ହୃଦୟକୁ କୃପଣତାରୁ ରକ୍ଷା କରନ୍ତି ସେମାନେ ସଫଳ ହୁଅନ୍ତି । ପୁଣି ତା ପର ଆୟତଟିରେ ଅଲ୍ଲାଃତାଲା କହୁଛନ୍ତି-*ଇନ୍ ତୁକ୍‌ରିଜୁଲ୍ଲାହା କର୍‌ଜନ୍ ହସନୌଁ ୟୁଜାଇଫହୁ ଲକୁମ୍ ୱ ୟଗ୍‌ଫିର୍ ଲକୁମ୍ ୱଲ୍ଲାହୁ ଶକୁରୁନ୍ ହଲିମ୍* - (ତଗାବୁନ୍:୧୮) ଅର୍ଥାତ୍ ଯଦି ତୁମେମାନେ ଅଲ୍ଲାଃଙ୍କ ନିମନ୍ତେ ନିଜ ଧନସମ୍ପତିରୁ ଏକ ଉତ୍ତମ ଅଂଶ ପୃଥକ କରି ରଖ, ତେବେ ସେ ଏହି ଅଂଶକୁ ତୁମମାନଙ୍କ ସକାଶେ ବୃଦ୍ଧି କରିବେ ଓ ତୁମମାନଙ୍କ ସକାଶେ କ୍ଷମାର ସାମଗ୍ରୀ ସୃଷ୍ଟି କରିବେ; ଏବଂ ଅଲ୍ଲାଃ ଅତ୍ୟନ୍ତ ଗୁଣଗ୍ରାହୀ (ଓ) ସହନଶୀଳ ।

ତେଣୁ ଅଲ୍ଲାଃତାଲା ଆହୁରି ଅଧିକା କରି ଦେଇଥାଏ ଯିଏ ତା ମାର୍ଗରେ ଖର୍ଚ୍ଚ କରେ ।

ଏହି ମାଲି କୁର୍ବାନୀ ଦ୍ୱାରା ବ୍ୟକ୍ତିଗତ ଲାଭ ମଧ୍ୟ ହୋଇଥାଏ ଓ ଜମାତ୍‌ର ଉନ୍ନତି ମଧ୍ୟ ହୋଇଥାଏ । ପୁଣି ସାମୁହିକ ଉନ୍ନତିର ମଧ୍ୟମ ମଧ୍ୟ ହୋଇଥାଏ । ସେହିପରି ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି କି ଲୋଭ କରନାହିଁ । ଏହି ଲୋଭ ହିଁ ପୂର୍ବରୁ ଥିବା ଜାତିଗୁଡିକୁ ନିଃଶେଷ କରିଛି । (ସୁନନେ ଅବୁଦାଉଦ୍, କିତାବୁଜ୍ ଜକାତ୍.....ହଦିସ୍ ୧୬୯୮) ସେହିପରି ଆପଣ ସ:ଆ:ସ ଆଉଗୋଟିଏ ଅବସରରେ କହୁଛନ୍ତି କି ଅଗ୍ନିରୁ ବଂଚ, ଯଦିଚ ଅଧା ଖଜୁର୍ ଖର୍ଚ୍ଚ କରିବା ସାମର୍ଥ୍ୟ ଅଛି । (ସହିବୁଖାରୀ, କିତାବୁଜ୍ ଜକାତ୍....ହଦିସ୍ ୧୪୧୭)

ଅଲ୍ଲାଃତାଲାଙ୍କ ମାର୍ଗରେ ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନିତ କରିବା ପାଇଁ ଏହି ମାମୁଲି ଖର୍ଚ୍ଚା କରିବା ଦ୍ୱାରା ମଧ୍ୟ ଅଲ୍ଲାଃତାଲା ଅଗ୍ନିରୁ ବଂଚାଇଥାଏ । ସୁତରାଂ ଏହି ମାଲି କୁର୍ବାନୀ ଆମକୁ ଲାଭ ପହଂଚାଇବା ପାଇଁ ରଖାଯାଇଛି । ଏହି ମାଲି କୁର୍ବାନୀର ଗୁରୁତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି:-

''ତୁମ୍ଭପାଇଁ ଏହା ସମ୍ଭବ ନୁହେଁ ଯେ ଧନକୁ ମଧ୍ୟ ଭଲପାଓ ଓ ଇଶ୍ୱରକୁ ମଧ୍ୟ । କେବଳ ଜଣକୁ ଭଲପାଇପାରିବ'' । କହୁଛନ୍ତି:- ''ସୁତରାଂ ସୌଭାଗ୍ୟଶାଳୀ ବ୍ୟକ୍ତି ହେଉଛି ସେ ଯିଏ ଇଶ୍ୱରଙ୍କୁ ଭଲପାଏ । ଏବଂ ଯଦି ତୁମମାନଙ୍କ ମଧ୍ୟରେ କେହି ଇଶ୍ୱରକୁ ଭଲପାଏ ଏବଂ ତା ମାର୍ଗରେ ଧନ ଖର୍ଚ୍ଚ କରିବ ତେବେ ମୁଁ ଏ ବିଶ୍ୱାସ ରଖିଛି ଯେ ତା ଧନସମ୍ପତିରେ ମଧ୍ୟ ଅନ୍ୟମାନଙ୍କ ତୁଳନାରେ ଅଧିକ ବର୍‌କତ୍ (ବୈଭବ) ପ୍ରଦାନ କରାଯିବ । କାରଣ ଧନ ଆପଣା ଛାଏଁ ଆସିନଥାଏ ବରଂ ଖୁଦାଙ୍କ ଇଛାରେ ଆସିଥାଏ । ତେଣୁ ଯେଉଁ ବ୍ୟକ୍ତି ଖୁଦାଙ୍କ ନିମନ୍ତେ ଧନର କିଛି ଭାଗ ଛାଡିଥାଏ ସେ ତାକୁ ନିଶ୍ଚିତ ରୂପେ ପାଇବ କିନ୍ତୁ ଯେଉଁ ବ୍ୟକ୍ତି ନକୁ ଭଲପାଇ ଖୁଦାଙ୍କ ମାର୍ଗରେ ଏପରି ସେବା କରୁନାହିଁ ଯାହା ତାକୁ କରିବା ଉଚିତ୍ ତେବେ ସେ ନିଶ୍ଚିତ ରୂପେ ଉକ୍ତ ଧନକୁ ସେ ହରେଇବ'' । ନଷ୍ଟ ହୋଇଯିବ । କହୁଛନ୍ତି କି ''ଏକଥା ଭାବନାହିଁ ଯେ ଧନ ତୁମ ଚେଷ୍ଟା ଦ୍ୱାରା ହିଁ ଆସୁଅଛି ବୋଲି ବରଂ ତାହା ଖୁଦାତାଲାଙ୍କ ତରଫରୁ ହିଁ ଆସୁଅଛି । ଏବଂ ଏକଥା ଭାବନାହିଁ ଯେ ତୁମେ ତୁମ ଧନର କିଛି ଭାଗଦେଇ ବା ଅନ୍ୟ କୌଣସି ଉପାୟରେ ସେବା କରି ତା ଦୂତଙ୍କ ଉପରେ କିଛି ଅନୁଗ୍ରହ କରୁଅଛି ବୋଲି ବରଂ ଏ ତାର ଅନୁଗ୍ରହ ଯେ ତୁମକୁ ଏହି ସେବାପାଇଁ ଡାକୁଅଛି'' କହୁଛନ୍ତି ''.... ତୁମେ ନିଶ୍ଚିତ ରୂପେ ଜାଣିରଖ ଯେ (ସମସ୍ତ) କାର୍ଯ୍ୟ ଆକାଶରୁ ହିଁ ନିର୍ଦ୍ଧାରିତ ହୋଇଥାଏ ଏବଂ ତୁମର ସେବା କେବଳ ତୁମପାଇଁ ହିଁ ଉଦ୍ଦିଷ୍ଟ'' । (ମଜ୍‌ମୁଆ ଇଶ୍‌ତେହାରାତ୍, ଖଣ୍ଡ-୩, ପୃଷ୍ଠା-୪୯୭-୪୯୮)

ଅଲ୍ଲାଃତାଲାଙ୍କ କରୁଣାରୁ କୁର୍ବାନୀ ଦେବା ଏବଂ ସେବା କରିବାର ସେହି ଆତ୍ମାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ୍ କରିଥିବା ଲୋକମାନେ ବୁଝିଛନ୍ତି ଏବଂ ଖୁବ୍ ବୁଝିଛନ୍ତି ଏବଂ ବଢ଼ିଚଢ଼ି କରି କୁର୍ବାନୀ କରିବା ପ୍ରତି ଧ୍ୟାନ ଦେଉଛନ୍ତି ନା କେବଳ ଏହା କି ଯେଉଁମାନେ ବହୁ ଦିନ ହେବ ଅହେମଦୀୟତ୍‌କୁ ଗ୍ରହଣ କରିଛନ୍ତି ବରଂ ନୌମୁବାଇନ୍ (ନୂଆ ଅହେମଦୀମାନେ) ମଧ୍ୟ ବୟତ୍ କରିବା ପରେ ଏହି ମାଲି କୁର୍ବାନୀର ଆତ୍ମା ଏବଂ ବାସ୍ତବିକତାକୁ ବୁଝିଛନ୍ତି । ଏପରି ଲୋକେ ଅଛନ୍ତି ଯେଉଁମାନେ ଅତ୍ୟନ୍ତ ଗରୀବ ଅବସ୍ଥାରେ ଦିନ କାଟୁଛନ୍ତି କିନ୍ତୁ ମାଲି କୁର୍ବାନୀ କରିବାରେ ସେମାନେ କାହା ପଛରେ ରହିବାକୁ ଚାହୁଁନାହାଁନ୍ତି । ସେହିଭଳି କୁର୍ବାନୀ କରୁଛନ୍ତି । ଯେଉଁଭଳି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରେ ଆପଣ ଆ:ସଙ୍କ ସାହାବାମାନେ କରିଛନ୍ତି । କେତେକଙ୍କର ଏପରି ଦୃଷ୍ଟାନ୍ତ ମଧ୍ୟ ରହିଛି ଯାହାଙ୍କ ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେ ସମୟରେ କହିଥିଲେ ଯେ ମୁଁ ନିଜ ଜମାତ୍ (ଲୋକମାନଙ୍କ)ର ପ୍ରେମ ଏବଂ ନିଷ୍ଠାରେ ଆଶ୍ଚର୍ଯ୍ୟ ହେଉଛି ଯେ ସେମାନଙ୍କ ମଧ୍ୟରେ ଅତ୍ୟନ୍ତ କମ୍ ରୋଜଗାରକ୍ଷମ ଲୋକେ ଅଛନ୍ତି । ପୁଣି ଆପଣ ଆ:ସ ଦୃଷ୍ଟାନ୍ତ ଦେଇ କହୁଛନ୍ତି କି ଯେପରି ମିଆଁ ଜମାଲୁଦ୍ଦିନ୍ ଏବଂ ଖୈରୁଦ୍ଦିନ୍ ଏବଂ ଇମାମୁଦ୍ଦିନ୍ କଶ୍ମୀରି । କହୁଛନ୍ତି କି ଏମାନେ ମୋ ଗାଁ ପାଖର ଲୋକେ । ଏହି ତିନିଜଣ ଭାଇ ଯେଉଁମାନେ ବୋଧହୁଏ ପ୍ରତ୍ୟେକ ଦିନ ତିନି ଚାରି ଅଣା ପଇସା ମଜୁରୀ କରି ଆଣୁଛନ୍ତି (କିନ୍ତୁ) ବହୁତ ଉତ୍ସାହିତ ହୋଇ ମାସକୁ ମାସ ଚାନ୍ଦା ଦେଉଛନ୍ତି (ଏବଂ ପ୍ରତ୍ୟେକ) ଚାନ୍ଦାରେ ଭାଗ ନେଉଛନ୍ତି । (ଉଦ୍ଧୃତ ଜମିମା ରିସାଲା ଅନ୍‌ଜାମେ ଆଥମ୍, ରୁହାନି ଖଜାଏନ୍, ଖଣ୍ଡ-୧୧, ପୃଷ୍ଠା-୩୧୩, ହାଶିୟା)

ସେ ସମୟରେ ଉକ୍ତ ପୁଣ୍ୟବାନ୍ ଲୋକମାନଙ୍କର ଯେଉଁ ବଳିଦାନ ଥିଲା ଆଜି ସେମାନଙ୍କ ସନ୍ତାନମାନେ ଓ ସେମାନଙ୍କର ପିଢ଼ୀମାନେ (ତା ଫଳସ୍ୱରୂପ) ସୁଖରେ ଜୀବନଯାପନ କରୁଛନ୍ତି । ଯେପରିକି ମୁଁ କହିସାରିଛି ଯେ ଏହି ରୁହ୍ (ଆତ୍ମା) ଆଜି କିଛି ସ୍ଥାନରେ ଆମ ଭିତରେ ମଧ୍ୟ ଦୃଷ୍ଟିଗୋଚର ହେଉଅଛି ବରଂ ବହୁତ ସ୍ଥାନରେ ଏବଂ ଦୂରଦୁରାନ୍ତ ଇଲାକାରେ ରହୁଥିବା ଗରିବ ଲୋକଙ୍କ ନିକଟରେ ଦୃଷ୍ଟିଗୋଚର ହେଉଅଛି ଯେଉଁମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କଠାରୁ ଶହେ ବର୍ଷ ପରେ ଜନ୍ମ ହୋଇଛନ୍ତି ବା ଅହେମଦୀ ହୋଇଛନ୍ତି ଏବଂ କେବେ ଖଲିଫାଙ୍କ ସହିତ ପ୍ରତ୍ୟକ୍ଷ ରୂପେ ସାକ୍ଷାତ୍ ମଧ୍ୟ କରିନାହାଁନ୍ତି କିନ୍ତୁ ଦୀନ୍‌ର ପ୍ରେମ, ଖିଲାଫତ୍‌ର ଆଜ୍ଞାବହତା, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଭକ୍ତଭାବର ପ୍ରତିଶୃତି, ବୟତ୍‌ର ପ୍ରତିଶୃତି ଏବଂ ଦୀନ୍ ଖାତିର୍ କୁର୍ବାନୀ କରିବାର ମନୋଭାବ ସେମାନଙ୍କ ନିକଟରେ ଏତେମାତ୍ରାରେ ଅଛି କି ଆଶ୍ଚର୍ଯ୍ୟ ଲାଗୁଛି । ଯଦି କେବଳ ସେହି କଥାକୁ ଦେଖାଯାଏ ତେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସଦାକତ୍ (ସତ୍ୟତା)ର ଏହା ହେଉଛି ଏକ ଦଲିଲ୍ । ଏବଂ ଏପରି ମନୋଭାବ ଇଶ୍ୱରଙ୍କ ବ୍ୟତୀତ କେହି ହୃଦୟରେ ସୃଷ୍ଟି କରିପାରିବେ ନାହିଁ । କିଛି ଲୋକମାନଙ୍କର ବଳୀଦାନ ଏବଂ ଅଲ୍ଲାଃତାଲାଙ୍କର ତାଙ୍କ ସହିତ ଯେଉଁ ବ୍ୟବହାର ରହିଛି ସେ ସମ୍ବନ୍ଧରେ କିଛିଟା ମୁଁ ଏଠାରେ ଉପସ୍ଥାପନ କରୁଅଛି ।

ଘାନାର ଜଣେ ବନ୍ଧୁ Frimpong ସାହେବ୍ କହୁଛନ୍ତି କି କିଛି ବର୍ଷ ପୂର୍ବେ ମୋତେ ନିଜର ଶିକ୍ଷା ବାବଦରେ ପାଂଚହଜାର ପାଉଣ୍ଡ୍ ଫିସ୍ ଦେବାକୁ ଥିଲା । ସେ ସମୟରେ ମୁଁ କାମ ମଧ୍ୟ କରୁଥାଏ କିନ୍ତୁ ମୋ ଦରମା ଏତେ ନଥିଲା । ଯଦି ମୁଁ ବାରମାସର ଦରମା ମଧ୍ୟ ଏକାଠି କରିଥାନ୍ତି ତେବେ ମଧ୍ୟ ଏତେ ଟଙ୍କା ହୋଇନଥାନ୍ତା । ସେ ଯାହାହେଉ ମୋତେ ବ୍ୟାଙ୍କ୍‌ରୁ ତିନି ହଜାର ପାଉଣ୍ଡ୍‌ର କରଜ ମିଳିଗଲା । ଏବଂ ମୋ ଦରମାର ଚାଳିଶି ପ୍ରତିଶତ ଅର୍ଥ ପ୍ରତ୍ୟେକ ମାସ କରଜ ସୁଜିବାରେ ଚାଲିଯାଏ କିନ୍ତୁ ପୁଣି ମଧ୍ୟ ମୁଁ ମୋର ଚାନ୍ଦା ଗୁଡିକୁ ମୋର ଦରମା ହିସାବରେ ହିଁ ପ୍ରଦାନ କରୁଥାଏ । (ହଜୁର୍ କହୁଛନ୍ତି) ସେ ପରବାୟ କଲେନାହିଁ ଯେ ଚାଳିଶି ପ୍ରତିଶତ ଚାଲିଯାଉଛି ବୋଲି । ସେ କହୁଛନ୍ତି ଦିନେ ମୁଁ କୁମାସି ମିଶନ୍ ହାଉସ୍ ଗଲି । କୁମାସୀ ହେଉଛି ଘାନାର ଗୋଟିଏ ସହର । ସେଠାରେ ସର୍କିଟ୍ ମିଶ୍‌ନାରୀ ମୋ ଓ୍ୱକ୍‌ଫେ ଯଦିଦ୍‌ର ପ୍ରତିଶୃତି ସମ୍ବନ୍ଧରେ ମୋତେ ମନେପକାଇଦେଲେ । ସେ ସମୟରେ ଯେତେବେଳେ ମୁଁ ମୋ ପକେଟ୍‌ରେ ହାତ ପୁରାଇଲି ସେଥିରେ ମୋ ପ୍ରତିଶୃତି ମୁତାବକ ଅର୍ଥ ଥିଲା କିନ୍ତୁ ମୁଁ ଭାବିଲି ଯେ ଯଦି ଏହି ଅର୍ଥକୁ ଚାନ୍ଦାରେ ଦେଇଦେବି ତେବେ ମୋ ପାଖରେ ଚାକିରୀକୁ ଯିବା ଆସିବା ପାଇଁ ଆଗକୁ ଆଉକିଛି ପଇସା ବଂଚିବନାହିଁ । ସେ କହୁଛନ୍ତି- ସେ ଯାହାହେଉ ମୁଁ ସେହି ସବୁ ଅର୍ଥକୁ ସେତେବେଳେ ଚାନ୍ଦାରେ ପ୍ରଦାନ କରିଦେଲି । ମୁଁ ମିଶନ୍ ହାଉସ୍‌ରୁ ଘରକୁ ଫେରୁଥିଲି । ସେତେବେଳେ ଫୋନ୍‌ରେ ମେସେଜ୍ ଆସିଲା ଯେ ମୋ ବ୍ୟାଙ୍କ୍ ଆକାଉଂଟ୍‌ରେ କିଛି ଅର୍ଥ ଆସିଯାଇଛି । ତାହା ଉକ୍ତ ଚାନ୍ଦା ଦେଇଥିବା ଅର୍ଥଠାରୁ ପାଂଚଗୁଣା ଅଧିକ ଥିଲା । ଯେପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଥିଲେ କି ଅଲ୍ଲାଃତାଲା ଅଧିକା କରି ଫେରାଇଥାଏ । ସେ କହୁଛନ୍ତି କି ମୁଁ ସେତେବେଳେ ଭାବିଲି ବୋଧହୁଏ ବ୍ୟାଙ୍କ୍‌ରୁ ଏହା ଭୁଲ୍‌ରେ ଆସିଯାଇଥିବ ଯାହା ସେମାନେ ପରେ ଫେରାଇନେବେ କାରଣ ଦରମା ତ ପୂର୍ବରୁ ହିଁ ମୋ ଆକାଉଂଟ୍‌ରେ ଆସିସାରିଥିଲା କିନ୍ତୁ ତା ପରଦିନ ଯେତେବେଳେ ମୁଁ କାମ କରିବାକୁ ଗଲି ଜାଣିପାରିଲି ଯେ ସରକାରଙ୍କ ତରଫରୁ ଏ ଅର୍ଥ ମିଳିଥିଲା ଯାହା ବିଗତ ମାସଗୁଡିକରେ ବାକି ରହିଯାଇଥିଲା । ଏଥିରେ ମୁଁ ଇଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ କଲି କାରଣ ଇଶ୍ୱର ମୋତେ ମୋ ଭୟକରିବା ସତ୍ୱେ ମଧ୍ୟ ଅର୍ଥ ଦେବା ପାଇଁ ସାହସ ପ୍ରଦାନ କରିଥିଲେ । ସେହିଦିନ ଠାରୁ ପୁଣି ମୁଁ ସର୍ବଦା ନିଜର ପ୍ରତିଶୃତି ମୁତାବକ ଚାନ୍ଦା ପ୍ରଦାନ କରିବା ପ୍ରତି ବହୁତ ଧ୍ୟାନ ଦେଇଆସୁଅଛି । (ହଜୁର୍ କହୁଛନ୍ତି) ସେ ହେଉଛନ୍ତି ଆଫ୍ରିକାର, ଦୂର ଦୂରାନ୍ତ ଦେଶରେ ରହୁଥିବା ବ୍ୟକ୍ତି ।

ବୁର୍କିନାଫାଶୋ ହେଉଛି ଆଫ୍ରିକାର ଆଉଗୋଟିଏ ଦେଶ । ସେ ଦେଶରେ ଫ୍ରେନ୍‌ଚ୍ ଭାଷା କୁହାଯାଇଥାଏ । ସେଠିକାର Bobo-Dioulasso ର ମୁବଲିଗ୍ ସାହେବ୍ ଲେଖୁଛନ୍ତି । ଜଣେ ନୌମୁବାଏ ଖାଦିମ୍ ଜୋଦି ସାହେବ୍ କିଛିଦିନ ହେବ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହେବା ଯୋଗୁ ବହୁତ ଅସୁବିଧାରେ ଥିଲେ ଏବଂ ନିଦ ପାଇଁ ବଟିକା ବ୍ୟବହାର କରୁଥିଲେ । ତାଙ୍କର ଡିପ୍ରେସନ୍ ମାତ୍ରାଧିକ ବଢ଼ିଯାଇଥିଲା । ଦିନେ ସେ ଆମର ଏଠିକାର ମିଶନ୍ ହାଉସ୍‌କୁ ଆସି ପଚାରିଲେ କି ତାଙ୍କର ଓ୍ୱକ୍‌ଫେ ଜଦିଦ୍ ଏବଂ ତେହ୍‌ରିକ୍ ଜଦିଦ୍ କେତେଟଙ୍କା ଅଛି, ସେ ତାକୁ ଦେବାକୁ ଚାହୁଁଛନ୍ତି । ଆମ ମିଶ୍‌ନାରୀ ତାଙ୍କୁ ବତାଇଲେ ଯେ ଏହି ଚାନ୍ଦା ଆପଣ ନିଜର ସାମର୍ଥ୍ୟ ମୁତାବକ ଯେତିକି ଚାହିଁବେ, ଦେଇପାରିବେ । ଏଥିରେ ସେ କହିଲେ କି ମିଆରି ଚାନ୍ଦା (ଉଚିତ୍ ଚାନ୍ଦା) କେତେ ହେବ ? ମିସ୍‌ନାରୀ ସାହେବ୍ ତାଙ୍କୁ ତାହା ବତାଇଲେ । ଏଥିରେ ସେ ଖୁସି ଖୁସି ଚାନ୍ଦା ପ୍ରଦାନ କରି ଚାଲିଗଲେ । କିଛି ଦିନ ପରେ ପୁଣି ମିଶନ୍ ହାଉସ୍‌କୁ ଆସି କହିଲେ କି ମୁଁ ବେମାର ଥିଲି କିନ୍ତୁ ଏବେ ଚାନ୍ଦାର ବର୍‌କତ୍ ଯୋଗୁ ଆମର ଅବସ୍ଥାରେ ବହୁତ ସୁଧାର ହୋଇଗଲାଣି । ମୁଁ ନିଦ ବଟିକା ଖାଇବା ଛାଡିଦେଇଛି ଏବଂ ଆତ୍ମସନ୍ତୋଷ ଲାଭ କରୁଅଛି, ଏହାପରେ ଅଲ୍ଲାଃତାଲାଙ୍କ ପ୍ରତି ଆଗ୍ରହ ସୃଷ୍ଟି ହୋଇଛି । ଚାନ୍ଦା ଦେଲି, ଉପାସନା ପ୍ରତି ଧ୍ୟାନ ସୃଷ୍ଟି ହେଲା ଏବଂ ଅଲ୍ଲାଃତାଲା ପୁଣି ଦୟା କଲେ । ଯେବେ କି ଏହା ପୂର୍ବରୁ ତାଙ୍କର ଏପରି ଅବସ୍ଥା ହୋଇଯାଇଥିଲା କି ସେ ଆତ୍ମହତ୍ୟା କରିବା ପାଇଁ ବାହାରି ପଡିଥିଲେ ।

ୟୁ.କେର ଜଣେ ବନ୍ଧୁ କହୁଛନ୍ତି କି କିଛିଦିନ ପୂର୍ବେ ମୋତେ ଫୋନ୍ ଜରିଆରେ ଚାନ୍ଦା ତହ୍‌ରିକ୍ ଯଦିଦ୍ ପଇଠ କରିବା ପାଇଁ ମନେ ପକାଇ ଦିଆଗଲା ଓ ବତାଇ ଦିଆଗଲା ଯେ ପଛ ବର୍ଷ ମୁଁ ଏତିକି ଅର୍ଥ ପଇଠ କରିଥିଲି । ଏଥିରେ ମୁଁ ପଛ ବର୍ଷ ଅପେକ୍ଷା ମୁଁ କିଛି ବଢ଼ାଇ ପ୍ରତିଶୃତି କଲି । ସେତେବେଳେ ମୋ ନିକଟରେ ବିଲ୍‌କୁଲ୍ କିଛି ଅର୍ଥ ନଥିଲା । ତେଣୁ ମୁଁ ଦୁଆ କରିବା ଆରମ୍ଭ କରିଦେଲି ଯେ ଅଲ୍ଲାଃତାଲା ସ୍ୱୟଂ ହିଁ ତାଙ୍କ ତରଫରୁ କିଛି ବ୍ୟବସ୍ଥା କରିଦେବେ । ସୁତରାଂ କହୁଛନ୍ତି ଦୁଇ ସପ୍ତାହ ପରେ ଟ୍ୟାକ୍‌ସ୍ ଡିପାର୍ଟ୍‌ମେଂଟ୍ ତରଫରୁ ମୋତେ ଗୋଟିଏ ଚିଠି ମିଳିଲା । ମୁଁ ଏହି ବର୍ଷ ଟ୍ୟାକ୍‌ସ୍ ଅଧିକା ଦେଇଥିଲି । ତେଣୁ ବାକି ଅର୍ଥ ସେମାନେ ଫେରାଇ ଦେଇଥିଲେ । ମଁ ନିଜେ ହେଉଛି ଜଣେ ଆକାଉଂଟାଟ୍ । ତେଣୁ ମୋତେ ନିଜର ଟ୍ୟାକ୍‌ସ୍ ଇତ୍ୟାଦିର ହିସାବ ବହୁତ ଭଲଭାବେ ଜଣା । କିନ୍ତୁ ଅଲ୍ଲାଃତାଲା ଚମତ୍କାର କରି ଏହି ଅର୍ଥର ବ୍ୟବସ୍ଥା କରିଦେଲେ । କାରଣ ମୋ ହିସାବରେ ତ ସମ୍ପୂର୍ଣ୍ଣ ଟ୍ୟାକ୍‌ସ୍ ଦିଆଯାଇଥିଲା । ସେ କହୁଛନ୍ତି- ଏହାର କିଛିମାସ ପରେ ସଦର୍ ସାହେବ୍ ପୁନର୍ବାର ଫୋନ୍ କଲେ । ଚାନ୍ଦା ଓ୍ୱକ୍‌ଫେ ଯଦିଦ୍ ପ୍ରସଙ୍ଗରେ ମନେ ପକାଇ ବତାଇଲେ କି ପଛବର୍ଷ ମୁଁ ଏତିକି ଚାନ୍ଦା ପ୍ରଦାନ କରିଥିଲି । ଏଥିରେ ମୁଁ ବିଗତ ବର୍ଷ ଅପେକ୍ଷା କିଛି ବଢ଼ାଇ ଓ୍ୱାଦା (ପ୍ରତିଶୃତି) ଲେଖାଇଦେଲି । ସଂଯୋଗ ବଶତଃ ସେ ସମୟରେ ମଧ୍ୟ ମୋ ନିକଟରେ ଟଙ୍କା ନଥିଲା । ପୁଣି ମୁଁ ଭାବିବାକୁ ଲାଗିଲି ଯେ ପୂର୍ବରୁ ତ ଅଲ୍ଲାଃତାଲା ଟ୍ୟାକ୍‌ସ୍ ରିଟର୍ନ୍‌ର ଅର୍ଥ ପଠାଇଦେଇଥିଲେ କିନ୍ତୁ ବର୍ତମାନ ତ କୌଣସି ରାସ୍ତା ଦେଖାଯାଉନାହିଁ । ପୁଣି କହୁଛନ୍ତି ମୁଁ ଦୁଆ କରିବାରେ ଲାଗିଗଲି । ଏକ ସପ୍ତାହ ପରେ ମୁଁ ଯେତେବେଳ ମୋ କାଗଜପତ୍ର ଗୁଡିକ ଦେଖୁଥିଲି ସେତେବେଳେ ଗୋଟିଏ ବିଲ୍ ମୋ ଆଖି ସାମ୍ନାକୁ ଆସିଲା ଯେଉଁଥିରେ କିଛି ଅଫର୍ ମଧ୍ୟ ଥିଲା । ଏଥିରେ ମୁଁ କମ୍ପାନୀକୁ ଫୋନ୍ କଲି । ଏଥିରେ ସେହି ଅଫର୍ ମୁତାବକ ମୋ ପ୍ରିପେଡ୍ କାର୍ଡ୍ ତିଆରି କରି ମୋ ନିକଟକୁ ପଠାଇ ଦିଆଗଲା ଓ ସେଥିରେ ଏତିକି ଅର୍ଥ ଅଧିକା ମହଜୁଦ୍ ଥିଲା, ଯେତିକି ମୋତେ ଚାନ୍ଦା ପଇଠ କରିବାର ଥିଲା । ଏହିପରି ଅଲ୍ଲାଃତାଲା ଓ୍ୱକ୍‌ଫେ ଜଦିଦ୍ ଚାନ୍ଦାର ବ୍ୟବସ୍ଥା କରିଦେଲେ । ଏହା ନୁହେଁ କି ଅଲ୍ଲାଃତାଲା ଆଫ୍ରିକାରେ ଏପରି କରିଛନ୍ତି ବରଂ ପ୍ରତ୍ୟେକ ସ୍ଥାନରେ ଯିଏ ସଦିଛାର ସହିତ ଚାନ୍ଦା ପ୍ରଦାନ କରିବାକୁ ଚାହିଁଛି ସେ ସେମାନଙ୍କୁ ମଧ୍ୟ ଏପରି ଦୃଶ୍ୟ ଦେଖାଇଛନ୍ତି ।

ବୁର୍କିନାଫାଶୋରୁ ବିଶାରତ୍ ଅଲୀ ସାହେବ୍ ମୁବଲିଗ୍ ସିଲ୍‌ସିଲା କହୁଛନ୍ତି କି Boromo ରିଜିଅନ୍‌ର ଜଣେ ନୌମୁବାଏ ଅହେମଦୀ Kone Adama ସାହେବ୍‌ଙ୍କୁ ପଛବର୍ଷ ଓ୍ୱକ୍‌ଫେ

ଯଦିଦ ଚାନ୍ଦାର ତେହ୍‌ରିକ୍ କରାଯାଇଥିଲା । ଏଥିରେ ସେ ପ୍ରତ୍ୟେକ ବର୍ଷ ଗାଁର ମୌଲବୀଙ୍କୁ ଯାହା ଦେଉଥିଲେ ସେତିକି ଅର୍ଥ ଚାନ୍ଦାରେ ଦେଇଦେଲେ । ସେ ମୁସଲ୍‌ମାନ୍ ଥିଲେ । ଯେତେବେଳେ ବୟତ୍ କରିନେଲେ କହିଲେ କି ମୁଁ ମୌଲବୀମାନଙ୍କୁ ଯାହା ଦେଉଥିଲି ସେ ସବୁକୁ ଚାନ୍ଦାରେ ଦେଇଦେଇଛି । ତାଙ୍କ ବାପାଙ୍କୁ ଯେତେବେଳେ ଏକଥା ଜଣାପଡ଼ିଲା ସେ ବହୁତ ନାରାଜ ହେଲେ । ତେଣୁ ଜମିର ଗୋଟିଏ ଭାଗ ତାକୁ ଦେଇ ତାଙ୍କୁ ଘରୁ ଅଲଗା କରିଦେଲେ । ସେ କହୁଛନ୍ତି- ସେହି ବର୍ଷ ସେ ନିଜର ଫସଲ ଲଗାଇଲେ । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ବହୁତ ଭଲ ଫସଲ ହେଲା । ସେ ଇଲାକାରେ କିଛି ସ୍ଥାନରେ ଅଧିକ ବର୍ଷା ହେବା ଯୋଗୁଁ ଫସଲ ଖରାପ ହୋଇଯାଇଥିଲା । କିନ୍ତୁ ତାଙ୍କର ପାଣି ଜମିବା ସ୍ଥାନରେ ଫସଲ ଲଗାଯାଇଥିଲେ ମଧ୍ୟ କିଛି ଖରାପ ହେଲାନାହିଁ । ଯେବେକି ତାଙ୍କ ବାପାଙ୍କର ଓ ତାଙ୍କ ବନ୍ଧୁବାନ୍ଧବମାନଙ୍କର ଫସଲ ଗୁଡିକ ଅଧିକ ବର୍ଷା ଯୋଗୁ ନଷ୍ଟ ହୋଇଗଲା । ସେ ତାଙ୍କ ବାପାଙ୍କ ଫସଲକୁ ଦ୍ୱିତୀୟଥର ଲଗାଇବାରେ ବାପାଙ୍କ ସାହାଯ୍ୟ ମଧ୍ୟ କଲେ ଏବଂ ନିଜର ଭଲ ଫସଲରୁ ତାଙ୍କ ବାପାଙ୍କୁ ଭାଗ ମଧ୍ୟ ଦେଲେ । ସେ ମୁସଲ୍‌ମାନ୍ ଥିଲେ । ପୁଣି ମୁସଲ୍‌ମାନ୍‌ରୁ ଅହେମଦୀ ହେଲେ । ଏଥିରେ ତାଙ୍କ ବାପା ତାଙ୍କୁ କହିଲେ କି ନିଶ୍ଚିତ ରୂପେ ତୁମ ଜମାତ୍‌କୁ ଚାନ୍ଦା ଦେବା ଯୋଗୁ ଅଲ୍ଲାଃତାଲା ତୁମ ଉପରେ ଏପରି କୃପା କରିଛନ୍ତି । ତାଙ୍କ ବାପା ଏକଥାକୁ ସ୍ୱୀକାର କଲେ ଓ ଏହା ମଧ୍ୟ କହିଲେ କି ତୁମ ଜମାତ୍ ହେଉଛି ସଚ୍ଚା । ତେଣୁ ତୁମେ ତା'ଉପରେ କାଏମ୍ ରହିବ । ମୋର ଏ ବିବଶତା କି ମୁଁ ମୌଲବୀ ମାନଙ୍କୁ ଛାଡିପାରିବି ନାହିଁ । (ହଜୁର୍ ଅନୁୱର୍ କହୁଛନ୍ତି) କିଛି ଏପରି ପୁରୁଣା ପ୍ରଥା ରହିଛି ଯାହାକୁ ସେହି ଲୋକମାନେ ଛାଡିପାରୁନାହାଁନ୍ତି ଏବଂ ଏବର୍ଷ ମଧ୍ୟ Kone Adama ସାହେବ୍ ନିଜର ଚାନ୍ଦାକୁ ଦୁଇଗୁଣା କରିଦେଇଛନ୍ତି ।

ଗାମ୍ବିୟାର କିଆଙ୍ଗ୍ ଡିଷ୍ଟ୍ରିକ୍‌ର ଗୋଟିଏ ଗ୍ରାମରେ ଜମାତ୍‌ର ବିରୋଧିମାନେ ସଦସ୍ୟମାନଙ୍କୁ ଅହେମଦୀୟତ୍‌ରୁ ଦୂରେଇ ନେବା ପାଇଁ ଚେଷ୍ଟା କଲେ ଏବଂ ଏ ଦାବୀ କଲେ କି ସେମାନେ ସବୁ ଅହେମଦୀ ମାନଙ୍କୁ ଅହେମଦୀୟତ୍‌ରୁ ବାହାର କରିଦେବାରେ ସଫଳ ହୋଇଛନ୍ତି । ଏଥିରେ ଆମର ଜଣେ ଅହେମଦୀ ମେମ୍ବର୍ ଜାଲୁନେ ମୁଅଲିମ୍ ସାହେବ୍‌ଙ୍କୁ ବତାଇଲେ କି ବିରୋଧିମାନଙ୍କର ଏ ଚେଷ୍ଟା ସାର ପିଡୀଆ ସଦୃଶ କାମ କରିଥିଲା କାରଣ ଏହି ମୁଖାଲିଫତ୍ ପୂର୍ବରୁ ମୁଁ ଜଣେ କର୍ମଠ ଅହେମଦୀ ନଥିଲି, କିନ୍ତୁ ଏବେ ନା ତ କେବଳ ୱକ୍‌ଫେ ଯଦିଦ୍ ଚାନ୍ଦା ଓ ତହ୍‌ରୀକ୍ ଯଦିଦ୍ ଚାନ୍ଦା ଦେଉଅଛି ଏବଂ ୱସିୟତ୍‌ର ବୈଭବପୂର୍ଣ୍ଣ ସ୍କିମ୍‌ରେ ମଧ୍ୟ ମୁଁ ସାମିଲ୍ ହୋଇଯାଇଛି । ମୁଖାଲିଫ୍‌ମାନେ ତ ଜମାତ୍‌କୁ ନିଃଶେଷ କରିବା ପାଇଁ ଚାହୁଁଥିଲେ କିନ୍ତୁ ସେହି ମୁଖାଲିଫତ୍ କିଛି ଅହେମଦୀମାନଙ୍କୁ ତାଙ୍କ ଇମାନ୍‌ରେ ପୂର୍ବାପେକ୍ଷା ଅନେକ ଗୁଣା ଅଧିକ ବଢ଼ାଇ ଦେଇଥିଲା ।

ଗିନି କନାକରି ହେଉଛି ଗୋଟିଏ ଦେଶ । ସେଠିକାର ଜଣେ ବନ୍ଧୁ ଏକୁବି ସାହେବ୍ କହୁଛନ୍ତି କି ମିଶ୍‌ନାରୀ ଇନ୍‌ଚାର୍ଯ୍ ସାହେବ୍ ଯେତେବେଳେ ୱକ୍‌ଫେ ଯଦିଦ୍ ପ୍ରସଙ୍ଗରେ ବିଗତବର୍ଷର ମୋର ଖୁତ୍‌ବାଜୁମା, ଯେଉଁଥିରେ କିଛି ମାଲି କୁର୍ବାନୀର ଘଟଣା ବର୍ଣ୍ଣନା ହୋଇଥିଲା, ତାହା ଶୁଣାଇଲେ । କହୁଛନ୍ତି- ତାହା ମୋ ମନ ଭିତରେ ଗଭୀର ପ୍ରଭାବ ପକାଇଲା । ତା'ପର ଦିନ ନିଜର କାରବାର ସମ୍ବନ୍ଧରେ ମୁଁ ଶିରିଆଲିଓନ୍ ଯିବାକୁ ବାହାରିଥିଲି । ମୋ ନିକଟରେ ଯାତ୍ରା ବାବଦକୁ କେବଳ ତିନିଶହ ଡଲାର୍ ଥିଲା ଓ ମୋତେ ଟଙ୍କାର ବହୁତ ଆବଶ୍ୟକ ଥିଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମୁଁ ତିନିଶହ ଡଲାର୍ ମଧ୍ୟରୁ ଏକଶହ ଡଲାର୍ ଅଲଗା ଗୋଟିଏ ଲଫାଫା ମଧ୍ୟରେ ଏଇଥିପାଇଁ ରଖିଦେଲି ଯେ ତାକୁ ମୁଁ ୱକ୍‌ଫେ ଯଦିଦ୍ ଚାନ୍ଦାରେ ପ୍ରଦାନ କରିବି । ଏହାପରେ ମୁଁ ଅନ୍ୟକାମରେ ଲାଗିଗଲି ଓ ଲଫାଫାଟିକୁ ପଠାଇବାକୁ ଭୁଲିଗଲି । କହୁଛନ୍ତି- ଏବେ ଏକଥାକୁ ଦୁଇଘଂଟା ହିଁ ବିତିଥିଲା ଯେ ଜଣେ ବ୍ୟକ୍ତି ମୋ କାର୍ଯ୍ୟାଳୟ ଭିତରେ ପ୍ରବେଶ କଲା ଓ ମୋତେ ଗୋଟିଏ ଲଫାଫା ଧରାଇ ଦେଇ କହିଲା କି ଏହା ଆପଣଙ୍କର ଅମୁକ ବନ୍ଧୁ ପଠାଇଛନ୍ତି । ଯେତେବେଳେ ମୁଁ ଲଫାଫାଟିକୁ ଖୋଲି ଦେଖିଲି ସେତେବେଳେ ତା ଭିତରେ ତିନିଶହ ଡଲାର୍ ଥିଲା ଓ ଏକଥା ଲେଖାହୋଇଥିଲା ଯେ ତୁମେ ଯାତ୍ରାରେ ଯାଉଅଛ, ତେଣୁ ଏହାକୁ ମୁଁ ଯାତ୍ରାଖର୍ଚ୍ଚ ପାଇଁ ପଠାଇଲି । ସେ କହୁଛନ୍ତି କି ଏହା ଦେଖି ମୋତେ ତତ୍‌କ୍ଷଣାତ୍ ମନେ ପଡିଗଲା ଯେ ମୁଁ ତ ଏବେଏବେ ସେ ଟଙ୍କା ପଠାଇ ନଥିଲି ଯେ ଅଲ୍ଲାଃତାଲା କେତେଗୁଣା ଅଧିକା କରି ମୋତେ ଫେରାଇଦେଲେ । ଏବଂ କହୁଛନ୍ତି କି ଏଥିରେ ଅଲ୍ଲାଃତାଲାଙ୍କ ସ୍ତୁତିଗାନରେ ମୋ ହୃଦୟ ଭରିଗଲା ଯେ ସେ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରିୟ ଜମାତ୍‌ରେ ସାମିଲ୍ ହେବାପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । (ହଜୁର୍ ଅନୁୱର୍ କହୁଛନ୍ତି) ଏହିପରି ଅଲ୍ଲାଃତାଲା ଲୋକମାନଙ୍କର ଇମାନ୍‌କୁ ବଢ଼ାଇ ଚାଲିଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯେଉଁକଥା କହିଥିଲେ କି ଧନ ତ ଅଲ୍ଲାଃତାଲାଙ୍କ ନିକଟରୁ ଆସୁଅଛି । ଏକଥା ସେ ବୁଝିସାରିଥିଲେ ।

ବେନିନ୍‌ର Bohicon ରିଜିଅନ୍‌ର ମୁବଲିଗ୍ ସାହେବ୍ ଲେଖୁଛନ୍ତି କି Bohicon ରିଜିଅନ୍‌ର ଗୋଟିଏ ଜମାତ୍ Abomey ର ସଦର୍ ସାହେବ୍ Ahouangan Jacques କହୁଛନ୍ତି କି ତାଙ୍କ ଜିମାରେ ବହୁତ ବଡ ଅର୍ଥ କରଜ ଥିଲା ଯାହାକୁ ସେ ପଇଠ କରିପାରୁନଥିଲେ । ଏହି ସମୟରେ ତାଙ୍କ ହଲ୍‌କାର ମୁଅଲିମ୍ ସାହେବ୍ ୱକ୍‌ଫେ ଯଦିଦ୍ ଚାନ୍ଦା ପ୍ରତି ତାଙ୍କର ଧ୍ୟାନ ଆକର୍ଷଣ କରାଇ ବତାଇଲେ ଯେ ବର୍ଷ ଶେଷ ହୋଇଯାଉଛି, ତେଣୁ ଯେଉଁମାନେ ଏପର୍ଯ୍ୟନ୍ତ ନିଜର ଚାନ୍ଦା ସମ୍ପୂର୍ଣ୍ଣ ରୂପେ ପଇଠ କରିନାହାଁନ୍ତି ସେମାନେ ଶିଘ୍ର ଶିଘ୍ର ସମ୍ପୂର୍ଣ୍ଣ ପଇଠ କରିଦିଅନ୍ତୁ । ସଦର୍ ସାହେବ୍ କହୁଛନ୍ତି କି ମୋ ନିକଟରେ ସେତେବେଳେ ଅଧିକ ଟଙ୍କା ନଥିଲା । କିନ୍ତୁ କରଜ ଦେବା ବ୍ୟତୀତ ଏ ଚିନ୍ତା ମଧ୍ୟ ଘାରୁଥିଲା ଯେ ୱକ୍‌ଫେ ଯଦିଦ୍‌ର ଚାନ୍ଦା ମଧ୍ୟ ଦେବାକୁ ଅଛି । ସୁତରାଂ ସେ ସମୟରେ ମୋ ନିକଟରେ ଯେଉଁ ପାଂଚଶହ ଫ୍ରାନ୍‌କ୍ ଥିଲା ସେ ସବୁକୁ ଚାନ୍ଦାରେ ଦେଇ ଘରକୁ ଚାଲିଗଲି ଓ ଦୁଆ କରି ଚାଲିଲି ଯେ କରଜରୁ କିପରି ମୁକ୍ତି ହେବି । କହୁଛନ୍ତି କି ତା ପରଦିନ ମୋତେ ଗୋଟିଏ କାମ ମିଳିଗଲା । ତାହା କିଛିଦିନ ପାଇଁ ଥିଲା ଓ ସେହି କାମ କରିବାର ଯେଉଁ ମୂଲ୍ୟ ଧାର୍ଯ୍ୟ କରାଗଲା ତାହା ମୋ କରଜର ଅର୍ଥଠାରୁ କିଛି ଅଧିକା ଥିଲା । ତେଣୁ ମୁଁ କାମ କରିବା ପାଇଁ ହଁ କରିଦେଲି ଓ କିଛି ଦିନ ମଧ୍ୟରେ ସେ କାମ ଶେଷ ମଧ୍ୟ ହୋଇଗଲା, ଫଳତଃ ସାରା କରଜ ପଇଠ ହୋଇଗଲା ଓ ଘରର ରାସନ୍ ପାଣିର ବନ୍ଦୋବସ୍ତ ମଧ୍ୟ ହୋଇଗଲା । ସେ କହୁଛନ୍ତି କି ଏବେ ମୁଁ ଜାଣିପାରୁଛି ଯେ ଏହାସବୁ ଚାନ୍ଦାର ବର୍‌କତ୍ ଯୋଗୁଁ ହେଲା । (ହଜୁର୍ ଅନୁୱର୍ କହୁଛନ୍ତି) ଏହି ଲୋକମାନେ ଏପରି କଥାକୁ ସଂଯୋଗ ବଶତଃ ରୂପେ ମଣୁନାହାଁନ୍ତି ବରଂ ଏପରି ଜାଣୁଛନ୍ତି କି ନିଶ୍ଚିତ ରୂପେ ଅଲ୍ଲାଃତାଲା ତାଙ୍କର ବ୍ୟବସ୍ଥା କରିଦେଉଛନ୍ତି ।

ମାଲି ରିଜିଅନ୍‌ର Sikasso ର ମୁବଲିଗ୍ କହୁଛନ୍ତି କି ଜଣେ ନୌମୁବାଏ ଅବୁ ବକର୍ ସାହେବ୍ ବତାଉଛନ୍ତି ଯେ ଅହେମଦୀୟତ୍ ଗ୍ରହଣ କରିବା ପରେ ଚାନ୍ଦା ଦେବାର ଆଶ୍ଚର୍ଯ୍ୟଜନିତ ବର୍‌କତ୍‌କୁ ମୁଁ ଅନୁଭବ କରିସାରିଛି । ମୋର ଗୋଟିଏ ପୁଅ ପ୍ରତ୍ୟେକ ବର୍ଷ ବର୍ଷାଋତୁରେ ବହୁତ ବେମାର ପଡୁଥିଲା । ତା ଚିକିତ୍ସାରେ ବହୁତ ଟଙ୍କା ଖର୍ଚ୍ଚ ହେଉଥିଲା ଏବଂ ବହୁତ ଅସୁବିଧା ଥିଲା । ସେଥିଯୋଗୁଁ ଅତ୍ୟଧିକ ଛୁଟି ନେବାକୁ ପଡୁଥିଲା କିନ୍ତୁ ଯେବେଠାରୁ ମୁଁ ଚାନ୍ଦା ଦେବା ଆରମ୍ଭ କଲି ଅଲ୍ଲାଃତାଲାଙ୍କ ଦୟାବଳରୁ ସେହି ପୁଅଟି ଆଉ ବେମାର ହେଲାନାହିଁ ଓ ଏକଥାରେ ମୋତେ କୌଣସି ସନ୍ଦେହ ନାହିଁ ଯେ ଏହା କେବଳ ଓ କେବଳ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ଯୋଗୁ ହିଁ ହୋଇଛି ।

ଆଇଭରିକୋଷ୍ଟ୍‌ର San-Pedro ରିଜିଅନ୍‌ର ମୁବଲିଗ୍ ଲେଖୁଛନ୍ତି କି ଗୋଟିଏ ଗ୍ରାମ Kamp Elephant ରେ କିଛି ଲୋକଙ୍କୁ ଅହେମଦୀୟତ୍ ଗ୍ରହଣ କରିବାର ସୌଭାଗ୍ୟ ମିଳିଥିଲା । ସେହିବର୍ଷ ନଭେମ୍ବର୍ ୨୦୧୮ ମସିହାରେ ମୁଁ ସେହି ଜମାତ୍‌କୁ ଗସ୍ତ କଲି । ସେଠାରେ ରାତି ବିତାଇଲି । ବିଳମ୍ବ ରାତି ପର୍ଯ୍ୟନ୍ତ ତବ୍‌ଲିଗ୍ ଜାରି ରହିଲା ଏବଂ ଗଏର୍ ଅହେମଦୀ ଲୋକମାନଙ୍କର ବହୁତ ବଡ ସଂଖ୍ୟା ସେହି ପ୍ରୋଗ୍ରାମ୍‌ରେ ଯୋଗଦେଇଥିଲେ । ଏହାପରେ ଜଣେ ଅହେମଦୀ ବନ୍ଧୁଙ୍କ ଘରେ ଫଜର୍ ନମାଜ ପଢ଼ାଗଲା । ସେହି ନମାଜରେ ଅହେମଦୀମାନେ ଯୋଗଦେଲେ ଓ ଅଳ୍ପକିଛି ଅହେମଦୀମାନଙ୍କୁ ଦରସ୍ ଦେବା ପରେ ବତାଗଲା ଯେ ଆସନ୍ତା ମାସ ହେଉଛି ୱକ୍‌ଫେ ଜଦିଦ୍ ଚାନ୍ଦା ଦେବାର ଶେଷମାସ । ତେଣୁ ସେଥିରେ ପ୍ରତ୍ୟେକ ଅହେମଦୀକୁ ଚେଷ୍ଟା କରି ସାମିଲ୍ ହେବା ଉଚିତ୍ । ସୁତରାଂ ଦରସ୍ ପରେ ଲୋକମାନେ ଘରକୁ ଚାଲିଗଲେ । ସେ କହୁଛନ୍ତି କି ମୁଁ ଏକଥା ଭାବୁଥିଲି କି ଏହା ତ ଗରୀବ ଇଲାକା, ଗରୀବ ଗାଁ, ତେଣୁ ଅଧିକ ନହେଲେ ପଛେ ଅତି କମ୍‌ରେ ପାଂଚହଜାର ଫ୍ରାଙ୍କ୍ ସିଫା ଏମାନଙ୍କ ନିକଟରୁ ଚାନ୍ଦା ମିଳିଯିବ ଓ ଏତିକି ଅର୍ଥ ଏମାନଙ୍କ ପାଇଁ ଯଥେଷ୍ଟ ହେବ । କିନ୍ତୁ ସେ କହୁଛନ୍ତି- ଯେତେବେଳେ ସେମାନେ ଫେରିଆସିଲେ ମୁଁ ବହୁତ ଆଶ୍ଚର୍ଯ୍ୟଚକିତ ହୋଇଗଲି । କାରଣ ସେମାନଙ୍କ ମଧ୍ୟରୁ ଜଣେ ଆସି ମୋତେ କହିଲେ କି ଆମେ ବହୁତ ଦୁଃଖୀତ କାରଣ ବର୍ତମାନ ଫସଲ ପ୍ରସ୍ତୁତ ହୋଇନାହିଁ । ତେଣୁ ଅବସ୍ଥା ଟିକିଏ ଖରାପ ଅଛି । ସେଇଥିପାଇଁ କେବଳ ସତରହଜାର ଫ୍ରାଙ୍କ୍ ସିଫା ଦେଉଅଛୁ । ଏବଂ ତତ୍‌ସହିତ ଏହା ବି କହିଲେ କି ଦୁଆ କରନ୍ତୁ, ଅଲ୍ଲାଃତାଲା ଆମ କାରବାର ଏବଂ ଫସଲରେ ବର୍‌କତ୍ ପ୍ରଦାନ କରନ୍ତୁ କି ଆମେ ଅଧିକରୁ ଅଧିକ ଚାନ୍ଦା ଦେଇପାରିବୁ ।

ଇଣ୍ଡିଆରୁ ଜଣେ ଇନିସ୍‌ପେକ୍‌ଟର୍ ଇକ୍‌ବାଲ୍ ସାହେବ୍ ଲେଖୁଛନ୍ତି କି କାମାରେଡି ଜମାତ୍‌ରେ ୱକ୍‌ଫେ ଯଦିଦ୍ ଚାନ୍ଦା ସମ୍ବନ୍ଧରେ ତେହ୍‌ରିକ୍ କରାଗଲା । ଜଣେ ଯୁବକ ସେହିକ୍ଷଣି ନିଜର ସମ୍ପୂର୍ଣ୍ଣ ଚାନ୍ଦା ପଇଠ କରିଦେଲେ । ଏହାପରେ ସେହିଦିନ ହିଁ ତାଙ୍କୁ ଗୋଟିଏ ମୋଟା ଅଙ୍କର ଅର୍ଥ ମିଳିବାର ଏତେଲା ମିଳିଲା ଯାହାକୁ ସେ ଆଠବର୍ଷରୁ ଅଧିକା ସମୟ ଅପେକ୍ଷା କରି ରହିଥିଲା । ବରଂ ଏତେ ସମୟ ବିତିଯାଇଥିଲା ଯେ ସେ ଉକ୍ତ ଅର୍ଥକୁ ମିଳିବାର ଆଶା ଛାଡି ଦେଇଥିଲା । ନା କେବଳ ତାକୁ ଉକ୍ତ ଅର୍ଥ ମିଳିଲା ବରଂ ତାଙ୍କର ଅସ୍ଥାୟୀ ଚାକିରୀ ମଧ୍ୟ ସ୍ଥାୟୀ ହୋଇଗଲା । ଏଥିରେ ସେ ଅତ୍ୟନ୍ତ ଖୁସି ହୋଇ କହିଲେ ଯେ ଏହା କେବଳ ହିଁ କେବଳ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ଯୋଗୁଁ ହିଁ ଚମତ୍କାର ହେଲା । ଏବଂ ସେ କହୁଛନ୍ତି କି ମୁଁ ପ୍ରତ୍ୟେକ ବର୍ଷ ମୋ ପନ୍ଦର ଦିନର ଆମଦାନୀକୁ ୱକ୍‌ଫେ ଯଦିଦ୍‌ରେ ଦେଇଦେବି ।

ପୂର୍ବ ୟୁରୋପ୍‌ର ଗୋଟିଏ ଦେଶ ହେଉଛି ରୋମାନିଆ । ସେଠିକାର ମୁବଲିଗ୍ ଫହିମ୍ ସାହେବ୍ ଲେଖୁଛନ୍ତି:- ଏଠାରେ ଜଣେ ସ୍ଥାନୀୟ ରୋମାନିଅନ୍ ଅହେମଦୀ ଅଛନ୍ତି ଓ ଏଠାରେ ସେ ଟେଲରିଂର କାମ କରୁଛନ୍ତି । ସେ ନିଜର ଚାନ୍ଦାଗୁଡିକୁ ନିୟମିତ ପ୍ରଦାନ କରିଥାନ୍ତି ଓ ବହୁତ ଆତ୍ମସନ୍ତୋଷ ଭାଭ କରି ନିଷ୍ଠାର ସହିତ ଚାନ୍ଦା ଦେଇଥାନ୍ତି । ତାଙ୍କୁ କେବେ ଚାନ୍ଦା ଦେବାପାଇଁ ମନେ ପକାଇଦେବାର ଆବଶ୍ୟକ ପଡିନାହିଁ । ସେ ସର୍ବଦା ନିଜେ ହିଁ ସମୟ ଅନୁସାରେ ଚାନ୍ଦା ଦେଇଥାନ୍ତି । ପୁଣି ଚାନ୍ଦା ପ୍ରଦାନ କରିବାରେ ବି ଅତ୍ୟନ୍ତ ସୁନ୍ଦର ଶୈଳୀକୁ ଆପଣାଇଥାଆନ୍ତି । ସର୍ବଦା ସାଦା ଲଫାଫାରେ ବା କୌଣସି ଧଳାକାଗଜରେ ରଖି ଚାନ୍ଦା ଦେଇଥାନ୍ତି ଏବଂ ଲଫାଫାରେ ମାଲି କୁର୍ବାନୀର ଶବ୍ଦଗୁଡିକ ଲେଖା ହୋଇଥାଏ । ସେ ମୋତେ ଗୋଟିଏ ଚିଠି ଲେଖିଥିଲେ । ସେହି ଚିଠି ପ୍ରସଙ୍ଗରେ ମୁରବୀ ସାହେବ୍ ନିଜ ଆଖିଦେଖା କଥା କହୁଛନ୍ତି କି ସେଥିରେ ଅର୍ଥାତ୍ ସେହି ଚିଠିରେ ଏହା ଲେଖାହୋଇଥାଏ ଅଲ୍ଲାଃଙ୍କ ଫଜଲ୍ (ଦୟା) ବଳରୁ ମୁଁ ଚାନ୍ଦା ଦେଉଅଛି । ଯେବେ ମୁଁ ଚାନ୍ଦା ଦେବା ଆରମ୍ଭ କଲି ଏକଥା ମୁଁ ଅନୁଭବ କରୁଛି ଯେ ଖୁଦାତାଲାଙ୍କ ପ୍ରସନ୍ନତା ଯୋଗୁ ଚାନ୍ଦା ଦେବା ଯୋଗୁ ମୋ ଗ୍ରାହକ ମାନଙ୍କର ସଂଖ୍ୟା ବଢ଼ିଛି । ଆମଦାନୀରେ ଖୁଦାତାଲାଙ୍କର ବହୁତ ଫଜଲ୍ (କରୁଣା) ରହିଛି । ଗୋଟିଏ ପଟେ ମୁଁ ମୋ ପକେଟ୍‌ରୁ ଖୁଦାଙ୍କ ମାର୍ଗରେ ଅର୍ଥ ବାହାର କରି ଖର୍ଚ୍ଚ କରୁଅଛି । ଅନ୍ୟପଟେ ଖୁଦାତାଲା ମୋ ପକେଟ୍‌ରେ ସେହି ଅର୍ଥକୁ ଅଧିକା କରି ଫେରାଇ ଦେଉଛନ୍ତି କାରଣ ଏହି ଚାନ୍ଦା ଦେବା ପରେ ମୋ ନିକଟକୁ କାମ କରିବା ପାଇଁ ଅଧିକ ଗ୍ରାହକ ଆସୁଛନ୍ତି । ସୁତରାଂ ଏମାନେ ହେଉଛନ୍ତି ସେହି ଲୋକେ ଯାହାଙ୍କୁ ଅଲ୍ଲାଃତାଲା ଏହି ଦେଶଗୁଡିକରେ, ୟୁରୋପୀୟ ଦେଶଗୁଡିକରେ ରହି ମଧ୍ୟ, ସାଂସାରିକ କାର୍ଯ୍ୟରେ ଲିପ୍ତ ରହିବା ସତ୍ତ୍ୱେ ମଧ୍ୟ ଯେତେବେଳେ ଅହେମଦୀୟତ୍ ଆଡକୁ ତାଙ୍କୁ ନେଇଆସିଛି ସେଠାରେ ତାଙ୍କୁ ନିଜ କରୁଣାର ଅନୁଗ୍ରହ କରି ତାଙ୍କ ଇମାନ୍‌କୁ ଦୃଢ଼ତା ପ୍ରଦାନ କରୁଅଛି ।

ଇଣ୍ଡିଆରୁ ଇନିସ୍‌ପେକ୍‌ଟର୍ ସଲିମ୍ ସାହେବ୍ ଲେଖୁଛନ୍ତି କି ଜୟପୁର ଜମାତ୍‌ରେ ଜଣେ ଅହେମଦୀ ବନ୍ଧୁ ଯିଏ ଗୋଟିଏ ପ୍ରାଇଭେଟ୍ ସ୍କୁଲ୍‌ରେ ଶିକ୍ଷକ ଥିଲେ, ପଛବର୍ଷ ତାଙ୍କୁ ୱକ୍‌ଫେ

ଯଦିଦ୍ ଚାନ୍ଦା ନିମନ୍ତେ ତେହ୍‌ରିକ୍ କରାଗଲା । ତାଙ୍କୁ ଏକଥା କୁହାଗଲା କି ଆପଣଙ୍କ ୱାଦା (ପ୍ରତିଶୃତି) ତ ଆପଣଙ୍କ ଆମଦାନୀ ମୁତାବକ ପାଂଚହଜାର ହେବା ଉଚିତ୍ । ଏଥିରେ ସେ କହିଲେ କି ମୁଁ ତ ଗୋଟିଏ ସାଧାରଣ ପ୍ରାଇଭେଟ୍ ସ୍କୁଲ୍‌ର ଶିକ୍ଷକ । ଏତେମାତ୍ରାରେ କେଉଁଠୁ ଅର୍ଥ ଆଣିଦେବି ? ସେ ଯାହାହେଉ ତାଙ୍କୁ ବି ଏକଥା କୁହାଗଲା ଯେ ଅଲ୍ଲାଃତାଲା ଶକ୍ତି ମଧ୍ୟ ପ୍ରଦାନ କରିବେ । ସେହିବର୍ଷ ଯେତେବେଳେ ପୁନର୍ବାର ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଗଲୁ ସେତେବେଳେ ଦେଖିଲୁ ଯେ ସେହି ବ୍ୟକ୍ତି ଉକ୍ତ ସ୍କୁଲ୍‌ର ପ୍ରିନ୍‌ସିପାଲ୍ ଚଉକି ଉପରେ ବସିଥିଲେ । ସେ କହିଲେ କି ଚାନ୍ଦା ଯୋଗୁ ଅଲ୍ଲାଃତାଲା ଏପ୍ରକାର ବର୍‌କତ୍ ପ୍ରଦାନ କରିଛି ଯେ ମୁଁ ଏହି ସ୍କୁଲ୍‌ଟିକୁ କିଣିସାରିଛି ଏଥିରେ ପୁଣି ତାକୁ ଚାନ୍ଦା ବିଷୟରେ ତେହ୍‌ରିକ୍ କରାଗଲା ଯେ ଏବର୍ଷ ପୁଣି ଆପଣଙ୍କୁ ନିଜର ୱାଦା ବଢ଼ାଇ ଲେଖିବାକୁ ପଡ଼ିବ, ଯଦ୍ୱାରା ଅଲ୍ଲାଃତାଲା ଆପଣଙ୍କୁ ଆହୁରି ଅଧିକା ସ୍କୁଲ୍ କିଣିବା ପାଇଁ ଶକ୍ତି ପ୍ରଦାନ କରିବେ । ଏଥିରେ ସେ କହିଲେ କି ଆଉଗୋଟିଏ ସ୍କୁଲ୍ ମଧ୍ୟ କିଣିବା ପାଇଁ କଥା ଚାଲିଛି । ମାଲିକର ଏବେ ଫୋନ୍ ଆସିଥିଲା ଯେ ଆପଣ ଆସି ଋବି ନେଇଯାଆନ୍ତୁ । ଏବଂ ଇନିସ୍‌ପେକ୍‌ଟର୍ ସାହେବ୍ ଲେଖୁଛନ୍ତି କି ବର୍ତମାନ ତାଙ୍କ ନିକଟରେ ଚାରିଟା ସ୍କୁଲ୍ ରହିଛି । ପ୍ରଥମେ ତାଙ୍କ ଘରର ଛାତ ଟିଣର ଥିଲା । ଗୋଟିଏ ଛୋଟିଆ ସେଲ୍‌ଟର୍‌ବାଲା ଘର ଥିଲା । ବର୍ତମାନ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ତାଙ୍କର ତିନିମହଲା କୋଠା ନିର୍ମାଣ ହୋଇସାରିଛି । ତା ଭିତରୁ ଗୋଟିଏ ମହଲାକୁ ସେ ନମାଜ ଜୁମା ପଢ଼ିବା ପାଇଁ ରଖିଛନ୍ତି । ଏହି ଫଜଲ୍ କେବଳ ହିଁ କେବଳ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କରିବା ଯୋଗୁ ହିଁ ସାଧନ ହୋଇଛି । (ହଜୁର୍ କହୁଛନ୍ତି) ସେଇଥିପାଇଁ ତାଙ୍କ ଇମାନ୍‌ରେ ମଧ୍ୟ ବୃଦ୍ଧି ଘଟୁଅଛି ।

ଅମୀର୍ ସାହେବ୍ ଲାଇବେରିଆ କହୁଛନ୍ତି କି- ଡିସେମ୍ବର୍ ମାସରେ ଆମ ତବ୍‌ଲିଗ୍ ଟିମ୍ ସୁକର୍ ଟାଉନ୍ ନାମକ ଗୋଟିଏ ଗ୍ରାମରେ ପହଂଚିଲା । ଏହି ଗ୍ରାମଟି ମୋନର୍ଭିୟା ସହରଠାରୁ ଦୂରତା ଦୃଷ୍ଟିକୋଣରୁ ଅଧିକା ଦୂର ନଥିଲା । କିନ୍ତୁ ବର୍ତମାନ ସମୟର ଯେଉଁସବୁ ସୁବିଧା ସୁଯୋଗ ଅଛି ସେଥିରୁ ସେ ବଂଚିତ ଥିଲା । ରାସ୍ତାଗୁଡିକ ଠିକ୍‌ନାହିଁ । ତେଣୁ ସେଠାରେ ପହଂଚିବା ପାଇଁ ତିନୋଟି ମଙ୍କି ବ୍ରିଜେସ୍ (Monkey Bridges) ଅର୍ଥାତ୍ ରସି ଏବଂ କାଠଦ୍ୱାରା ନିର୍ମିତ ହୋଇଥିବା ଅସ୍ଥାୟୀ ପୋଲ ଦେଇ ଯିବାକୁ ପଡୁଥିଲା । ନମାଜ ପରେ ତବ୍‌ଲିଗ୍‌ର କାର୍ଯ୍ୟ ଆରମ୍ଭ ହୋଇଗଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ବାର୍ତା ପହଂଚାଗଲା । ଜମାତ୍ ଅହେମଦୀୟାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବତାଗଲା । ଏ ସବୁ କଥା ଶୁଣି ସେହି ଗ୍ରାମର ଜଣେ ବୃଦ୍ଧ ବୟସ୍କ ଉସ୍‌ମାନ୍ କମାରା ଉଠି ନିଜର ଗୋଟିଏ ସ୍ୱପ୍ନ ବିଷୟରେ ଚର୍ଚ୍ଚା କରି କହିଲେ କି ମୁଁ କିଛି ଦିନ ପୂର୍ବେ ଗୋଟିଏ ସ୍ୱପ୍ନ ଦେଖିଲି ଯେ ଆକାଶ ପଡିଯାଇଛି । ତେଣୁ ଚାରିଆଡେ କୋଳାହଳ ସୃଷ୍ଟି ହୋଇଛି । ଏତିକିବେଳେ ସଡକରେ ଗୋଟିଏ ଗାଡି ଆସି ରହିଲା । ସେଥିରେ ଧଳା ରଙ୍ଗର ଲୋକମାନେ ବସିଥିଲେ ଓ ସେମାନେ ଆମକୁ ପାଟିକରି ଡାକୁଥାନ୍ତି କି ଆମ ନିକଟକୁ ଆସ, ଆମେ ତୁମକୁ ଶାନ୍ତି ଦେବୁ । ଏତିକିରେ ଏ ସ୍ୱପ୍ନଟି ଶେଷ ହୋଇଗଲା । ଏହାପରେ ମୁଁ ଚିନ୍ତାରେ ପଡିଗଲି ଯେ ଏପରି କଣ ସ୍ୱପ୍ନ ଦେଖିଲି ? ଏହାର ଅର୍ଥ କଣ ହୋଇପାରେ ? ଆପଣମାନେ ଏଠାକୁ ଆସିବା ପରେ ମୁଁ ଉକ୍ତ ସ୍ୱପ୍ନ ବିଷୟରେ ବୁଝିପାରିଲି ଯେ ଏହାର ଅର୍ଥ କଣ । ସେ କହୁଛନ୍ତି କି, ସେ ଅତ୍ୟନ୍ତ ବୃଦ୍ଧ ବ୍ୟକ୍ତି । ମୁଁ ମୋ ଜୀବଦଶାରେ ପ୍ରଥମଥର ପାଇଁ ଅଣ ଆଫ୍ରିକୀୟ ଲୋକମାନଙ୍କୁ, ଗୋରାଲୋକମାନଙ୍କୁ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବାର ଦେଖିବାକୁ ପାଇଲି । ସୁତରାଂ ସେଠାରେ ଉପସ୍ଥିତ ଥିବା ସମସ୍ତ ଲୋକେ ଜମାତ୍‌ରେ ସାମିଲ୍ ହେବାପାଇଁ ନିଷ୍ପତି କରିନେଲେ । ବୟତ୍ କଲେ ଏବଂ ୱକ୍‌ଫେ ଯଦିଦ୍ ବର୍ଷର ଏହା ଶେଷ ସମୟ ଥିଲା । ସେମାନଙ୍କୁ ଏକଥା ବତାଗଲା ଯେ ଚାନ୍ଦା ଦେବାପ୍ରତି ଧ୍ୟାନ ଦିଅନ୍ତୁ । ବୟତ୍ ପରେ ଯେତେବେଳେ ସେମାନଙ୍କୁ ଚାନ୍ଦା ପାଇଁ ତେହ୍‌ରିକ୍ କରାଗଲା ଏଥିରେ ସେମାନେ ଚାନ୍ଦା ମଧ୍ୟ ଦେଲେ ଏବଂ ଏହାଦ୍ୱାରା ସେମାନଙ୍କର ଇମାନ୍ ଓ ନିଷ୍ଠାପରତାରେ ବୃଦ୍ଧିଘଟିଥିଲା ।

କାନାଡାର ସଦର୍ ଲଜ୍‌ନା କହୁଛନ୍ତି କି- ଗୋଟିଏ ମଜ୍‌ଲିସ୍‌କୁ ଗସ୍ତ କରିବା ସମୟରେ ଜଣେ ମହିଳା ବତାଇଲେ ଯେ ତାଙ୍କର ବାରବର୍ଷର ଝିଅକୁ ସ୍କୁଲ୍ ତରଫରୁ ଅଶୀ ଡଲାର୍ ପୁରସ୍କାର ମିଳିଛି । ଏଥିରୁ ସେ ନିଜର ମନ ମୁତାବକ କିଛି ଜିନିଷ କିଣିବାକୁ ଚାହୁଁଥିଲା । କିନ୍ତୁ ସେକ୍ରେଟାରୀ ୱକ୍‌ଫେ ଯଦିଦ୍‌ଙ୍କ ତେହ୍‌ରିକ୍ ଯୋଗୁ ସେ ଉକ୍ତ ପୁରସ୍କାରର ସମସ୍ତ ରାଶି ଚାନ୍ଦାରେ ପ୍ରଦାନ କରିଦେଲେ । ସେ କହୁଛନ୍ତି- ଏହାଦ୍ୱାରା ଅଲ୍ଲାଃତାଲା ମଧ୍ୟ ତାକୁ ସେହିଭଳି ପୁରସ୍କାର ପ୍ରଦାନ କଲେ କି ତା ପରଦିନ ଅବ୍‌ଦୁସ୍ ସଲାମ୍ ସାଇନ୍‌ସ୍ ଫେୟାର୍‌ରେ ତାଙ୍କୁ ପ୍ରଥମ ପୋଜିସନ୍ ମିଳିଲା । ଫଳସ୍ୱରୂପ ଏହାର ପୁରସ୍କାରରେ ତିନିଶହ ଡଲାର ମିଳିଗଲା । ଏହିଭଳି ଅଲ୍ଲାଃତାଲା ସେହି ଝିଅଟିର ଇମାନ୍ ଓ ଆସ୍ଥାକୁ ଦୃଢ଼ତା ପ୍ରଦାନ କଲେ ।

ଆଜିକାଲି Fortnite ନାମକ ଗୋଟିଏ ନୁଆ ଖେଳ ଆରମ୍ଭ ହୋଇଛି । କିଛି ପିଲାମାନେ ସେଥିରେ ନିଜର ଅର୍ଥକୁ ବିନିଯୋଗ କରି ନଷ୍ଟ କରୁଛନ୍ତି । ତେଣୁ ସେମାନଙ୍କ ମାଆବାପାଙ୍କୁ ମଧ୍ୟ ଦରକାର ଯେ ସେମାନଙ୍କୁ ସେହି ଖେଳରୁ ରୋକନ୍ତୁ ଓ ବିଶେଷ ରୂପେ ତନ୍‌ଜିମ୍‌ମାନେ ମଧ୍ୟ ରୋକନ୍ତୁ ଓ ବିଶେଷ ରୂପେ ଖୁଦାମୁଲ୍ ଅହେମଦୀୟା ଏବଂ ଅତ୍‌ଫାଲୁଲ୍ ଅହେମଦୀୟକୁ ମଧ୍ୟ ଏହା ଉଚିତ୍ କି ସେମାନଙ୍କ ରୋକନ୍ତୁ କାରଣ ଗୋଟିଏ ପରେ ଆଉଗୋଟିଏ ଷ୍ଟେପ୍‌କୁ ଯିବା ପାଇଁ ପୁଣି ସେମାନେ କାର୍ଡ୍ ନେଉଛନ୍ତି । ପୁଣି ଅର୍ଥ ଖର୍ଚ୍ଚ କରିଦେଉଛନ୍ତି । ଏ ବାବଦରେ ବିଗତ ଦିନ ଗୋଟିଏ ଆର୍ଟିକିଲ୍ ବାହାରିଥିଲା ଅର୍ଥାତ୍ ଏକ ଗବେଷଣା କରାଯାଇଥିଲା ଯେ କିଛି ଏପରି ଦଳ ଏବଂ ଗ୍ରୁପ୍ ବାହାରିଛନ୍ତି ଯେଉଁମାନେ ପିଲାମାନଙ୍କ ସହିତ ଯୋଗଯୋଗ କରୁଛନ୍ତି ଏବଂ ସେମାନଙ୍କୁ ଫୁସୁଲା ଫୁସୁଲି କରି ତାଙ୍କୁ କାର୍ଡ୍ ଦେବା ବାହାନାରେ ତାଙ୍କ ମାଆବାପାଙ୍କ ବ୍ୟାଙ୍କ ଆକାଉଂଟ୍ ନମ୍ବର୍ ମଧ୍ୟ ନେଇଯାଉଛନ୍ତି ଏବଂ ଏ ବିଷୟରେ କିଛିଦିନ ପରେ ଯାଇ ତାଙ୍କ ମାଆ ବାପାଙ୍କୁ ଜଣାପଡୁଛି ଯେ ତାଙ୍କ ବ୍ୟାଙ୍କ୍ ଆକାଉଂଟ୍‌ରେ ଆଉ କୌଣସି ଅର୍ଥ ନାହିଁ ବୋଲି । ଏହି ଗେମ୍ ପିଲାମାନଙ୍କୁ ନିଶାରେ ପକାଇ ସାରିଲାଣି । ଏଥିରେ ନା କେବଳ ସେମାନଙ୍କର ସମୟ ନଷ୍ଟ ହେଉଅଛି ଓ ଭୁଲ୍ ଭାବନା ସୃଷ୍ଟି ହେଉଅଛି ବରଂ କିଛି ମା ବାପାଙ୍କୁ ମଧ୍ୟ କ୍ଷତି ପହଂଚୁଛି । ତେଣୁ ଏଥିରୁ ବଂଚିବା ଉଚିତ୍ ଓ ଅଲ୍ଲାଃତାଲା ଯେଉଁଆଡକୁ ଧ୍ୟାନ ଆକର୍ଷଣ କରାଉଛନ୍ତି ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ଖର୍ଚ୍ଚ କର, ଏହି ଭାବନା ପିଲାମାନଙ୍କଠାରେ ସୃଷ୍ଟି ହେବା ଉଚିତ୍ । ବିଶେଷ ଭାବେ ୱକ୍‌ଫେ ଯଦିଦ୍ ପାଇଁ ସୃଷ୍ଟି ହେବା ଉଚିତ୍ ।

ଇଣ୍ଡିଆର କର୍ଣ୍ଣାଟକ ରାଜ୍ୟର ଜଣେ ଇନିସ୍‌ପେକ୍‌ଟର୍ ସାହେବ୍ ଲେଖୁଛନ୍ତି କି ଗୋଟିଏ ରିଫ୍ରେସର୍ କୋର୍ସ୍ ଅନୁଷ୍ଠି ହେଲା । ସେ କହୁଛନ୍ତି କି ସେ ସେଥିରେ ନିଜେ ଏବଂ ନାଏବ୍ ନାଜିର୍ ମାଲ୍ ୱକ୍‌ଫେ ଯଦିଦ୍ ସାମିଲ୍ ହେଲେ । ସେଠାରେ ନାଏବ୍ ନାଜିର୍ ମାଲ୍ ସେଠିକାର ସ୍ଥାନୀୟ ମୁଅଲିମ୍ ସାହେବ୍‌ଙ୍କ ଘରେ ଏକଥା କହିଲେ ଯେ ଏବର୍ଷ କେରଳରେ ଭୀଷଣ ବର୍ଷା ହୋଇଥିଲା । ତେଣୁ ବହୁତ କ୍ଷତି ହୋଇଛି । ସେଇଥିପାଇଁ ୱକ୍‌ଫେ ଯଦିଦ୍‌ର ଉସୁଲି ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହାପରେ ନାଏବ୍ ନାଜିର୍ ମାଲ୍ ସାହେବ୍ ମୁଅଲିମ୍ ସାହେବ୍‌ଙ୍କ ଘରୁ ବିଦାୟ ନେବା ସମୟରେ ତାଙ୍କ ପିଲାମାନଙ୍କୁ ଶହେଟଙ୍କା ଉପହାର ସଦୃଶ ଦେଲେ । କିଛି ଦିନ ପରେ ସେ କହୁଛନ୍ତି କି ପୁନର୍ବାର ସେହି ଜମାତ୍‌କୁ ଗସ୍ତରେ ଗଲେ । ମୁଅଲିମ୍ ସାହେବ୍‌ଙ୍କ ପିଲାମାନେ ତାଙ୍କଠାରୁ ପାଇଥିବା ଉପହାର ସଦୃଶ ଶହେଟଙ୍କାକୁ ୱକ୍‌ଫେ ଯଦିଦ୍ ଚାନ୍ଦାରେ ପ୍ରଦାନ କରିଦେଲେ ଓ କହିଲେ ଯେ ଯେହେତୁ କେରଳର ଅବସ୍ଥା ବନ୍ୟାଯୋଗୁ ବହୁତ ଖରାପ ଅଛି । ସେଇଥିପାଇଁ ଆମ ତରଫରୁ ଏହାକୁ ଚାନ୍ଦା ରୂପେ ଗ୍ରହଣ କରନ୍ତୁ । (ହଜୁର୍ ଅନୁୱର୍ କହୁଛନ୍ତି) ଏତେ ଛୋଟ ବୟସର ହୋଇଥିଲେ ମଧ୍ୟ ସେମାନଙ୍କ ମନ ଭିତରେ ଚାନ୍ଦାର ଗୁରୁତ୍ୱ ବହୁ ମାତ୍ରାଧିକ ଥିଲା ।

ୟୁ.କେ ଜମାତ୍‌ରୁ ଜଣେ ମହିଳା ଲଜ୍‌ନା ବର୍ଣ୍ଣନା କରୁଛନ୍ତି କି ମୋତେ ୨୦୧୦ ମସିହାରେ ଅହେମଦୀୟତ୍ ଗ୍ରହଣ କରିବା ପାଇଁ ସୌଭାଗ୍ୟ ମିଳିଲା । ବୟତ୍ ଯୋଗୁ ମୋତେ ଘରୁ ବାହାର କରିଦିଆଗଲା । ସେତେବେଳେ ମୋ ପାଖରେ କୌଣସି କାମ ମଧ୍ୟ ନଥିଲା । ତେଣୁ ମୋତେ ବହୁତ ଲାଜ ଲାଗୁଥିଲା ଯେ ମୁଁ ଚାନ୍ଦା ଦେଇପାରୁନାହିଁ । (ହଜୁର୍ କହୁଛନ୍ତି) ଯେବେ କି ପ୍ରଥମବର୍ଷ ନୌମୁବାଇନ୍ ମାନଙ୍କ ନିମନ୍ତେ ଚାନ୍ଦା ଦେବା ଜରୁରୀ ହୋଇନଥାଏ କିନ୍ତୁ କହୁଛନ୍ତି ତାଙ୍କୁ ବହୁତ ଚିନ୍ତା ଥିଲା । ସେ କହୁଛନ୍ତି- ମୁଁ ଏ ୱାଦା କଲି ଯେ ଯେବେମୋତେ ଋକିରୀ ମିଳିଯିବ ତେବେ ମୁଁ ଯେଉଁଦିନଠାରୁ ବୟତ କରିଛି ସେବେଠାରୁ ହିସାବ କରି ଚାନ୍ଦାଦେବି । କିଛିମାସପରେ ମୋତେ ଋକିରୀ ମିଳିଗଲା ତେଣୁ ମୁଁ ଚାନ୍ଦା ଦେବା ଆରମ୍ଭ କରିଦେଲି । ଚାନ୍ଦାର ବର୍‌କତ୍ ଯୋଗୁ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ବର୍ଷକ ମଧ୍ୟରେ ମୋ ଦରମା ତିନିଥର ବଢ଼ିଲା । ପୁଣି କିଛିଦିନପରେ ଯେଉଁ ମାଆବାପା ମୋ ସହିତ ଯୋଗାଯୋଗ ରଖୁନଥିଲେ, ତାଙ୍କ ସହିତ ମଧ୍ୟ ଯୋଗାଯୋଗ ହୋଇଗଲା । ସମ୍ବନ୍ଧ ପ୍ରତିଷ୍ଠା ହୋଇଗଲା ଏବଂ ମାଆ ବାପାଙ୍କ ସହିତ ଉତମ ସମ୍ପର୍କ ମଧ୍ୟ କାଏମ୍ ହେଲା । ମୋର ବିଭାଘର ମଧ୍ୟ ହୋଇଗଲା । ହଜୁର୍ କହୁଛନ୍ତି ଯେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ତାଙ୍କୁ ସବୁକିଛି ମିଳିଗଲା ।

ଲାଇବ୍ରେରିଆରୁ କେପ୍ ମାଉଂଟ୍ କାଉଂଟିର ସ୍ଥାନୀୟ ମୁଅଲିମ୍ କହୁଛନ୍ତି କି Ngbina ଜମାତ୍‌ରେ ୱକ୍‌ଫେ ଯଦିଦ୍ ଚାନ୍ଦା ପ୍ରସଙ୍ଗରେ ତହ୍‌ରିକ୍ କରାଗଲା । କିଛିଦିନ ପରେ ଜଣେ ନିଷ୍ଠାବାନ୍ ଅହେମଦୀ ମହିଳା ମୁସୁକାମାରା ସାହିବା ବତାଉଛନ୍ତି ଯେ ଯେତେବେଳେ ଆପଣ ମାଲିକ କୁର୍ବାନୀର ବର୍‌କତ୍ ବିଷୟରେ ବର୍ଣ୍ଣନା କରି ୱକ୍‌ଫେ ଯଦିଦ୍‌ରେ ଚାନ୍ଦା ଦେବାକଥା ଚର୍ଚ୍ଚା କଲେ ସେତେବେଳେ ବାକି ସବୁ ଲୋକମାନେ ନିଜ ନିଜର ଚାନ୍ଦା ଦେଉଥିଲେ କିନ୍ତୁ ମୋ ନିକଟରେ ଚାନ୍ଦା ଦେବାପାଇଁ କିଛି ନଥିଲା, ସେଥିଯୋଗୁ ଏହି ତହ୍‌ରିକ୍‌ରେ ସାମିଲ୍ ହୋଇପାରିଲି ନାହିଁ । ସେ କହୁଛନ୍ତି କି କାଲି ରାତିରେ ମୁଁ ସ୍ୱପ୍ନରେ ଦେଖିଲି ଯେ ଆପଣମାନେ ପୁଣି ଆସଛନ୍ତି ଓ ମୁଁ ଶହେ ଲାଇବ୍ରେରିଆନ୍ ଡଲାର ଚାନ୍ଦା ଆକାରରେ ଦେଇଛି କିନ୍ତୁ ସକାଳେ ଉଠି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ଯେ ମୋ ପାଖରେ ତ କିଛି ନାହିଁ, ଚାନ୍ଦା କିପରି ମୁଁ ଦେଲି । କିନ୍ତୁ ଇଶ୍ୱରଙ୍କ କୃପାରୁ ଏପରି ହେଲା କି କିଛି ସମୟ ପରେ ଜଣେ ବ୍ୟକ୍ତି ଆସିଲେ ଓ ମୋତେ ପାଂଚଶହ ଲାଇବ୍ରେରିଆନ୍ ଡଲାର୍ ଦେଲେ ଓ ଏକଥା କହିଲେ କି ଏହି ଅର୍ଥକୁ ମୋ ପୁଅ ମୋ ନିକଟକୁ ପଠାଇଛନ୍ତି ଅର୍ଥାତ୍ ଉକ୍ତ ମହିଳାଙ୍କ ପୁତ୍ର ଜଣକ ପଠାଇଛନ୍ତି । ସୁତରାଂ ନିଜର ସ୍ୱପ୍ନକୁ ପୁରା କରି ଶହେ ଲାଇବ୍ରେରିଆନ୍ ଡଲାର୍ ଚାନ୍ଦା ଦେବାପାଇଁ ଆସିଛି ।

ଏହିପରି ବହୁତ ଘଟଣା ଅଛି କି ମହିଳାମାନେ ବେଳେବେଳେ ଚାନ୍ଦା ଦେବାରେ ବରଂ ଅଧିକାଂଶ ସମୟ ସେମାନେ ପୁରୁଷମାନଙ୍କର ଇସ୍‌ଲାହ୍ କରିଥାନ୍ତି । ସେମାନଙ୍କୁ ଚାନ୍ଦାପ୍ରତି ଧ୍ୟାନ ଆକର୍ଷଣ କରାଇଥାନ୍ତି ଏବଂ ଏହି ମହିଳାମାନେ ଚାନ୍ଦାର ଗୁରୁତ୍ୱକୁ ପୁରୁଷଙ୍କ ଅପେକ୍ଷା ଅଧିକ ବୁଝୁଛନ୍ତି ।

ଗିନି କନାକରିର ଅବୁବକର୍ ସାହେବ୍ ଲେଖୁଛନ୍ତି, ଯିଏ ହେଉଛନ୍ତି ଗୋଟିଏ ଜମାତ୍‌ର ସଦର୍ ଏବଂ ଋଷ କାମରେ ଜଡିତ ଅଛନ୍ତି । ଅହେମଦୀୟତ୍ ଗ୍ରହଣ କରିବା ପରେ ମୋତେ ଜମାତ୍‌ର ଅଧିକାଂଶ ମୁବଲିଗିନ୍ ଏବଂ ମୁଅଲିମିନ୍‌ମାନେ ଚାନ୍ଦା ଦେବା ପ୍ରତି ଧ୍ୟାନ ଆକର୍ଷଣ କରାଇଥିଲେ କିନ୍ତୁ ମୁଁ ଅଳ୍ପ କିଛି ଅର୍ଥ ଦେଇଦେଉଥିଲି, ଯେବେ କି ମୋ ସ୍ତ୍ରୀ ଏଥିରେ ବହୁତ ନିୟମିତ ଥିଲେ ଏବଂ ସର୍ବଦା ଉଚିତ୍ ଓ ନିୟମିତ ରୂପେ ଚାନ୍ଦା ପଇଠ କରୁଥିଲେ ଓ ସେ ମୋତେ ଚାନ୍ଦା ଦେବାପାଇଁ ଧ୍ୟାନ ଆକର୍ଷଣ କରାଉଥିଲେ । ଏଥିରେ ମୁଁ ତାଙ୍କୁ ଏକଥା କହି ଭୁଲାଇ ଦେଉଥିଲି ଯେ ଯେତେବେଳେ ବହୁତ ଟଙ୍କା ହେବ ସେତେବେଳେ ପୁଣି ଚାନ୍ଦା ଦେଇଦେବି । ଏଥିରେ ସେ କହିଲେ କି ସେତେବେଳେ ଅଧିକ ଟଙ୍କା ହେବ ଯେତେବେଳେ ତୁମେ ଚାନ୍ଦାର ହକ୍‌କୁ ପୁରା କରିବ । ଏଥିରେ ମୋ ସ୍ତ୍ରୀ ଜୋର୍ ଜବର୍‌ଦସ୍ତି ମୋଠାରୁ ଚାନ୍ଦା ନେଇ ଦେବା ଆରମ୍ଭ କରିଦେଲେ । ଯେତେବେଳେ ମୁଁ ସମ୍ପୂର୍ଣ୍ଣ ଶରାହ୍ (ମାପ) ଅନୁସାରେ ଚାନ୍ଦା ଦେବା ଆରମ୍ଭ କଲି ସେତେବେଳେ ମୁଁ ଅଲ୍ଲାଃତାଲାଙ୍କର କରୁଣାକୁ ବର୍ଷା ସଦୃଶ ଅବତୀର୍ଣ୍ଣ ହେବାର ଦେଖିଲି । ସେ କହୁଛନ୍ତି କି ମୋ ଠାରୁ ଅଧିକା ଶିକ୍ଷିତ ଏବଂ କୃଷି ବିଭାଗରେ ଡିଗ୍ରି ନେଇଥିବା ଲୋକମାନଙ୍କର କ୍ଷେତରେ ଏପରି ଫସଲ ହେଲାନାହିଁ ଯେପରି ଅଲ୍ଲାଃତାଲା ଏହି ଅଧମ ଓ ଅବୋଧକୁ ପ୍ରଦାନ କରିବା ଆରମ୍ଭ କରିଦେଲେ । ଏବେ ମୁଁ ଜମିରୁ ଫସଲ

ସେତେବେଳେ ଘରକୁ ଆଣିଥାଏ ଯେତେବେଳେ ହିସାବ କରି ଲୋକାଲ୍ ମିଶ୍ନାରୀକୁ ଚାନ୍ଦା ଦେଇ ତାର ରସିଦ୍ କଟାଇଥାଏ ।

ଆଇଭରି କୋଷ୍ଟର ରିଜିଅନ୍ ମୁବଲିଗ୍ ଲେଖୁଛନ୍ତି କି ଜଣେ ବନ୍ଧୁ ଜାବୁଲୁ ସାହେବ୍‌ଙ୍କୁ ସ୍ୱପ୍ନ ମାଧ୍ୟମରେ ଅହେମଦୀୟତ୍ ଗ୍ରହଣ କରିବା ପାଇଁ ସୌଭାଗ୍ୟ ମିଳିଥିଲା । ସେ ବୟତ୍ କରିବା ପରେ ନିୟମିତ ରୂପେ ଖୁତ୍‌ବା ଶୁଣନ୍ତି ଏବଂ ସେ ଜଣେ ବହୁତ ଉତ୍ସାହି ଦାଇ ଇଲଲ୍ଲାଃ ଅଟନ୍ତି । ନିଜର ଖର୍ଚ୍ଚ କରି ଜମାତି ଲିଟରେଚର୍ କିଣି ଗଏର୍ ଅହେମଦୀ ମାନଙ୍କୁ ଦେଇଥାନ୍ତି । ଜାବୁଲୁ ସାହେବ୍ ଗୋଟିଏ ହୋଟେଲ୍‌ରେ କାମ କରୁଥିଲେ ଓ ଭଲ ପୋଷ୍ଟ୍‌ରେ ଥିଲେ କିନ୍ତୁ ବର୍ତମାନ ତାଙ୍କ ପାଖରେ ଚାକିରୀ ନାହିଁ ତେଣୁ ତାଙ୍କ ସ୍ତ୍ରୀ ହିଁ ଘରଖର୍ଚ୍ଚ କରିବା ପାଇଁ ତାଙ୍କୁ ସାହାଯ୍ୟ କରୁଛନ୍ତି । ସେ କହୁଛନ୍ତି କିଛିଦିନ ପୂର୍ବେ ସେ ଫୋନ୍‌ରେ କହିଲେ କି ମୁଁ ୩୦ହଜାର୍ ଫ୍ରାଙ୍କ୍ ସିଫା ୱକ୍‌ଫେ ଯଦିଦ୍ ଚାନ୍ଦା ନିମନ୍ତେ ପଠାଉଛି । ଏଥିରେ ମୁଁ ତାଙ୍କୁ କହିଲି ଯେହେତୁ ମୁଁ ତାଙ୍କ ଅବସ୍ଥା ବିଷୟରେ ଜାଣିଥିଲି, କି ଆପଣଙ୍କର ଅବସ୍ଥା ଭଲନାହିଁ । ତେଣୁ ଅଳ୍ପ ଦିଅନ୍ତୁ, ଏ ଅର୍ଥ ତ ଆପଣଙ୍କ ପାଇଁ ଅଧିକା ଅର୍ଥ । ପୁଣି ଜଲ୍‌ସାସାଲାନା ମଧ୍ୟ ଆସୁଅଛି । ଏଥିରେ ସେ କହିଲେ କି ମୁଁ ମୋ ସ୍ତ୍ରୀଙ୍କୁ ଏକଥା କହିଥିଲି ଯେ ଆମେ କୋଡିଏ ହଜାର୍ ଫ୍ରାନ୍‌କ୍ ଚାନ୍ଦା ଦେଇଦେବା କିନ୍ତୁ ମୋ ସ୍ତ୍ରୀ ବାଧକଲେ କି ଆମେ ତିରିଶି ହଜାର ଫ୍ରାନ୍‌କ୍ ସିଫା ଦେବା ଏବଂ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ପୁଣି ସେ ଜଲ୍‌ସାରେ ମଧ୍ୟ ସାମିଲ୍ ହେଲେ । (ହଜୁର୍ ଅନୁୱର୍ କହୁଛନ୍ତି) ଏହିପରି ବହୁ ସ୍ଥାନରେ ମହିଳାମାନେ ପୁରୁଷମାନଙ୍କଠାରୁ ମଧ୍ୟ କୁର୍ବାନୀ କରାଉଛନ୍ତି ।

ଅଷ୍ଟ୍ରେଲିଆର ଗୋଟିଏ ଜମାତ୍‌ର ସଦର୍ ବର୍ଣ୍ଣନା କରୁଛନ୍ତି କି ଜଣେ ନିଷ୍ଠାବାନ୍ ବନ୍ଧୁ ନିଜର ୱକ୍‌ଫେ ଯଦିଦ୍ ଚାନ୍ଦା ପଇଠ କରିସାରିଥିଲେ । କୋଡିଏ ଡିସେମ୍ବର୍‌କୁ ଆମେଲାର ସଦସ୍ୟମାନଙ୍କୁ ପୁଣିଥରେ ବିଶେଷ ତେହ୍‌ରିକ୍ ଜରିଆରେ ବାକି ଅର୍ଥ ଗୁଡିକୁ ପଇଠ କରିବା ପାଇ ଧ୍ୟାନ ଆକର୍ଷଣ କରାଇ ଦିଆଗଲା । ତାଙ୍କ ସହିତ ଯେତେବେଳେ ଯୋଗାଯୋଗ କରାଗଲା ସେ ପୁଣି ଗୋଟିଏ ବଡ ଅର୍ଥ ପ୍ରଦାନ କରିଦେଲେ । ତା ପରଦିନ ସନ୍ଧ୍ୟାବେଳକୁ ତାଙ୍କଠାରୁ ଫୋନ୍ ଆସିଲା ଓ ସେ ବହୁତ ଭାବବିହୋଳ ହୋଇ କହିବାକୁ ଲାଗିଲେ ଯେ ସେ ୱକ୍‌ଫେ ଯଦିଦ୍‌ରେ ଯେଉଁ ଚାନ୍ଦା ପଇଠ କରିଥିଲେ ତାହା ଗୋଟିଏ ଦିନରେ ହିଁ ଅଲ୍ଲାଃତାଲା ପୁରଣ କରିଦେଲେ । ସେ କହିଲେ ଯେ ମୁଁ ତିନିବର୍ଷ ହେବ ଗୋଟିଏ ଫୁଡ୍ ଟେକ୍ ୱେ ଚଳାଉଛି ଓ ବିଗତ ତିନିବର୍ଷରେ ଗୋଟିଏ ଦିନ ବି ଏପରି ଆସିନାହିଁ କି ଏତେମାତ୍ରାରେ କଷ୍ଟମର୍ ଆସିଥିବେ ଅର୍ଥାତ୍ ଗ୍ରାହକ ଆସିଥିବେ, ଯେତେମାତ୍ରାରେ ଏଥରକ ଚାନ୍ଦା ଦେବାପରେ ଆସିଛନ୍ତି ।

ସେହିପରି ଇଣ୍ଡୋନେସିଆର ଗୋଟିଏ ଘଟଣା ଅଛି । ଇମାନ୍ ଉପରେ ପ୍ରତିଷ୍ଠିତ ରହିବାର ଏହି ସବୁ ଘଟଣା ଗୁଡିକ ଏପରି ସେଥିରେ ଆଶ୍ଚର୍ଯ୍ୟ ଲାଗୁଛି । ଇଣ୍ଡୋନେସିଆରେ ଜଣେ ନୌମୁବାଏ ଯିଏ ୨୦୧୬ ମସିହାରେ ବୟତ୍ କରିଥିଲେ । ବୟତ୍ କରିବା ପରେ ତାଙ୍କ ପରିବାର ଓ ପଡୋଶୀମାନଙ୍କ ତରଫରୁ ଭୀଷଣ ମୁଖାଲିଫତ୍ ଆରମ୍ଭ ହୋଇଗଲା । ଏପରିକି ଦିନେ ତାଙ୍କ ପରିବାର କେତେକ ଲୋକେ ତାଙ୍କୁ ବହୁତ ମାରିଲେ ଏବଂ ତାଙ୍କୁ ଜମାତ୍ ଛାଡିବା ପାଇଁ ବିବଶ କଲେ । ତାଙ୍କୁ ମୁବଲିଗ୍ ସହିତ ମିଶିବା ପାଇଁ ପ୍ରତିବନ୍ଧକ ଲଗାଇଦେଲେ । ଏହାପରେ ସେ ଲୁଚିଛପି ମୁବଲିଗ୍‌ଙ୍କ ସହିତ ମିଶୁଥିଲେ । ଆମ ମୁବଲିଗ୍ ତାଙ୍କୁ ବତାଇଲେ କି ଜମାତ୍‌ରେ ଆସିବା ପରେ ହିଁ କୁର୍ବାନୀ କରିବାକୁ ପଡ଼ିଥାଏ । ଏବେ ଆପଣ ନିଜେହିଁ ଦେଖିନିଅନ୍ତୁ । କିନ୍ତୁ ସେ କହିଲେ ଯେ ମୁଁ ନିଶ୍ଚିତ ରୂପେ କୁର୍ବାନୀ କରିବି । ମୁଖାଲିଫତ୍ ଯେତେ ବଢ଼ିଲେ ବଢୁ ପଛେ । ଏବଂ ତାଙ୍କୁ ଚାନ୍ଦା ଓ ମାଲି କୁର୍ବାନୀର ଗୁରୁତ୍ୱ ବିଷୟରେ ମଧ୍ୟ ବତାଇ ଦିଆଗଲା । ସେ ବୟତ କରିବାର ଏକମାସ ପରେ ହିଁ ଚାନ୍ଦାଦେବା ଆରମ୍ଭ କରିଦେଲେ । ତାଙ୍କର କୌଣସି ସ୍ଥାୟୀ ଚାକିରୀ ନଥିଲା । ଏହା ସତ୍ୱେ ମଧ୍ୟ ଛୋଟଛୋଟ କାମ କରି ଯାହାକିଛି ତାଙ୍କୁ ମିଳେ ସେଥିରୁ ସେ କିଛି ଅର୍ଥ ଚାନ୍ଦା ପାଇଁ ଅଲଗା ରଖନ୍ତି । ଲୋକମାନଙ୍କଠାର ଲୁଚି ରାତି ସମୟରେ ମିଶନ୍ ହାଉସ୍ ଆସନ୍ତି । ମିଶନ୍ ହାଉସ୍ ଯିବା ପୂର୍ବରୁ ଗାଁ ଚାରିପାଖରେ ଘୁରିବୁଲନ୍ତି ଯଦ୍ୱାରା ଲୋକମାନେ ତାକୁ ମିଶନ୍ ହାଉସ୍ ଯିବାର ଦେଖିନପାରିବେ ଓ ଏପରି ଅବସ୍ଥାରେ ମଧ୍ୟ ସେ ନିୟମିତ ମିଶନ୍ ହାଉସ୍ ସହିତ ଯୋଗାଯୋଗ ରଖିଲେ ଓ ଚାନ୍ଦା ଦେବାପାଇଁ ଆସୁଥିଲେ ।

ଆଉଗୋଟିଏ ଘଟଣା ମଧ୍ୟ ଅଛି । ଯେଉଁମାନେ ଅହେମଦୀ ନୁହଁନ୍ତି ସେମାନଙ୍କୁ ମଧ୍ୟ ବେଳେବେଳେ ଅଲ୍ଲାଃତାଲାଙ୍କ ତରଫରୁ କିପରି ତେହ୍‌ରିକ୍ କରାଯାଇଥାଏ । ମାଲି ଦେଶର ଜମାତ୍‌ର ମୁବଲିଗ୍ ଲେଖୁଛନ୍ତି କି ୱକ୍‌ଫେ ଯଦିଦ୍ ପ୍ରସଙ୍ଗରେ ''ଅହେମଦୀୟା କିତା'' ରେଡିଓରେ ମୋ ଖୁତ୍‌ବା ଚାଲୁଥିଲା । ବିଗତବର୍ଷ ଖୁତ୍‌ବାର ରେକର୍ଡିଂ ଚାଲୁଥିଲା । ସେହି ସମୟରେ ସେହି ସହରର ୪୫କି.ମି ଦୂରତାରେ ଗୋଟିଏ ଗାଁର ଚିଫ୍ ଫୋନ୍ ଜରିଆରେ ଆମକୁ ନିଜ ଗାଁରେ ତବ୍‌ଲିଗ୍ କରିବା ପାଇଁ ଆମନ୍ତ୍ରଣ କଲେ । ଯେତେବେଳେ ଆମେ ତବ୍‌ଲିଗ୍ ପାଇଁ ସେଠାକୁ ଗଲୁ ଚିଫ୍ ଜଣକ ବହୁତ ଭାବବିହୋଳ ହୋଇ କହିଲେ- ଯେତେବେଳେ ଖଲିଫା ୱକ୍‌ଫେ ଯଦିଦ୍ ପ୍ରସଙ୍ଗରେ ବିଭିନ୍ନ ଦେଶଗୁଡିକର ଇମାନ୍ ଅଫ୍‌ରୋଜ୍ (ବିଶ୍ୱାସବର୍ଦ୍ଧକ) ଘଟଣା ଗୁଡିକ ବତାଉଥିଲେ ତାହା ଶୁଣିବାଦ୍ୱାରା ଆମ ଗ୍ରାମର ଲୋକମାନଙ୍କ ଉପରେ ଆଶ୍ଚର୍ଯ୍ୟଜନକ ପ୍ରଭାବ ପଡ଼ିଲା । ଏବଂ ଆମକୁ ବହୁତ ଦୁଃଖ ଲାଗିଲା ଯେ ଆମେ କାହିଁକି ଏପର୍ଯ୍ୟନ୍ତ ଏହି ପବିତ୍ର ତେହ୍‌ରିକ୍‌ରେ ଭାଗ ନେଇପାରିନାହୁଁ । ସେଇଥିପାଇଁ ମୁଁ ଆପଣମାନଙ୍କୁ ଫୋନ୍ କରି ଡକାଇଛି । ସେଠାରେ ଅହେମଦୀଙ୍କ ଟି.ଭି ଲାଗିଥିଲା ଯାହା ମାଧ୍ୟମରେ ସେମାନେ ଖୁତ୍‌ବା ଦେଖୁଥିଲେ ଓ ଶୁଣୁଥିଲେ ନା କି ରେଡିଓ ଦ୍ୱାରା । ପୁଣି ତବ୍‌ଲିଗ୍ ପ୍ରୋଗ୍ରାମ୍ ମଧ୍ୟ ହେଲା ଏବଂ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସେହିଦିନ ୮୫ଜଣ ଲୋକ ଅହେମଦୀୟତ୍ ଗ୍ରହଣ କଲେ । ଗ୍ରାମବାସୀମାନେ ସେତିକିବେଳେ ଗୋଟିଏ ବସ୍ତା ମକା ଏବଂ ଏକହଜାର ଫ୍ରାନ୍‌କ ୱକ୍‌ଫେ ଯଦିଦ୍‌ର ବାବର୍‌କତ୍ ତେହ୍‌ରିକ୍‌ରେ ପେଶ୍ କଲେ । ଅଲ୍ଲାଃତାଲା ମଧ୍ୟ ଅଜବ ଅଜବ ଶୈଳୀରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତାକୁ ନା କେବଳ ଲୋକମାନଙ୍କ ନିକଟରେ ପହଂଚାଉଛି ବରଂ ସାହାଯ୍ୟକାରୀ ମଧ୍ୟ ସୃଷ୍ଟି କରୁଅଛି ।

ବେନିନ୍‌ର ଲୋକୋସା ରିଜିଅନ୍‌ର ମୁବଲିଗ୍ ଲେଖୁଛନ୍ତି କି ଲୋକାସାର ଗୋଟିଏ ଜମାତ୍‌ରେ ୱକ୍‌ଫେ ଯଦିଦ୍ ଚାନ୍ଦା ନିମନ୍ତେ ତେହ୍‌ରିକ୍ କରାଗଲା । କିଛିଦିନ ପରେ ଆମ ରିଜିଅନ୍‌ରେ ଜଲ୍‌ସା ମଧ୍ୟ ଥିଲା ଓ ସେଥିରେ ଯୋଗଦେବାପାଇଁ ମଧ୍ୟ ତେହ୍‌ରିକ୍ କରାଗଲା । ସେ କହୁଛନ୍ତି ସେତେବେଳେ ସଦର୍ ଜମାତ୍ ଗଫାର୍ ସାହେବ୍ ମୋ ନିକଟକୁ ଆସି କହିଲେ କି ସେ କିଛି ଅର୍ଥ ଜଲ୍‌ସାରେ ସାମିଲ୍ ହେବାପାଇଁ ଏକାଠି କରି ରଖିଛନ୍ତି କିନ୍ତୁ ଚାନ୍ଦା ମଧ୍ୟ ଦେବା ଜରୁରୀ ଅଟେ । ତେଣୁ କଣ କରିବାଟା ଠିକ୍ ହେବ ? ସେ କହୁଛନ୍ତି ମୁଁ ତାଙ୍କୁ କହିଲି ଯେ ଜଲ୍‌ସାରେ ସାମିଲ୍ ହୁଅ, ଅଲ୍ଲାଃତାଲା ଫଜଲ୍ କରିବ, ଚାନ୍ଦା ପରେ ଦେଇଦେବ । ସେ କହୁଛନ୍ତି କିଛିଦିନ ପରେ ଯେତେବେଳେ ସେ ଜଲ୍‌ସାରେ ମୋ ସହିତ ମିଳିଲେ ସେତେବେଳେ କିଛି ଅର୍ଥ ମୋତେ ଦେଇ କହିଲେ କି ଏହା ହେଉଛି ମୋର ଚାନ୍ଦା, ଯାକୁ ନେଇଯାଅ । ସେ କହୁଛନ୍ତି ମୁଁ ସେକ୍ରେଟାରୀ ମାଲ୍‌କୁ କହିଲି ଯେ ତାଙ୍କର ରସିଦ୍ କାଟିକରି ତାଙ୍କୁ ଦେଇଦିଅ । ଏଥିରେ ସେକ୍ରେଟାରୀ ମାଲ୍ ସାହେବ୍ ବତାଇଲେ ଯେ ଗଫାର୍ ସାହେବ୍ ସେହି ଅର୍ଥକୁ ଚାନ୍ଦାରେ ଦେଇଛନ୍ତି ଯାହାକୁ ସେ ଜଲ୍‌ସାରେ ଆସିବା ପାଇଁ ଏକାଠି କରିଥିଲେ ଓ ସେ ନିଜେ ତାଙ୍କ ପରିବାର ସହିତ ପନ୍ଦର କି.ମି ପାଦରେ ଚାଲି ଜଲ୍‌ସାରେ ସାମିଲ୍ ହୋଇଛନ୍ତି ।

ହଜୁର୍ ଅନୁୱର୍ କହୁଛନ୍ତି- ତେବେ ଇଏ ହେଉଛନ୍ତି ସେହି ଲୋକମାନେ ଯେଉଁମାନଙ୍କୁ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରଦାନ କରିଛନ୍ତି । ସେମାନେ ଅଲ୍ଲାଃତାଲା ଏବଂ ତା ରସୁଲ୍ ସ:ଆ:ସ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କଥାଗୁଡିକୁ ଶୁଣୁଛନ୍ତି ଏବଂ ପୁଣି ନିଜକୁ ପବିତ୍ର ମଧ୍ୟ କରୁଛନ୍ତି ଓ ପ୍ରତ୍ୟେକ ପ୍ରକାରର କୁର୍ବାନୀ କରିବାକୁ ପ୍ରସ୍ତୁତ ମଧ୍ୟ ଅଛନ୍ତି । ଅସଲରେ ଏମାନେ ହିଁ ସେହି ଲୋକେ ଯେଉଁମାନେ ବାସ୍ତବିକ ବୟତ୍‌ର ହକ୍‌କୁ ପ୍ରଦାନକାରୀ ଅଟନ୍ତି । ଯଦି ଏପରି ଅନ୍ଧମାନଙ୍କୁ ଅଲ୍ଲାଃତାଲା ବୁଦ୍ଧିଦେବେ ଯେଉଁମାନେ ବୁଦ୍ଧିର ଅନ୍ଧ ତେବେ ତାଙ୍କୁ ଦେଖାଯିବା ଉଚିତ୍ କି ସେମାନଙ୍କର ଯେଉଁ ନିଷ୍ଠା, ଭକ୍ତିଭାବ ଓ ବଳିଦାନ ରହିଛି କଣ ଏହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସହଯୋଗର ସ୍ପଷ୍ଟ ପ୍ରମାଣ ନୁହେଁ ? ଯଦି ତାଙ୍କ ବୁଦ୍ଧି ଉପରେ ପରଦା ନପଡିଥିବ ତେବେ ଏତିକି ହିଁ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ଅଲ୍ଲାଃତାଲାଙ୍କ ତରଫରୁ ପ୍ରେରଣ କରାଯାଇଛି ପ୍ରମାଣ ଯଥେଷ୍ଟ ହେବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶିକ୍ଷାକୁ ଆଗକୁ ବଢ଼ାଇବା ପାଇଁ ଆସିଛନ୍ତି, ଏ ପୃଥିବୀରେ (ଉକ୍ତ ଶିକ୍ଷାକୁ) ପ୍ରଚାର ଓ ପ୍ରସାର କରିବା ପାଇଁ ଆସିଛନ୍ତି, ଯଦି ସେହି ମୁସଲ୍‌ମାନ୍ ମାନଙ୍କୁ ଏ ଜ୍ଞାନ ମିଳିଯିବ ଏବଂ କାଳେ ମିଳିଯାଆନ୍ତା, ଏବଂ ସେ ଏହି ବାସ୍ତବିକତାକୁ ବୁଝିନେବେ ତେବେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଇନ୍‌ଶାଅଲ୍ଲାଃତାଲା ଇସ୍‌ଲାମ୍ ଖୁବ୍‌ଶିଘ୍ର ଏ ପୃଥିବୀରେ ବିଜୟ ପ୍ରାପ୍ତ କରିପାରିବ । ଏବଂ ମୁସଲ୍‌ମାନ୍‌ମାନେ ଯେପରି ଲୋକହସା ହେଉଛନ୍ତି ଏବଂ ଇସ୍‌ଲାମ୍‌କୁ ବଦ୍‌ନାମ୍ କରୁଛନ୍ତି, ଏବଂ ଯେଉଁଭଳି ଇସ୍‌ଲାମ୍‌କୁ ବଦ୍‌ନାମ କରାଯାଉଛି ସେମାନେ ଏହାର ବିପରୀତ ଦେଖିବେ ଇନ୍‌ଶାଅଲ୍ଲାଃ । କିନ୍ତୁ ସେ ଯାହାହେଉ ଆମର ଏ କାର୍ଯ୍ୟ ଅଟେ କି ଆମେ ନିଜକୁ ସୁଧାରିବା । ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ହେବା ଏବଂ ଅଧିକରୁ ଅଧିକ ତବ୍‌ଲିଗ୍ କରିବା ପ୍ରତି ଧ୍ୟାନ ଦେବା । କୁର୍ବାନୀ କରିବା ପ୍ରତି ମଧ୍ୟ ଧ୍ୟାନଦେବା ଏବଂ ଇସ୍‌ଲାମ୍‌ର ବାସ୍ତବିକତାକୁ ପୃଥିବୀରେ ସ୍ପଷ୍ଟ କରିବା ।

ଏବେ ମୁଁ କିଛି ବିବରଣୀ ମଧ୍ୟ ଉପସ୍ଥାପନ କରୁଛି । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ୱକ୍‌ଫେ ଯଦିଦ୍‌ର ୬୧ତମ ବର୍ଷ ୩୧ଡିସେମ୍ବର୍ ୨୦୧୮ରେ ଶେଷ ହୋଇଥିଲା । ସେଥିରେ ଜମାତ୍ ଅହେମଦୀୟାର ସଦସ୍ୟମାନଙ୍କୁ ଏକାନବେଲକ୍ଷ୍ୟ ଚଉତିରିଶି ହଜାର ପାଉଣ୍ଡ୍ କୁର୍ବାନୀ ପେଶ୍ କରିବାର ସୌଭାଗ୍ୟ ମିଳିଲା । ଏହି ଉସୁଲି ପଛବର୍ଷଠାରୁ ଦୁଇଲକ୍ଷ୍ୟ ଏକସ୍ତରୀ ହଜାର ପାଉଣ୍ଡ୍ ଅଧିକା । ପାକିସ୍ତାନ୍ ନିଜର ପୋଜିସନ୍‌କୁ କାଏମ୍ ରଖିଛି । ତା ବ୍ୟତୀତ ପୋଜିସନ୍ ପାଇଥିବା ପ୍ରଥମ ଦଶଗୋଟି ଯେଉଁ ଦେଶ ଅଛନ୍ତି ସେମାନଙ୍କ ମଧ୍ୟରେ ବ୍ରିଟେନ୍ ୧ନମ୍ବରରେ । ତେହ୍‌ରିକ୍ ଯଦିଦ୍‌ର ଜର୍ମାନୀ ଥିଲା । ତେଣୁ ଅମୀର୍ ସାହେବ୍ କହିଥିଲେ ଯେ ଇନ୍‌ଶାଅଲ୍ଲାଃତାଲା ୱକ୍‌ଫେ ଯଦିଦ୍‌ରେ ଆମେ ଉପରକୁ ଆସିବୁ ଏବଂ ଏମାନେ ବହୁତ ବ୍ୟବଧାନରେ ଉପରକୁ ଆସିଛନ୍ତି । ଅଲ୍ଲାଃତାଲା ଜମାତ୍‌ର ସଦସ୍ୟମାନଙ୍କ ଧନ ଓ ଜନରେ ବର୍‌କତ୍ ପ୍ରଦାନ କରନ୍ତୁ ଓ ଆସନ୍ତାକୁ ମଧ୍ୟ ଏମାନଙ୍କୁ ବଢ଼ିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ପୁଣି ଦ୍ୱିତୀୟ ନମ୍ବର୍‌ରେ ଜର୍ମାନୀ, ପୁଣି ଆମେରିକା, ପୁଣି କାନାଡା । ମୁଁ ଆମେରିକାକୁ ମଧ୍ୟ ବତାଇଦେଉଛି ଯେ ସେମାନଙ୍କର ଓ କାନାଡା ମଧ୍ୟରେ ମାମୁଲି ବ୍ୟବଧାନ ରହିଛି । ଯଦିସେମାନେ ଅଧିକା ଚେଷ୍ଟା ନକରିବେ ତେବେ ସେ ଯେପରି ପ୍ରଥମ ନମ୍ବର୍‌ରୁ ତୃତୀୟ ନମ୍ବର୍‌ରେ ପହଂଚିଥିଲା ଏବେ ବୋଧହୁଏ ଆହୁରି ପଛକୁ ଚାଲିଯିବେ । ପୁଣି କାନାଡା ଚତୁର୍ଥ ନମ୍ବର୍‌ରେ, ପୁଣି ହିନ୍ଦୁସ୍ତାନ୍, ପୁଣି ଅଷ୍ଟ୍ରେଲିଆ, ପୁଣି ଇଣ୍ଡୋନେସିଆ, ପୁଣି ମିଡିଲ୍‌ଇଷ୍ଟ୍‌ର ଗୋଟିଏ ଜମାତ୍, ପୁଣି ଘାନା ଏବଂ ପୁଣି ମିଡିଲ୍ ଇଷ୍ଟ୍‌ର ଆଉଗୋଟିଏ ଜମାତ୍ ରହିଛି ।

ଏବଂ ମୁଣ୍ଡପିଛା ଚାନ୍ଦା ପଇଠ କରିଥିବା ଦୃଷ୍ଟିକୋଣରୁ ଆମେରିକା ୧ନମ୍ବର୍‌ରେ ରହିଛି, ପୁଣି ସୁଇଜର୍‌ଲାଣ୍ଡ୍, ପୁଣି ଅଷ୍ଟ୍ରେଲିଆ । ଆଫ୍ରିକାରେ ମୋଟ ଉସୁଲି ଦୃଷ୍ଟିକୋଣରୁ ଘାନା ୧ନଂରେ ଅଛି, ମୋରିସସ୍, ନାଇଜେରିଆ, ପୁଣି ତନ୍‌ଜାନିଆ, ପୁଣି ବୁର୍କିନାଫାଶୋ ଏବଂ ପୁଣି ବେନିନ ରହିଛି ।

ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ଏବର୍ଷ ୱକ୍‌ଫେ ଯଦିଦ୍‌ରେ ୧୭ଲକ୍ଷ୍ୟ ୩୨ହଜାର୍ ସଦସ୍ୟ ଚାନ୍ଦାରେ ସାମିଲ୍ ହୋଇଛନ୍ତି ଏବଂ ଏବର୍ଷ ସାମିଲ୍ ହୋଇଥିବା ଲୋକମାନଙ୍କର ସଂଖ୍ୟାରେ ଯେଉଁ ବୃଦ୍ଧି ଘଟିଛି ତାହା ହେଉଛି ଏକଲକ୍ଷ୍ୟ ତେଇଶି ହଜାର ଏବଂ ସଂଖ୍ୟାର ଅଭିବୃଦ୍ଧି ଘଟାଇବାରେ ଯେଉଁମାନେ ସ୍ୱତନ୍ତ୍ର କାମ କରିଛନ୍ତି ସେମାନଙ୍କ ମଧ୍ୟରେ ନାଇଜର, ସିରିଆଲିଓନ୍ ପୁଣି ନାଇଜେରିଆ, କ୍ୟାମେରୁନ୍, ବେନିନ୍, ଗାମ୍ବିୟା, କଙ୍ଗୋ କାନ୍‌ସାସା, ତନ୍‌ଜାନିଆ, ଲାଇବେରିଆ ଏବଂ ସିନିଗାଲ୍ ସାମିଲ୍ ଅଛନ୍ତି ।

ୱକ୍‌ଫେ ଯଦିଦ୍‌ରେ ସାବାଳକ ଚାନ୍ଦା ଏବଂ ଛୋଟପିଲାମାନଙ୍କର ଚାନ୍ଦା ଅଲଗା ଅଲଗା ହୋଇଥାଏ । ଏହ ବିଶେଷ ରୂପେ ପାକିସ୍ତାନ୍‌ରେ ଏବଂ କାନାଡାରେ ମଧ୍ୟ ଆରମ୍ଭ ହୋଇଛି ।

ସାବାଳକ ଚାନ୍ଦାରେ ପାକିସ୍ତାନ୍‌ର ପ୍ରଥମ ତିନିଗୋଟି ଜମାତର ନାମ ହେଉଛି- ଏକ ନମ୍ବରରେ ଲାହୋର, ଦ୍ୱିତୀୟରେ ରବ୍‌ୱା ପୁଣି ତୃତୀୟରେ କରାଚି ପୁଣି ଜିଲାଗୁଡିକ ମଧ୍ୟରୁ ପ୍ରଥମ ନମ୍ବରରେ ସିଆଲ୍‌କୋଟ୍, ଦ୍ୱିତୀୟରେ ଇସ୍‌ଲାମ୍‌ବାଦ୍ ପୁଣି ଫୈସ୍‌ଲାବାଦ୍, ପୁଣି ରାଉଲ୍‌ପେଣ୍ଡି, ପୁଣି ସର୍‌ଗୋଧା, ପୁଣି ଗୁଜ୍‌ରାଁୱାଲା, ମୁଲ୍‌ତାନ୍, ହାଇଦ୍ରାବାଦ୍, ମିର୍‌ପୁର୍ ଖାସ୍ ଏବଂ ଡେରା ଗାଜିଖାନ୍ ଅଛନ୍ତି ।

ଦଫ୍‌ତର୍ ଇତ୍‌ଫାଲ୍‌ରେ ପାକିସ୍ତାନ୍‌ର ଯେଉଁ ତିନିଗୋଟି ବଡବଡ ଜମାତ୍ ରହିଛି ସେମାନଙ୍କ ମଧ୍ୟରୁ ପ୍ରଥମ ହେଉଛି ଲାହୋର, ଦ୍ୱିତୀୟ ହେଉଛି କରାଚି, ତୃତୀୟ ହେଉଛି ରବ୍‌ୱା ଏବଂ ଜିଲ୍ଲା ଗୁଡିକର ପୋଜିସନ୍ ଦୃଷ୍ଟିକୋଣରୁ କ୍ରମାନୁସାରେ ଏପରି- ଇସ୍‌ଲାମାବାଦ୍, ସିଆଲ୍‌କୋଟ୍, ରାଉଲ୍‌ପେଣ୍ଡି, ସର୍‌ଗୋଧା, ଗୁଜ୍‌ରାଁୱାଲା, ହାଇଦ୍ରାବାଦ୍, ଡେରା ଗାଜିଖାନ୍ ଶେଖୋପୁରା, ଉମର୍‌କୋଟ୍ ଏବଂ ନନ୍‌କାନା ସାହେବ୍ ।

ମୋଟ ଉସୁଲି ଦୃଷ୍ଟିକୋଣରୁ ବ୍ରିଟେନ୍‌ର ଦଶଟି ବଡଜମାତ କ୍ରମାନୁସାରେ ହେଉଛନ୍ତି - (1)Worcester Park (2)Fazal Mosque (3)Brimingham South (4)Gilingham (5)BriminghamWest (6)Islambad (7)Hayes (8)Bradford North (9)New Malden & (10)Glasgow

ରିଜିଅନ୍ ଅନୁସାରେ ୧ ନମ୍ବର୍‌ରେ ହେଉଛି London B (2)London A (3)Midlands (4)North East (5)Middlesex

ଦଫ୍‌ତର୍ ଇତ୍‌ଫାଲ୍ ଏଠି ବ୍ରିଟେନ୍‌ରେ ମଧ୍ୟ ରିପୋର୍ଟ୍ କରିଛି । ସେ ଦୃଷ୍ଟିକୋଣରୁ (1)Bradford South (2)Surbiton (3)Glasgow (4)Roehampton Vale (5)Islambad (6)Roehampton (7)Mitcham Park (8)Battersea (9)Malden Manor & (10)West Mosque

ଜର୍ମାନୀର ପାଂଚଟି ଲୋକାଲ୍ ଇମାରତ୍ ମଧ୍ୟରୁ ନଂ-୧ରେ ଅଛି Hamburg (2)Frankfurt (3)Wiesbaden (4)Morfelden-Walldorf & (5)Dietzenbach

ଚାନ୍ଦା ଉସୁଲି ଅନୁସାରେ ଆମେରିକାର ପ୍ରଥମ ୧୦ଗୋଟି ଜମାତ ହେଉଛନ୍ତି ଏପରି (1)Silicon Valley (2)Seattle (3)Detroit (4)Silver Sprint (5)Central Virginia (6)Boston (7)Dallas (8)Laurel (9)Georgia Carolina & (10)York

ଏବଂ ପୁଣି ଚାନ୍ଦା ଉସୁଲି ଅନୁସାରେ କାନାଡାର ଇମାରତ୍ ଗୁଡିକ ହେଉଛନ୍ତି ଏହିଭଳି- (1)Vaughan (2)Calgary (3)Peace Village (4)Brampton & (5)Vancouver

ଏବଂ ଯେଉଁ ୧୦ଗୋଟି ଜମାତ୍ ଉପରେ ଅଛନ୍ତି ସେମାନଙ୍କର ନାମ କ୍ରମାନୁସାରେ ଏପରି (1)Durham (2)Windsor (3)Bradford (4)Edmonton West (5)Saskatoon North (6)Saskatoon South (7)Montreal West (8)Milton West (9)Hamilton West & (10)Abbotsford

ଦଫ୍‌ତର୍ ଇତ୍‌ଫାଲ୍‌ର ପାଂଚୋଟି ବିଶେଷ ପୋଜିସନ୍ ହାସଲ୍ କରିଥିବା ଜମାତ୍ ଗୁଡିକ ହେଉଛନ୍ତି ଏପରି (1)Durham (2)Milton West (3)Bradfort (4)Hamilton South & (5)Saskatoon

ଚାନ୍ଦା ଉସୁଲି ଅନୁସାରେ ଭାରତର ଯେଉଁ ରାଜ୍ୟଗୁଡିକ ଅଛନ୍ତି ସେଗୁଡିକର କ୍ରମ ହେଉଛି ଏପରି (1)Kerla (2)Jamu Kashmir (3)Karnatak (4)Telengana (5)Tamilnadu (6)Odisha (7)West Bengal (8)Punjab (9)Delhi & (10)Uttar Pradesh

ଚାନ୍ଦା ଉସୁଲି ଅନୁସାରେ ଯେଉଁ ଜମାତ୍ ଗୁଡିକ ଅଛନ୍ତି ସେମାନଙ୍କର ନାମ ହେଉଛି ଏପରି (୧)ହାଇଦ୍ରାବାଦ୍, (୨)କାଦିଆନ୍ (୩)ପାଠାପିରିଆମ୍ (୪)କାଲିକଟ୍ (୫)କୋଲ୍‌କାତା (୬)ବାଙ୍ଗାଲୋର୍ (୭)ଚେନ୍ନାଇ (୮)କରୋଲାଇ (୯)ଋସିନଗର୍ ଏବଂ (୧୦)ଦିଲ୍ଲୀ

ଅଷ୍ଟ୍ରେଲିଆରେ ଚାନ୍ଦା ଉସୁଲି ଅନୁସାରେ ଯେଉଁ ଦଶଗୋଟି ଜମାତ୍ ଆଗରେ ଅଛନ୍ତି, ସେମାନଙ୍କର କ୍ରମ ହେଉଛି ଏପରି (1)Castle Hill (2)Melbourne Long Varren (3)Penrith (4)Melbourn Berwick (5)Marsden Park (6)Brisbane (7)Adelaide South (8)Brisbane Logan (9)Canberra & (10)Plumpton

ଇତ୍‌ଫାଲ୍ ମାନଙ୍କର ଯେଉଁ ପୋଜିସନ୍ ଅଛି ଅଷ୍ଟ୍ରେଲିଆରେ ତା ଅନୁସାରେ ଜମାତ୍ ଗୁଡିକ ହେଉଛନ୍ତି ଏପରି (1)Penrith (2)Adelaide South (3)Brisbane Logan (4)Melbourne Long Varren (5)Melbourn Berwick (6)Brisbane South (7)Marsden Park (8)Mount Druitt (9)Castle Hill & (10)Melbourne East

ଅଲ୍ଲାଃତାଲା ସମସ୍ତ ଦେଶଗୁଡିକରେ ସାମିଲ୍ ହୋଇଥିବା ସଦସ୍ୟମାନଙ୍କ ଧନ ଓ ଜନରେ ବର୍‌କତ୍ ପ୍ରଦାନ କରନ୍ତୁ ଓ ଆସନ୍ତାକୁ ମଧ୍ୟ ଅଧିକରୁ ଅଧିକ ଉତମ କୁର୍ବାନୀ (ବଳିଦାନ) ଉପସ୍ଥାପନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ...*

ଶୁଣାଇଲେ । ହଜୁର୍ ଅନୁୱର୍ ଅ:ବ:ଅଙ୍କ କଥନରୁ ସମସ୍ତ କାର୍‌କୁନ୍ ଓ ଅଫିସର୍‌ମାନଙ୍କୁ ଉପଦେଶ ଦେଇ କହିଲେ କି ହଜୁର୍ ଅନୁୱର୍ କହୁଛନ୍ତି ଯେ:-

ଆପଣମାନଙ୍କ ଅତିଥି ଯେଉଁମାନଙ୍କର ଆତିଥ୍ୟତା କରିବା ନିମନ୍ତେ ଆପଣଙ୍କୁ ନିୟୋଜିତ କରାଯାଇଛି, ଯେଉଁମାନଙ୍କ ଆତିଥ୍ୟତା କରିବାର ମୌକା ଏବେ ମିଳିବାକୁ ଯାଉଛି ଇନ୍‌ଶାଅଲ୍ଲାଃ, ଏମାନେ ତ ଏପରି ଅତିଥି ଯେଉଁମାନେ ଅଲ୍ଲାଃତାଲାଙ୍କ ଖାତିର୍ ଏଠାରେ ଏକତ୍ରିତ ହେଉଅଛନ୍ତି । ଏଇଥିପାଇଁ ଏକାଠି ହେଉଛନ୍ତି କି ଅଲ୍ଲାଃତାଲାଙ୍କ ଦୀନ୍‌ର କଥା ଶୁଣିବେ, ଏଇଥିପାଇଁ ଏକତ୍ରିତ ହେଉଛନ୍ତି କି ଖୁଦାଙ୍କ ମସିହ୍ ସେମାନଙ୍କୁ ଡାକିଛନ୍ତି ଯେପରିକି ମୁଁ ପୂର୍ବରୁ କହିସାରିଛି । ଏବଂ ଏଇଥିପାଇଁ ଡକାଇଛନ୍ତି ଯେ ବର୍ଷକରେ ଥରେ ଏକାଠି ହୋଇ ନିଜର ତର୍‌ବିୟତ୍ କର ଏବଂ ନିଜର ଆଧ୍ୟାତ୍ମିକତାରେ ଉନ୍ନତି ଆଣ....ଯଦି କୌଣସି ଅତିଥିଙ୍କ ମିଜାଜ୍‌ର ସ୍ୱଭାବ କଠୋର ଥାଏ ସେଇଥିଯୋଗୁ ତା ମୁହଁରୁ କୌଣସି କ୍ଲିଷ୍ଟ ଭାଷା ବାହାରିଯାଏ ବା ସେ କ୍ଲିଷ୍ଟ ଭାଷାକୁ ବ୍ୟବହାର କରିଥାଏ ତେବେ କାର୍‌କୁନ୍‌ମାନଙ୍କୁ ସର୍ବଦା ତାଙ୍କ କଥାକୁ ଧରିବା ଉଚିତ୍ ନୁହେଁ ଏବଂ ତାଙ୍କ କଥାକୁ ଖରାପ ଭାବିବା ଉଚିତ୍ ନୁହେଁ କାରଣ ଏହାଦ୍ୱାରା ପୁଣି ଅଧିକ କନ୍ଦଳ ସୃଷ୍ଟି ହୋଇଯାଇଥାଏ ।

ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ଆମକୁ ନିର୍ଦ୍ଦେଶ ଦେଉଛନ୍ତି କି *କୁଲୁ ଲିନ୍‌ନାସି ହୁସ୍‌ନନ୍ /* (ସୁରଃ ବକ୍‌ରାଃ:୮୪) ଅର୍ଥାତ୍ ଲୋକମାନଙ୍କ ସହିତ ନରମ କଥା କୁହ । ଏହି ଯେଉଁକଥା ଆମକୁ ଅଲ୍ଲାଃତାଲା ବତାଇଛନ୍ତି ଏହା ଚରିତ୍ରକୁ ପ୍ରତିଷ୍ଠା କରିବା ପାଇଁ ଗୋଟିଏ ସୁତ୍ର ଅଟେ.....ସାଧାରଣତଃ ଯଦି ଏପରି କାର୍ଯ୍ୟ କରିବା ପାଇଁ ଏପରି ନିର୍ଦ୍ଦେଶ ରହିଛି ତେବେ ଏହି ଦିନ ଗୁଡିକରେ ବିଶେଷ ରୂପେ ଉକ୍ତ ନିର୍ଦ୍ଦେଶ ଉପରେ ବହୁମାତ୍ରାରେ ପରିଚାଳିତ ହେବା ଉଚିତ୍ ତେଣୁ କାର୍‌କୁନ୍‌ମାନେ ସର୍ବଦା ଉତମ ଚରିତ୍ରର ପରିପ୍ରକାଶ କରିବା ଉଚିତ୍ । ଏହାଦ୍ୱାରା ଯେଉଁଠି ସେମାନେ ନିଜର ଉତମ ଚରିତ୍ରକୁ ପରିପ୍ରକାଶ କରିବା ଯୋଗୁଁ ଅତିଥି ପରାୟଣତାର ହକ୍‌କୁ ପ୍ରଦାନ କରୁଥିବେ ସେଠାରେ ପୁଣ୍ୟ ମଧ୍ୟ ଅର୍ଜନ କରିବେ ଏବଂ ଏହାର ଫଳ ଏପରି ହେବ କି ସେମାନଙ୍କର ଇମାନ୍ ଉନ୍ନତି ହୋଇଚାଲିବ, କାରଣ ସେମାନେ ଅନ୍ୟମାନଙ୍କ ଭୁଲ୍‌କଥାର ପ୍ରତିକ୍ରିୟାକୁ ପ୍ରକାଶ କଲେନାହିଁ । ଏପରି କାର୍‌କୁନ୍ ଯେଉଁଠି ଅନ୍ୟ ବ୍ୟକ୍ତିର ମନୋଭାବକୁ ବଦଳାଇଦେବ ସେଠାରେ ଅହେମଦୀ ସମାଜରେ ନମ୍ରତା, ପ୍ରେମ, ଭଲପାଇବା ଓ ଭାଇଚାରାର ପରିବେଶ ସୃଷ୍ଟି କରିବ ।

ସୁତରାଂ ପୁଣ୍ୟ ଅର୍ଜନ କରିବା ଏବଂ ଉତମ ଚରିତ୍ରକୁ ଏକାଠି କରିବା ପାଇଁ ଏହା ଗୋଟିଏ ଅବସର, ଯାହା ଆମକୁ ଏକବର୍ଷପରେ ସୁଯୋଗ ମିଳୁଅଛି । ଏଥିରେ ପ୍ରତ୍ୟେକ ଅହେମଦୀଙ୍କୁ ଏବଂ ବିଶେଷ ରୂପେ କାର୍‌କୁନ୍‌ମାନଙ୍କୁ ଚେଷ୍ଟା କରିବା ଉଚିତ୍ କାରଣ ଅତିଥିପରାୟଣତା ସହିତ ଏବଂ ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କ ସେବା କରିବା ସହିତ ଅତିଥିମାନଙ୍କର କଠୋର କଥାକୁ ସହିବାକୁ ପଡ଼ିଥାଏ । ତେଣୁ ନିଜ ଉପରେ ଆୟତ ରଖିବା ମଧ୍ୟ ହେଉଛି ଏକ ଉତମ ଚରିତ୍ର । ଏହାଦ୍ୱାରା ନିଶ୍ଚିତ ରୂପେ ଆପଣମାନଙ୍କୁ ବୈଭବରେ ପୁର୍ଣ୍ଣ କରିଦିଆଯିବ ବରଂ ଅଗଣତି ପୁଣ୍ୟ ଓ ବୈଭବ ଅଲ୍ଲାଃତାଲା ତା ବଦଳରେ ପ୍ରଦାନ କରିବେ ।

ମେହ୍‌ମାନ୍ ମାନଙ୍କ ସୂକ୍ଷ୍ମ ମିଜାଜ୍ ସମ୍ବନ୍ଧରେ ଚର୍ଚ୍ଚା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଅତିଥିମାନଙ୍କ ହୃଦୟ ତ ଆଇନା ସଦୃଶ ହୋଇଥାଏ ଓ ଟିକିଏ ଆଘାତ ଲାଗିଲେ ତାହା ଭାଙ୍ଗି ଯାଇଥାଏ ସୁତରାଂ ପ୍ରଥମତଃ ଅତିଥିମାନଙ୍କ ସହିତ କଠୋର ବ୍ୟବହାର କରିବ ନାହିଁ, ଦ୍ୱିତୀୟତଃ ଯଦି କୌଣସି ଅତିଥିଙ୍କଠାରେ କିଛି ଦୋଷ ଦୁର୍ବଳତା ରହିଛି ତେବେ ସେମାନେ ଆପଣମାନଙ୍କର ଉତମ ବ୍ୟବହାରକୁ ଦେଖି ନିଜର ଅବସ୍ଥାକୁ ପରିବର୍ତନ କରିବା ପାଇଁ ଚେଷ୍ଟା କରିବେ । ତେଣୁ ଏହିଭଳି ଆପଣମାନେ କାହାକୁ ସୁଧାରିବାର କାରଣ ହୋଇଯିବେ ।

ହଜୁର୍ ଅନୁୱର୍‌ଙ୍କ ଶବ୍ଦରେ ସେ ନିମ୍ନଲିଖିତ ଉପଦେଶ ଓ ପ୍ରାର୍ଥନାମୂଳକ ବଚନରେ ନିଜର ଅଭିଭାଷଣକୁ ଶେଷ କଲେ । ହଜୁର୍ ଅନୁୱର୍ କହୁଛନ୍ତି:-

ସୁତରାଂ ଏହି ଦିନଗୁଡିକରେ ଯେଉଁଠି ମୁ (ଏହି ଜଲ୍‌ସାକୁ) ଆସୁଥିବା ଲୋକମାନଙ୍କୁ ଉପଦେଶ ଦେଉଛି କି ସେମାନେ ମଧ୍ୟ ନିଜର ସମୟକୁ ପ୍ରାର୍ଥନା କରି ବିତାନ୍ତୁ । ସେଠାରେ କାର୍‌କୁନ୍‌ମାନଙ୍କୁ ମଧ୍ୟ ଏକଥାର ଧ୍ୟାନ ରଖିବା ଉଚିତ୍ କି ନିଜର ସେହି ଖୁଦାଙ୍କୁ କେବେ ନଭୁଲନ୍ତୁ ଯିଏ ସଦାସର୍ବଦା ଆମକୁ ସାହାଯ୍ୟ ଓ ସହଯୋଗ କରୁଛନ୍ତି । ଅଫିସର୍ ବିଭାଗ ଗୁଡିକ ମଧ୍ୟ ମନେରଖନ୍ତୁ ଯେ ସେମାନେ ଏହି ଅଫିସର୍‌ଗିରି ଜରିଆରେ ଜାତିର ସେବା କରିବା ପାଇଁ ନିୟୋଜିତ ହୋଇଛନ୍ତି । ଯେଉଁଠି ସେମାନେ ନିଜର କାର୍ଯ୍ୟଗୁଡିକୁ ଅନୁଶୀଳନ କରିବେ ସେଠାରେ ତର୍‌ବିୟତି ଦୃଷ୍ଟିକୋଣରୁ ନିଜର କାର୍‌କୁନ୍‌ମାନଙ୍କର ମଧ୍ୟ ଅନୁଧ୍ୟାନ କରିବେ । ଏବଂ ସର୍ବଦା ଏ ଚେଷ୍ଟା କରିବେ କି ଅତିଥିମାନଙ୍କ ନିମନ୍ତେ କିପରି ଅଧିକରୁ ଅଧିକ ସୁବିଧା ଓ ସହଜତା ସୃଷ୍ଟିହେଉ ଏବଂ ଦୁଆ ଉପରେ ଜୋର୍ ଦେଇ ସେମାନେ ନିଜର କାର୍ଯ୍ୟଗୁଡିକୁ ସମ୍ପାଦନ କରନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । (ଖୁତ୍‌ବାଜୁମା, ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ, ୨୧ ଜୁଲାଇ ୨୦୦୬)

ପରିଶେଷରେ ହଜୁର୍ ଅନୁୱର୍‌ଙ୍କ ପ୍ରତିନିଧି ସମସ୍ତ ବିଭାଗର ନାଜ୍‌ମିନ୍ ଏବଂ ମୁନ୍‌ତଜମିନ୍‌ଙ୍କ ସହିତ କରମର୍ଦ୍ଦନ କଲେ ଓ ଏହିପରି ମୁଆଇନା କାର୍‌କୁନାନ୍‌ର ଏହି ଉତ୍ସବର ପରିସମାପ୍ତି ଘଟିଲା । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲା ଜାଲିକା ।

**ଜଲ୍‌ସାର ପ୍ରଥମ ଦିନ ୨୮ଡିସେମ୍ବର୍‌୨୦୧୮ ଶୁକ୍ରବାର**

**ଜଲ୍‌ସାର୍ ଉଦ୍‌ଘାଟନ**

ଜଲ୍‌ସାଗାଃ ‘‘ବୁସ୍‌ତାନେ ଅହେମଦ୍’’ଠାରେ ୧୨୪ତମ ଜଲ୍‌ସାସାଲାନା କାଦିଆନ୍‌ର ଶୁଭାରମ୍ଭ ଅତ୍ୟନ୍ତ ବୈଭବପୂର୍ଣ୍ଣ ଶୈଳୀରେ ଅନୁଷ୍ଠିତ ହେଲା । ଉପ ମହାଦେଶ ହିନ୍ଦୁସ୍ତାନ୍ ଓ

ପାକିସ୍ତାନ୍ ବ୍ୟତୀତ ବିଦେଶରୁ ମଧ୍ୟ ଆସିଥିବା ଅହେମଦୀୟତ୍‌ର ପ୍ରେମୀଗଣ ସକାଳୁ ସକାଳୁ ଯଥାଶିଘ୍ର ଜଲ୍‌ସାଗାଃର ପ୍ରାଙ୍ଗଣରେ ଆସି ବସିବାକୁ ଲାଗିଲେ ଏବଂ ମନେମନେ ପ୍ରାର୍ଥନା କରୁଥିଲେ ଏବଂ ଇମାନ୍‌ର ଜୋସ୍‌ରେ *ନାରାଏ ତକ୍‌ବିର୍* ର ସ୍ଲୋଗାନ୍ ଲଗାଉଥିଲେ ଯାହା ଅତ୍ୟନ୍ତ ବିଶ୍ୱାବର୍ଦ୍ଧକ ଦୃଶ୍ୟକୁ ଉପସ୍ଥାପନ କରୁଥିଲା ।

**ପରଚମ୍ କୁଶାଇ (ପତାକା ଉତୋଳନ)**

ଜମାତ୍‌ର ପ୍ରଥା ମୁତାବକ ଗୋଟିଏ ସୁରକ୍ଷିତ ନିବୁଜ ବାକ୍‌ସ ଭିତରେ ବିଶେଷ ସମ୍ମାନର ସହିତ ''ଲିୱାଏ ଅହେମଦୀୟତ୍'' (ଅହେମଦୀୟତ୍‌ର ଧ୍ୱଜା) ଜଲ୍‌ସାଗାଃକୁ ଅଣାଗଲା ଯାହାର ଚତୁଃପାର୍ଶ୍ୱରେ ଖୁଦାମେ ଅହେମଦୀୟତ୍ କର୍ମତତ୍ପର ଥିଲେ । ଯେବେ କି ମୋକରମ୍ ହାଫିଜ୍ ମଖ୍‌ଦୁମ୍ ଶରିଫ୍ ସାହେବ୍ ନାଜର୍ ନଶ୍‌ରୋ ଇଶାଅତ୍, ମୋକରମ୍ ଓ୍ୱସିମ୍ ଅହେମଦ୍ ସିଦ୍ଦିକ୍ ସାହେବ୍ ନାଜର୍ ବଇତୁଲ୍ ମାଲ୍ ଆମଦ୍, ମୋକରମ୍ ମୌଲାନା ଜୈନୁଦ୍ଦିନ୍ ହାମିଦ୍ ସାହେବ୍ ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ, ମୋକରମ୍ ମୌଲାନା ଇନାୟତୁଲ୍ଲାଃ ସାହେବ୍ ମଣ୍ଡାସୀ ଆଡିଶିନାଲ୍ ନାଜିର୍ ଇସ୍‌ଲାହ୍ ଓ୍ୱ ଇରଶାଦ୍ ତାଲିମୁଲ୍ କୁର୍‌ଆନ୍ ଓ୍ୱ ଓ୍ୱକଫେ ଆର୍‌ଜି, ମୁକରମ୍ ଶୋଏବ୍ ଅହେମଦ୍ ସାହେବ୍ ନାଜିର ବଇତୁଲ୍ ମାଲ୍ ଖର୍ଚ୍ଚ, ମୋକରମ୍ ମୁଜଫର୍ ଅହେମଦ୍ ନାସିର୍ ସାହେବ୍ ନାଜିର୍ ଇସ୍‌ଲାହ୍ ଓ୍ୱ ଇରଶାଦ୍ ମର୍କଜିୟା କାଦିଆନ୍ ଏବଂ ଅଫିସର୍ ଜଲ୍‌ସାଗାଃ ମଧ୍ୟ ଲିୱାଏ ଅହେମଦୀୟତ୍ ସହିତ ଉପସ୍ଥିତ ଥିଲେ ।

ସକାଳ ଠିକ୍ ୧୦:୦୮ରେ ମୋହତରମ୍ ମୌଲାନା ଜଲାଲୁଦ୍ଦିନ୍ ନୟର୍ ସାହେବ୍ ସଭାପତି ସଦର୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍ ଲିୱାଏ ଅହେମଦୀୟତ୍ (ଅହେମଦୀୟତ୍‌ର ଧ୍ୱଜା)କୁ ଉତୋଳନ କଲେ । ଏବଂ ପୁଣି ସାମୁହିକ ପ୍ରାର୍ଥନା କରାଇଲେ । ମଂଚ ଉପରୁ *ରବ୍ବନା ତକବ୍ବଲ୍ ମିନ୍ନା ଇନ୍ନକା ଅନ୍‌ତସ୍ ସମିଉଲ୍ ଅଲିମ୍* ର ଦୁଆ ଦୋହରା ଯାଉଥିଲା ଏବଂ ତା ପରେ ନାରାୟେ ତକ୍‌ବୀର୍‌ର ସ୍ଲୋଗାନ୍ ଗୁଞ୍ଜରଣ ହେଲା ।

ମୋହତରମ୍ ମୌଲାନା ଜଲାଲୁଦ୍ଦିନ୍ ନୟର୍ ସାହେବ୍ ସଭାପତି ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଇଜ୍‌ଲାସ୍‌ର ଶୁଭାରମ୍ଭ ପବିତ୍ର କୁର୍‌ଆନ୍ ପାଠ ସହିତ ହେଲା ଯାହାକୁ ମୋକରମ୍ କାଜି ଉସ୍‌ମାନ୍ ପାଶା ସାହେବ୍ ମୁଅଲ୍ଲିମ୍ ସିଲ୍‌ସିଲା ନଜାରତ୍ ଇସ୍‌ଲାହୋ ଇରଶାଦ୍ ଦକ୍ଷିଣ ଭାରତ ପାଠ କଲେ । ସେ ସୁରତୁଲ୍ ମୁଲ୍‌କର ଆୟତ ୨ରୁ୧୫ ପର୍ଯ୍ୟନ୍ତ ଆବୃତି କଲେ । ଏହି ଆୟତ ଗୁଡିକର ଅନୁବାଦ ମୋକରମ୍ ମୌଲବୀ ତାହେର୍ ଅହେମଦ୍ ତାରିକ୍ ସାହେବ୍ ନାଏବ୍ ନାଜିର୍ ଇସ୍‌ଲାହୋ ଇର୍‌ଶାଦ୍ ମର୍କଜୀୟା ଉପସ୍ଥାପନ କଲେ ।

ଏହାପରେ ମୋହତରମ୍ ସଦରେ ଇଜ୍‌ଲାସ୍ (ସଭାର ସଭାପତି) ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରି କହିଲେ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିର୍ଦ୍ଦେଶ ଉପରେ ଲବ୍‌ବେକ୍ କହି ଅଲ୍ଲାଃତାଲାଙ୍କ ନିମନ୍ତେ ଏଠାରେ ଉପସ୍ଥିତ ହୋଇଥିବା ଆପଣ ସମସ୍ତଙ୍କୁ ଏ ଅଧମ ଜଲ୍‌ସାର ମୋବାରକ୍‌ବାଦ୍ (ଶୁଭେଚ୍ଛା) ଅର୍ପଣ କରୁଅଛି । ଜଲ୍‌ସାସାଲାନାର ଲକ୍ଷ ଉଦ୍ଦେଶ୍ୟ ସମ୍ବନ୍ଧରେ ମାନନୀୟ ସଭାପତି ମହୋଦୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଇକ୍‌ତେବାସାତ୍ (ଆଲେଖ୍ୟଗୁଡିକ) ଉପସ୍ଥାପନ କଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ଏହି ଜଲ୍‌ସାରେ ଏପରି ସତ୍ୟାସତ୍ୟ ଓ ଯୁକ୍ତିଯୁକ୍ତ ଜ୍ଞାନ ଶୁଣାଇବାର କାର୍ଯ୍ୟ ରହିବ ଯାହା ଇମାନ୍, ୟକିନ୍ ଏବଂ ମାରେଫତ୍ (ବିଶ୍ୱାସ, ଆସ୍ଥା ଏବଂ ଇଶ୍ୱରୀୟ ଜ୍ଞାନ) କୁ ବଢ଼ାଇବା ପାଇଁ ଜରୁରୀ ଅଟେ ଏବଂ ସେହି ସମସ୍ତ ବନ୍ଧୁମାନଙ୍କ ନିମନ୍ତେ ବିଶେଷ ପ୍ରାର୍ଥନା ଚାଲିଗଲା ଏବଂ ବିଶେଷ ଧ୍ୟାନ ହେବ ଏବଂ ଯଥାସମ୍ଭବ ଦୟାଶୀଳ ଇଶ୍ୱରଙ୍କ ନିକଟରେ ଏ ଚେଷ୍ଟା କରାଯିବ କି ଇଶ୍ୱର ନିଜ ଆଡୁ ସେମାନଙ୍କୁ ତା ନିକଟକୁ ଟାଣିଆଣି ସେମାନଙ୍କୁ ଗ୍ରହଣ କରନ୍ତୁ ଏବଂ ସେମାନଙ୍କଠାରେ ଏକ ପବିତ୍ର ପରିବର୍ତନ ସୃଷ୍ଟିକରନ୍ତୁ ।

ଆଉଗୋଟିଏ ଅସ୍ଥାୟୀ ଲାଭ ଏହି ଜଲ୍‌ସାର ଏହା ମଧ୍ୟ ହେବ କି ପ୍ରତ୍ୟେକ ନୂଆବର୍ଷ ଯେତେମାତ୍ରାରେ ଭାଇମାନେ ଏହି ଜମାତ୍‌ରେ ଦାଖିଲ୍ ହେବେ ସେମାନେ ଧାର୍ଯ୍ୟ ତାରିଖରେ ହାଜିର୍ ହୋଇ ନିଜର ପ୍ରଥମଭାଇମାନଙ୍କୁ ଚେହେରା ଦେଖିନେବେ ଏହାଦ୍ୱାରା ପରିଚିତ ହୋଇ ଆପୋଷ ବନ୍ଧୁତ୍ୱ ବଢ଼ିଚାଲିବ ଓ ଯେଉଁ ଭାଇମାନେ ଏହି ଅବଧି ମଧ୍ୟରେ ଏ ଧରାରେ ମୃତ୍ୟୁବରଣ କରିଯିବେ, ଏହି ଜଲ୍‌ସାରେ ସେମାନଙ୍କ ପାଇଁ ଦୁଆଏ ମଗ୍‌ଫିରତ୍ (କ୍ଷମା ପ୍ରାର୍ଥନା) କରାଯିବ.... ଏହି ଆଧାତ୍ମିକ ଜଲ୍‌ସାରେ ଆହୁରି ମଧ୍ୟ ଅନେକ ଆଧାତ୍ମିକ ଲାଭ ମିଳିବ ଯାହା ଇନ୍‌ଶାଅଲ୍ଲାଃ ସମୟ ମୁତାବକ ପ୍ରକାଶ ହୋଇଚାଲିବ । (ଇସ୍‌ତେହାର ୩୦ ଡିସେମ୍ବର ୧୮୯୧)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:-

ଏ ଜଲ୍‌ସାକୁ ମାମୁଲି ମନୁଷ୍ୟଗତ ଜଲ୍‌ସା ପରି ବିବେଚନା କରନାହିଁ । ଏହା ହେଉଛି ସେହି ବଚନ ଯାହାର ମୂଳଦୁଆ ବିଶେଷ ରୂପେ ଇଶ୍ୱରଙ୍କ ସହଯୋଗ ଏବଂ ସତ୍ୟ ଧର୍ମବାଣୀର ବିଜୟ ନିମନ୍ତେ ରଖାଯାଇଛି । ଏହି ସିଲ୍‌ସିଲାର ମୂଳଦୁଆ ଖୁଦାତାଲା ନିଜ ହାତଦ୍ୱାରା ରଖିଛନ୍ତି ଓ ଏଥିପାଇଁ କୌମେ (ଜାତିଗୁଡିକୁ) ପ୍ରସ୍ତୁତ କରିଛନ୍ତି । ଯେଉଁମାନେ ନିକଟ ଭବିଷ୍ୟତରେ ଏଥିରେ ଆସି ମିଶିଯିବେ କାରଣ ଏହା ହେଉଛି ସେହି ଶକ୍ତିଶାଳୀ (ଇଶ୍ୱରଙ୍କ) କାର୍ଯ୍ୟ ଯାହାଙ୍କ ସମ୍ମୁଖରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ।

ଶ୍ରୀମାନ୍ ସଭାପତି ମହୋଦୟ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଅଲ୍ ଖାମିସ୍ ଅ:ବ:ଅଙ୍କ ନିତୀବାଣୀର ଆଲୋକରେ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କୁ କିଛି ଉପଦେଶ ପ୍ରଦାନ କଲେ । ହଜୁର୍ ଅନ୍‌ୱର୍ ଅ:ବ:ଅ କହୁଛନ୍ତି:-

''ଆମେ ଅହେମଦୀମାନେ ହେଉଛେ ସୌଭାଗ୍ୟାବାନ କି ଅଲ୍ଲାଃତାଲା ଆମକୁ ଏ ଶକ୍ତି ଓ ସାମର୍ଥ୍ୟ ଦେଛନ୍ତି ଯେ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହି ସଚ୍ଚା ପ୍ରେମୀ ଏବଂ ଖୁଦାଙ୍କ ଯୋଦ୍ଧାଙ୍କୁ ଚିହ୍ନିପାରିଛେ ଏବଂ ତାଙ୍କ ଉପରେ ବିଶ୍ୱାସ ଆଣିଛେ । ଏବଂ ଏହି ମସିହ୍ ମେହ୍‌ଦୀଙ୍କ ଜମାତ୍‌ରେ ସାମିଲ୍ ହୋଇଅଛେ । କିନ୍ତୁ ଆମେ ଏହି ଜମାତ୍‌ରେ ସାମିଲ୍ ହେବା ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ସେତେବେଳେ ଯାଇ ଲାଭପ୍ରଦ ହେବ ଯେତେବେଳେ ଆମ ଭିତରେ ପବିତ୍ର ପରିବର୍ତନ ସୃଷ୍ଟି ହେବ ଏବଂ ନିଜର ସୃଷ୍ଟିକର୍ତା ଇଶ୍ୱର ଯିଏ ଅତ୍ୟନ୍ତ ଅନୁଗ୍ରହକାରୀ ଏବଂ କରୁଣାମୟ ଖୁଦା ଅଟନ୍ତି, ତାଙ୍କ ସମ୍ମୁଖରେ ନତମସ୍ତକ ହେବା । ତାର ଉପାସନା କରିବାରେ ଅବହେଳା କରିବା ନାହିଁ । ସଂସାରର ଭୌତିକ ଆଲୋକ, ଏହି ଚାକଚାକ୍ୟ ଏବଂ ସଂସାର ଆଡକୁ ଟାଣିନେଉଥିବା ବସ୍ତୁଗୁଡିକ ଆମକୁ ଇଶ୍ୱରଙ୍କ ଠାରୁ ଦୂରେଇ ନେଇ ନଯାଉ ଏବଂ ଆମେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ପରିଚାଳିତ ହେବା ବାଲା ହୁଅନ୍ତୁ'' । (ଖୁତ୍‌ବାଜୁମା ୭ଏପ୍ରିଲ୍ ୨୦୧୭)

ପରିଶେଷରେ ସଭାପତି ମହୋଦୟ କହିଲେ- ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରବର୍ତିତ ଶିକ୍ଷାର ଆଲୋକରେ ଏବଂ ଖୋଲୋଫା କରାମ୍‌ଙ୍କ ନିର୍ଦ୍ଦେଶାବଳୀ ଆଲୋକରେ ନିଜର କାର୍ଯ୍ୟରେ ଏକ ଆଧାତ୍ମିକ ପରିବର୍ତନ ସୃଷ୍ଟି କରିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଏହାପରେ ସେ ସାମୁହିକ ଦୁଆ କରାଇଲେ । ସେଥିରେ ଜଲ୍‌ସାରେ ସାମିଲ୍ ହୋଇଥିବା ସମସ୍ତ ସଦସ୍ୟ ଯୋଗଦେଲେ ।

ଉଦ୍‌ଘାଟନୀ ଅଭିଭାଷଣରେ ଶ୍ରୀମାନ୍ ରିଜ୍‌ୱାନ୍ ଅହେମଦ୍ ସାହେବ୍ ଜଫର୍ ମୁବଲିଗ୍ ସିଲ୍‌ସିଲା କାଦିଆନ୍ ଅତ୍ୟନ୍ତ ଲଳିତ ସ୍ୱରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ଓଙ୍କ ନିମ୍ନଲିଖିତ ମନ୍‌ଜୁମ୍ କଲାମ ପଢ଼ି ଶୁଣାଇଲେ ।

*କିସ୍ କଦର୍ ଜାହିର୍ ହୈ ନୂର୍*

*ଉସ୍ ମବ୍‌ଦଉଲ୍ ଅନ୍‌ୱାରକା*

*ବନ୍ ରାହା ହେ ସାରା ଆଲମ୍*

*ଆଇନାଃ ଅବ୍‌ସାର୍ କା*

ଏହାପରେ ଏହି ଇଜ୍‌ଲାସ୍‌ର ପ୍ରଥମ ତକ୍‌ରୀର୍ (ଭାଷଣ) ମୋକରମ୍ ମୌଲାନା ମୁହମ୍ମଦ୍ କରିମୁଦ୍ଦିନ୍ ସାହେବ୍ ଶାହିଦ୍ *''ମୁନ୍‌କେରୈନ୍ ହସ୍‌ତିବାରି ତାଲା କେ ଏତେରାଜାତ୍ ଅଓର୍ ଉନ୍‌କେ ଜୱାବାତ୍''* (ଅର୍ଥାତ୍ ଇଶ୍ୱରଙ୍କ ଅସ୍ତିତ୍ୱକୁ ମାନୁନଥିବା ଲୋକମାନଙ୍କର ଆରୋପ ଏବଂ ତାର ଉତର) ବିଷୟବସ୍ତୁ ଉପରେ ଆଲୋକପାତ କଲେ । ସେ ସୁରଃ ଆରାଫ୍‌ର ଆୟତ୍ ନଂ-୧୭୩ ଆବୃତି କଲେ ଏବଂ ତାର ଅନୁବାଦ ମଧ୍ୟ ଉପସ୍ଥାପନ କଲେ- *ଓ୍ୱ ଇଜ୍ ଅଖଜର ରବ୍ବୁକ ମିମ୍ ବନି ଆଦମା ମିନ୍ ଜୁହୁରିହିମ୍ ଜୁର୍‌ରିୟତହୁମ୍ ଓ୍ୱ ଅଶ୍‌ହଦାହୁକ୍ ଅଲା ଅନ୍‌ଫୁସିହିମ୍ ଅଲସ୍ତୁ ବି ରବ୍‌ବିକୁମ୍ । କାଲୁ ବଲା ଶହୀଦ୍‌ନା । ଅନ୍‌ତକୁଲୁ ୟୋମଲ୍ କିୟାମତି ଇନ୍ନା କୁନ୍ନା ଅନ୍ ହାଜା ଗାଫିଲିନ୍ ।* ଅର୍ଥାତ୍ ଏବଂ ଯେତେବେଳେ ତୁମ ପାଳନକର୍ତା ଆଦମ୍‌ଙ୍କ ସନ୍ତାନମାନଙ୍କ ଔରସରୁ ସେମାନଙ୍କ ସନ୍ତାନ-ସନ୍ତତିଙ୍କୁ ଜନ୍ମ ଦେଇଥିଲେ ଓ ସେମାନଙ୍କୁ ନିଜ ସଂକ୍ରାନ୍ତରେ ସାକ୍ଷୀ ରଖିଥିଲେ । (ଓ ପଚାରିଥିଲେ) ''କ'ଣ ଆମ୍ଭେ ତୁମ୍ଭର ପାଳନକର୍ତା ନୋହୁ?'' ସେମାନେ କହିଲେ, ''ହଁ, ଆମେମାନେ (ଏ ବିଷୟରେ) ସାକ୍ଷ ଦେଉଅଛୁ''; (ଆମ୍ଭେ ଏହା ଏଥିଯୋଗ କଲୁ ଯେ) କାଳେ ତୁମେମାନେ କୟାମତ୍ ଦିନ କହିବ, ''ଆମେମାନେ ଏ (ଶିକ୍ଷା) ସଂକ୍ରାନ୍ତରେ ଅଜ୍ଞ ଥିଲୁ ।

ହସ୍‌ତିବାରିତାଲା ଅର୍ଥାତ୍ ଖୁଦାତାଲାଙ୍କ ଅସ୍ତିତ୍ୱ ଗୋଟିଏ ପ୍ରାମାଣିକ ବାସ୍ତବିକତା ଏବଂ ଜୀବନ୍ତ ପ୍ରମାଣ ଅଟେ । କୌଣସି ଆତ୍ମା ପ୍ରାକୃତିକ ରୂପେ ଖୁଦାତାଲାଙ୍କୁ ଅସ୍ୱୀକାର କରିପାରିବ ନାହିଁ । କେବଳ ମୁନ୍‌କୀର (ଅବିଶ୍ୱାସକାରୀ) ମାନଙ୍କୁ ନିଜ ଭାବନାରେ ଦଲିଲ୍ ନ ମିଳିବା ଯୋଗୁ ଅବିଶ୍ୱାସ କରୁଛନ୍ତି । ଏ ପୃଥିବୀର ପୁରାତନରୁ ପୁରାତନ ଜାତିରେ ମଧ୍ୟ ଏକ ଇଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ପ୍ରଥା ବିଷୟରେ ଜଣାପଡୁଛି । ଯେତେବେଳେ ଭୀଷଣ ଦୁଃଖର ସମୟ ଆସିଯାଏ ଓ ମନୁଷ୍ୟକୁ ନିଜ ସମ୍ମୁଖରେ ନିଜର ମୃତ୍ୟୁ ଦିଶୁଥାଏ ସେତେବେଳେ ଜଣେ ନାସ୍ତିକ ମଧ୍ୟ ମନୁଷ୍ୟଗତ ପ୍ରାକୃତିକ ସ୍ୱଭାବରେ ବିବଶ ହୋଇ ରାମ ରାମ ବା ଅଲ୍ଲାଃ ଅଲ୍ଲାଃ ଅଜାନକ କହିଉଠେ । ଖୁଦାତାଲା ସ୍ୱୟଂ କହୁଛନ୍ତି- *ଅଫିଲ୍ଲାହି ଶକ୍କୁନ୍ ଫାଟିରିସ୍ ସମାୱାତେ ୱଲ୍ ଅର୍ଜ୍* । (ଇବ୍ରାହିମ୍:୧୧) ଅର୍ଥାତ୍ କଣ ତୁମକୁ ଅଲ୍ଲାଃତାଲାଙ୍କ ସମ୍ବନ୍ଧରେ ସନ୍ଦେହ ରହିଛି ଯିଏ ଆକାଶ ଓ ପୃଥିବୀର ସ୍ରଷ୍ଟା ଅଟନ୍ତି ।

ଜଣେ ଦେହାତି ଏକଦା ଇଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ସ୍ୱରୂପ କେତେ ସୁନ୍ଦର କଥା କହଛନ୍ତି- *ଅଲ୍ ବେଏରତୁ ତଦୁଲ୍ଲୁ ଅଲଲ୍ ବୈର ଓ୍ୱ ଆସାରୁଲ୍ ଅକ୍‌ଦାମୀ ଅଲସ୍ ସଫିର୍ ଓ୍ୱସ୍ ସମାଇ ଜାତଲ୍ ବୁରୁଜ ଓ୍ୱଲ୍ ଅରଜୋ ଜାତଲ୍ ଫୁଜ୍ଜାଜ୍ କୈଫା ଲାତଦୁଲ୍ଲୁ ଅଲଲ୍ ଲତିଫିଲ୍ ଖବୀର୍ ।* ଅର୍ଥାତ୍- ଯେବେ ଜଙ୍ଗଲ ଭିତରେ ଲେଣ୍ଡିକୁ ଦେଖି ଓଟ ବିଷୟରେ ଜଣାଯାଇପାରେ ଏବଂ ପାଦଚିହ୍ନ ଦେଖି ଚାଲିଥିବା (ଜନ୍ତୁ ବିଷୟରେ) ଜଣାପଡ଼ିଥାଏ ତେବେ ଏହି ନକ୍ଷତ୍ରଭରା ଆକାଶ ଏବଂ ଏହି ପୃଥିବୀ ଯାହା ମଧ୍ୟରେ ରାସ୍ତା ତିଆର ହୋଇଛି, ଏମାନଙ୍କୁ ଦେଖି କାହିଁକି ବୁଝିପାରିବି ନାହିଁକି ଏମାନଙ୍କର ସୃଷ୍ଟିକର୍ତା ହେଉଛନ୍ତି ଏକ ଖୁଦା?

ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ''ମନୁଷ୍ୟର ନିଜ ଅସ୍ତିତ୍ୱ ହିଁ ଇଶ୍ୱରଙ୍କ ଅସ୍ତିତ୍ୱର ବଡ ସାକ୍ଷୀ ଅଟେ) । ଅକ୍‌ବର୍ ଇଲାହ୍‌ବାଦୀଙ୍କ କଥା ଅନୁସାରେ:-

*ମେରି ହସ୍‌ତି ହୈ ଖୁଦ୍*

*ଶାହିଦ୍ ଓ୍ୱଜୁଦେ ଜାତେ ବାରି କି*

*ଦଲିଲ୍ ଐସି ହୈ ଯୋ*

*ଉମ୍ର ଭର୍ ରଦ୍ ହୋ ନେହିଁ ଶକ୍‌ତି ।*

ମନୁଷ୍ୟର ଜନ୍ମ ଏବଂ ତାର ଶରୀର ଏକ ଆଶ୍ଚର୍ଯ୍ୟାନ୍ୱିତ ଚମତ୍କାର ଅଟେ । ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି-

*''ରବୁନଲ୍ଲଜି ଆତା କୁଲ୍ଲୁ ଶଇଇନ୍ ଖଲ୍‌କହୁ ସୁମ୍ମା ହଦା''* ଅର୍ଥାତ୍ ଇଶ୍ୱର ହେଉଛନ୍ତି ସେହି ଇଶ୍ୱର ଯିଏ ପ୍ରତ୍ୟେକ ବସ୍ତୁକୁ ଉଚିତ୍ ଢଙ୍ଗରେ ସୃଷ୍ଟି କରିଛନ୍ତି । ପୁଣି ସେହି ବସ୍ତୁକୁ ନିଜର ପୂର୍ଣ୍ଣ ଅଭିଳାସାକୁ ହାସଲ କରିବା ନିମନ୍ତେ ମାର୍ଗ ଦେଖାଇଛନ୍ତି । ଏବେ ଯଦି ଏହି ଆୟତର ଅର୍ଥ ଉପରେ ଦୃଷ୍ଟିଦେଇ ମନୁଷ୍ୟଠାରୁ ନେଇ ସମସ୍ତ ସାମୁଦ୍ରିକ ଏବଂ ସ୍ଥଳଭାଗର ପଶୁପକ୍ଷୀଙ୍କ ଗଠନକୁ ଦେଖାଯାଏ ତେବେ ଇଶ୍ୱରଙ୍କ ଶକ୍ତି ବିଷୟରେ ଜଣାପଡୁଛି ଯେ ପ୍ରତ୍ୟେକ ବସ୍ତୁର ଗଠନ ତା'ର ଉଚିତ୍ ଅବସ୍ଥାରେ ହୋଇଛି । ପଢୁଥିବା ଲୋକେ ନିଜେ ଚିନ୍ତା କରନ୍ତୁ କାରଣ ଏହି ବିଷୟଟି ବହୁତ ବ୍ୟାପକ'' ।

(ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ପୃଷ୍ଠା-୩୬୯)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ମନ୍‌ଜୁମ୍ କଲାମ୍‌ରେ କହୁଛନ୍ତି:-

*କ୍ୟା ଅଜବ୍ ତୁନେ ହର୍ ଇକ୍ ଜର୍‌ରାଃ ମୈ*

*ରଖେ ହେଁ ଖୱାସ୍*
*କୌନ୍ ପଢ୍ ସକ୍‌ତା ହୈ ସାରା ଦଫ୍‌ତର୍ ଇନ୍ ଅସ୍‌ରାର୍ କା*
*ହୈ ଅଜବ୍ ଜଲ୍‌ୱାଃ ତେରି କୁଦ୍‌ରତ୍ କା ପ୍ୟାରେ ହର୍ ତରଫ୍*
*ଜିସ୍ ତରଫ୍ ଦେଖେଁ ୱହି ରାହ୍ ହୈ ତେରେ ଦିଦାର୍ କା*
*(ଦୁର୍‌ରେ ସମିନ୍)*

ଇଜ୍‌ଲାସ୍‌ର ଦ୍ୱିତୀୟ ତକ୍‌ରୀର୍ ମୌଲାନା ମୁହମ୍ମଦ୍ ଇନ୍‌ଆମ୍ ଘୋରି ସାହେବ୍ ନାଜିରେ ଆଲା ଏବଂ ସ୍ଥାନୀୟ ଅମୀର୍ କାଦିଆନ୍ ଉପସ୍ଥାପନ କଲେ । ଏହାର ବିଷୟ ବସ୍ତୁ ଥିଲା ''ସିରତ୍ ଆଁ ହଜ୍‌ରତ୍ ସ:ଆ:ସ, ଏହତେରାମେ ଇନ୍‌ସାନିୟତ୍ କେ ହାୱାଲେ ସେ'' (ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନଚରିତ ମାନବିକତାର ସମ୍ମାନ କରିବା ପ୍ରସଙ୍ଗରେ) । ସେ କହୁଛନ୍ତି- ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍‌ତଫା ସ:ଆ:ସଙ୍କ ଆବିର୍ଭାବ ପୂର୍ବରୁ ଏ ପୃଥିବୀରେ ମନୁଷ୍ୟର କିଛି ସମ୍ମାନ ନଥିଲା ଏବଂ ମାନବିକ ଅଧିକାରର ତ କୌଣସି ସ୍ୱରୂପ ହିଁ ନଥିଲା । ଆଁ ହଜ୍‌ରତ୍ ସ:ଆ:ସ ସର୍ବପ୍ରଥମେ କ୍ରୀତଦାସମାନଙ୍କୁ ସ୍ୱାଧୀନ କରିବାର ଧାରା ଆରମ୍ଭ କରିଦେଲେ ଏବଂ କହିଲେ ''ଯେଉଁ ବ୍ୟକ୍ତି କୌଣସି ସ୍ୱାଧୀନ ବ୍ୟକ୍ତିକୁ ବିକ୍ରି କରେ ତାକୁ ସ୍ୱର୍ଗର ପବନ ବି ଛୁଇଁବ ନାହିଁ'' । (ବୁଖାରୀ କିତାବୁଲ୍ ବଇ)

ହଜ୍‌ରତ୍ ଜଏଦ୍ ବୀନ୍ ହାରିସା ର:ଅଙ୍କୁ ଜଣେ ଗୁଲାମ୍ ରୂପେ ଯେତେବେଳେ ହଜ୍‌ରତ୍ ଖଦିଜା ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ପେଶ୍ କଲେ ସେତେବେଳେ ହଜ୍‌ରତ୍ ଖଦିଜା ତାଙ୍କୁ ନା କେବଳ ସ୍ୱାଧିନ କରିଦେଲେ ବରଂ ନିଜର ମୋତବନ୍ନା (ପାଳିତ ପୁତ୍ର) କରିନେଲେ ଏବଂ ତାଙ୍କ ସହିତ ଏ ପ୍ରକାର ପ୍ରେମ ଓ ସ୍ନେହର ବ୍ୟବହାର କଲେ ଯେ ଯେତେବେଳେ ଜଏଦ୍‌ଙ୍କ ପ୍ରକୃତ ବାପ ମାଆ ତାଙ୍କ ଅନ୍ୱେଷଣ କରି ତାଙ୍କୁ ନେବା ପାଇଁ ଆସିଲେ ସେତେବେଳେ ହଜ୍‌ରତ୍ ଜଏଦ୍ ର:ଅ ନିଜ ମାଆ ବାପାଙ୍କ ସହିତ ଯିବାପାଇଁ ମନା କରିଦେଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଖିଦ୍‌ମତ୍‌ରେ ରହିବା ପାଇଁ ଅଗ୍ରାଧିକାର ଦେଲେ ।

ଆଁ ହଜ୍‌ରତ୍ ସ:ଆ:ସ କହିଲେ ''ତୁମର ଗୁଲାମ୍ (କ୍ରୀତଦାସ) ହେଉଛନ୍ତି ତୁମର ଭାଇ । ତେଣୁ ଯେବେ କୌଣସି ବ୍ୟକ୍ତିଙ୍କ ଅନ୍ତର୍ଗତ କୌଣସି କ୍ରୀତଦାସ ଥିବେ ତେବେ ସେ ତାକୁ ସେହିଭଳି ଖାଦ୍ୟ ଦେଉ ଯାହାକୁ ସେ ନିଜେ ଖାଇଥାଏ ଏବଂ ତାକୁ ସେହିପରି ବସ୍ତ୍ର ପିନ୍ଧାଉ ଯାହାକୁ ସେ ନିଜେ ପିନ୍ଧୁଥିବ । ପୁଣି କହିଲେ ତୁମେ ନିଜ ଗୁଲାମ୍‌କୁ ଏପରି କାମ କରିବାକୁ ଦିଅନାହିଁ ଯାହା ତାଙ୍କ ଶକ୍ତିଠାରୁ ଅଧିକା ଥିବ ଏବଂ ଯଦିକେବେ ଏପରି କାମ ଦିଅ ତେବେ ପୁଣି ସେହି କାମରେ ନିଜେ ତାଙ୍କୁ ସାହାଯ୍ୟ କର'' । (ବୁଖାରୀ, କିତାବୁଲ୍ ଅତିକ୍)

ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହୁଛନ୍ତି- ''ଯେଉଁବ୍ୟକ୍ତି ଦୁଇଟି ଝିଅକୁ ଠିକ୍ ରୂପେ ତରବିୟତ୍ କଲା ସେ ଏବଂ ମୁଁ କୟାମତ୍ ଦିନ ଏହିପରି ଏକାଠି ହେବୁ ଯେଉଁଭଳି ଦୁଇଟି ଅଙ୍ଗୁଳି ଏକାଠି ମିଶିକରି ରହିଥାନ୍ତି'' । (ମୁସ୍‌ଲିମ୍) ସ୍ତ୍ରୀ ସହିତ ସଦ୍‌ବ୍ୟବହାର କରିବା ନିମନ୍ତେ ପ୍ରୋତ୍ସାହିତ କରି କହିଲେ:- ''ତୁମମାନଙ୍କ ମଧ୍ୟରୁ ଉତମ ବ୍ୟକ୍ତି ହେଉଛ ସେ ଯିଏ ନିଜ ସ୍ତ୍ରୀଙ୍କ ସହିତ ବ୍ୟବହାରେ କରିବାରେ ହେଉଛି ଉତମ । ପୁଣି ନିଜର ନମୁନାକୁ ଉପସ୍ଥାପନ କରି କହିଲେ- *ଆନା ଖୈରୁକୁମ୍ ଲି ଅହ୍‌ଲି* ଅର୍ଥାତ୍ ଦେଖ ମୁଁ ମୋ ସ୍ତ୍ରୀ ମାନଙ୍କ ସହିତ ବ୍ୟବହାର କରିବାରେ ତୁମ ସମସ୍ତଙ୍କଠାରୁ ଉତମ ବ୍ୟବହାର କରେ'' । (ତିର୍‌ମିଜି) ପୁଣି କହୁଛନ୍ତି:- ''ଜନ୍ନତ୍ (ସ୍ୱର୍ଗ) ତୁମ ମାଆଙ୍କ ପାଦତଳେ ରହିଛି'' । (ନସାଇ) ଗୋଟିଏ ଅବସରରେ ଜଣେ ୟୁହୁଦୀଙ୍କ ଯନାଜାଃ (ମୃତଶରୀର) ଆସୁଥିଲା । ନବୀ କରମ୍ ସ:ଆ:ସ ଯନାଜାଃକୁ ସମ୍ମାନ ଦେବାପାଇଁ ଛିଡା ହୋଇଗଲେ । ଏଥିରେ କେହିଜଣେ କହିଲେ କି ହଜୁର୍ ! ଏହା ତ ୟୁହୁଦୀର ଯନାଜାଃ । ଏଥିରେ ଆପଣ ସ:ଆ:ସ କହିଲେ- ''କଣ ତା ଭିତରେ ଜୀବନ ନଥିଲା, କଣ ସେ ମଣିଷ ନଥି ? (ବୁଖାରୀ କିତାବଲ୍ ଜନାଇଜ୍) ବଦର୍ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ୨୪ଜଣ ମୁସ୍‌ରିକ୍ ସର୍ଦ୍ଦାର୍‌ମାନଙ୍କୁ ଆପଣ ସ:ଆ:ସ ସେମାନଙ୍କର ସମ୍ମାନ ଖାତିର୍ ସେହିଭଳି ପଡିରହିବାକୁ ଦେଲେନାହି ବରଂ ନିଜେ ଯୁଦ୍ଧ ଭୂମିରେ ଗୋଟିଏ ଗାଢ଼ ଭିତରେ ଦଫନ୍ କରାଇଲେ । (ବୁଖାରୀ କିତାବୁଲ୍ ମଗାଜି) ଏହ୍‌ଯାବ୍ ଯୁଦ୍ଧରେ ମୁସ୍‌ରିକ୍ ମାନଙ୍କର ସର୍ଦ୍ଦାର ନୌଫିଲ୍ ବିନ୍ ଅବ୍‌ଦୁଲ୍ଲାଃ ମଖଜୁମି ମୃତ୍ୟୁବରଣ କଲା । ମୁସଲ୍‌ମାନ୍ କାଳେ ଆମ ସର୍ଦ୍ଦାରଙ୍କ (ଲାସ୍‌କୁ) ଅସମ୍ମାନ ନ କରିଦେବେ ସେ ଏହି ମନୋଭାବ ରଖି ବାର୍ତା ପଠାଇଲା କି ଆମଠାରୁ ଦଶହଜାର୍ ଦିର୍‌ହମ୍ ନେଇ ନୌଫିଲ୍‌ଙ୍କ ଲାସ୍ ଆମକୁ ଦେଇଦିଅ । ଏଥିରେ ରସୁଲେ କରିମ୍ ସ:ଆ:ସ କହିଲେ:- ଆମେ ମୁର୍ଦ୍ଦାରଙ୍କ ମୂଲ୍ୟ ନେଇନଥାଉ । ତେଣୁ ତୁମେ ନିଜର ଲାସ୍‌କୁ ନେଇଯାଅ । (ଦଲାଇଲ୍ ଅନ୍‌ନବୁୱା ଲିଲ୍ ବେହ୍‌କି, ଖଣ୍ଡ-୩)

ମାନବଜାତିର ସମ୍ମାନ ସମ୍ବନ୍ଧରେ ଆପଣ ପବିତ୍ର କୋରାନ୍‌ର ହୱାଲା ଦେଇ କହିଲେ କି ପବିତ୍ର କୋରାନ୍ ନିରୀହା ଲୋକଙ୍କୁ ମାରିବା ଦ୍ୱାରା ସମଗ୍ର ମାନବଜାତିକୁ ନିଃଶେଷ କରିବା ଅଭିହିତ କରୁଛି ।

*ମନ୍‌କତଲ ନଫ୍‌ସମ୍ ବିଗୈରେ ନଫ୍‌ସିନ୍ ଔ ଫସାଦିନ୍ ଫିଲ୍ ଅର୍‌ଜି ଫକ ଅନ୍ନମା ଆହ୍‌ୟନ୍ ନାସା ଜମିଆ । (ମାଏଦାଃ:୩୩)* ଅର୍ଥାତ୍ ଯିଏ ଏପରି ଜଣେ ବ୍ୟକ୍ତିକୁ ହତ୍ୟା କରିଛି ଯିଏ ଅନ୍ୟକାହାର ଜୀବନ ନେଇନାହିଁ ବଂ ଯିଏ ପୃଥିବୀରେ ବିଭ୍ରାଟ କରିନାହିଁ ତେବେ ସେ ଯେପରି ସମଗ୍ର ମାନବଜାତିକୁ ହତ୍ୟା କରିଅଛି । ଏବଂ ଯିଏ ତାକୁ ଜିବୀତ ରଖିଲା ଯେପରି ସେ ସମଗ୍ର ମାନବ ଜାତିକୁ ଜୀବିତ ରଖିଲା ।

ଆଁ ହଜ୍‌ରତ୍ ସ:ଆ:ସ ୯ ହିଜ୍‌ରି ୧୧ ଜିଲ୍‌ହଜା ଦିନ ସେତେବେଳେ ଉପସ୍ଥିତ ଥିଲ ମୁସଲ୍‌ମାନଙ୍କ ସମ୍ମୁଖରେ ଛିଡା ହୋଇ ଏପରି କହିଲେ:- ''ହେ ଲୋକମାନେ ଶୁଣିରଖ ! ଖୁଦା ହେଉଛନ୍ତି ଏକ ଏବଂ ସେହିପରି ତୁମର ବାପା ଏକ ଅଟନ୍ତି । କୌଣସୀ ଆରବୀୟଙ୍କୁ ଅଣ ଆରବୀୟଙ୍କ ଉପରେ ଏବଂ କୌଣସି ଗୋରାଲୋକଙ୍କୁ କଳାଲୋକଙ୍କ ଉପରେ ଏବଂ କୌଣସି କଳାଲୋକଙ୍କୁ ଗୋରାଲୋକଙ୍କ ଉପରେ କୌଣସି ବିଶେଷତା/ପ୍ରାଧ୍ୟାନତା ନାହିଁ.... ତୁମେ ଆପୋଷରେ ହେଉଛ ଭାଇମାନଙ୍କ ପରି'' (ବୁକାରୀ କିତାବୁଲ୍ ମଗାଜି, ବାବ୍ ହୁଜ୍ଜତୁଲ୍ ୱିଦା)

ଜଣେ ଭାରତୀୟ ଫିଲୋସଫର୍ ମିଷ୍ଟର୍ କେ.ଏସ୍ ରାମକ୍ରୀଷ୍ଣ ରାଓ ଯିଏ ଅନେକ ପୁସ୍ତକର ରଚୟୀତା ଅଟନ୍ତି ଏବଂ ୨୦୦୧ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି, ସେ ଲେଖୁଛନ୍ତି:- ''ବିଶ୍ୱ ଭାତୃଭାବର ସିଦ୍ଧାନ୍ତ ଏବଂ ମାନବୀୟ ଏକତା ଓ ସମାନତାର ଶିକ୍ଷା ଯାହାକୁ ଆପଣ ସ:ଆ:ସ ଉପସ୍ଥାପନ କରିଛନ୍ତି ତାହା ମାନବଜାତିର ସାମାଜିକ ଉନ୍ନତିରେ ଆପଣଙ୍କ ମହାନ୍ କାର୍ଯ୍ୟକୁ ପ୍ରତିଫଳନ କରୁଅଛି । ସମସ୍ତ ବଡବଡ ଧର୍ମରେ ଏହି ଶିକ୍ଷା ଦିଆଯାଇଛି କିନ୍ତୁ ଇସ୍‌ଲାମ୍‌ର ନବୀ ସ:ଆ:ସ ଉକ୍ତ ଦୃଷ୍ଟିକୋଣର କାର୍ଯ୍ୟ ନମୁନାକୁ ଉପସ୍ଥାପନ କରିଛନ୍ତି ଓ ବୋଧହୁଏ ଶତାଢି ଶତାଢି ପରେ ଆନ୍ତର୍ଜାତିକ ଆତ୍ମା ଜାଗ୍ରତ ହେବାଦ୍ୱାରା ବଂଶବାଦର ବିଦ୍ୱେଷଭାବ ଶେଷ ହେବ..... ଇସ୍‌ଲାମ୍ ମହିଳାମାନଙ୍କ ପ୍ରତିରକ୍ଷା ନିମନ୍ତେ ଧ୍ୱଜା ବାହକ ହେଲା । ଏବଂ ସେ ମହିଳାମାନଙ୍କୁ ମା ବାପାଙ୍କ ସମ୍ପତିର ଉତରାଧିକାରୀ ରୂପେ ଅଭିହିତ କଲା.... ମୁହମ୍ମଦ୍ (ସ:ଆ:ସ) ଅମାନତ୍ ଏବଂ ଦିଆନତ୍‌ରେ ବହୁତ ଉଚ୍ଚସ୍ଥାନ ରଖିଥିଲେ'' । ଏହି ତକ୍‌ରିର୍ ସହିତ ପ୍ରଥମ ଦିନର ପ୍ରଥମ ଇଜ୍‌ଲାସ୍‌ର କାର୍ଯ୍ୟକ୍ରମ ପରିସମାପ୍ତି ହେଲା ।

### ନମାଜ ଜୁମା

ପ୍ରଥମ ଦିନର ଦ୍ୱିତୀୟ ଇଜ୍‌ଲାସ୍ ପୂର୍ବରୁ ଜଲ୍‌ସାଗାଃରେ ଜୁମା ନମାଜ୍ ପାଠ କରାଗଲା । ମୋହ୍‌ତରମ୍ ମୌଲାନା ମୁହମ୍ମଦ୍ କରିମୁଦ୍ଦିନ୍ ଶାହିଦ୍ ସାହେବ୍ ସଦର୍ କଜାବୋର୍ଡ୍ କାଦିଆନ୍ ହଜୁର୍ ଅନୁୱର୍ ଅ:ବ:ଙ୍କ ଦ୍ୱାର ପ୍ରଦତ ଖୁତ୍‌ବାଜୁମା ୨୧ଡିସେମ୍ବର୍ ୨୦୧୮ର ସାରାଂଶ ପଢ଼ି ଶୁଣାଇଲେ । ଏହାପରେ ନମାଜ ଜୁମା ଏବଂ ନମାଜ ଅସର୍ ଜମା କରି ପଢ଼ାଇଲେ । (କ୍ରମଶଃ..)

----------------

### ଓଡ଼ିଆ ବଦର୍ ସଂଖ୍ୟା-୫ (୩୧ ଜାନୁଆରୀ ୨୦୧୯) ରେ ବର୍ଣ୍ଣିତ ଖୁତ୍‌ବା ଇଦୁଲ୍ ଫିତରର ଅବଶିଷ୍ଟାଂଶ

ଏହାର ଅଧିକ ସ୍ପଷ୍ଟୀକରଣ ଅନ୍ୟ ଏକ ସ୍ଥାନରେ କରିଛନ୍ତି କି ''ପ୍ରାକୃତିକ ଜୋସ୍ ଦ୍ୱାରା ମନୁଷ୍ୟର ସହାନୁଭୁତିର ନାମ ହେଉଛି ଇତାଏଜିଲ୍ କୁର୍‌ବା । ଏବଂ ଏହି କ୍ରମରେ ଖୁଦାତାଲାଙ୍କର ଏ ଇଛା ଯେ ଯଦି ତୁମେ ସମ୍ପୂର୍ଣ୍ଣ ରୂପେ ପୁନ୍ୟବାନ୍ ହେବାକୁ ଚାହୁଁଛ ତେବେ ନିଜର ପୁଣ୍ୟକୁ ଇତାଏଜିଲ୍ କୁର୍‌ବା ଅର୍ଥାତ୍ ପ୍ରାକୃତିକ ଅବସ୍ଥାକୁ ପହଂଚାଅ । ଯେପର୍ଯ୍ୟନ୍ତ କୌଣସି ବସ୍ତୁ ଉନ୍ନତି କରି କରି ନିଜର ଏହି ପ୍ରାକୃତିକ କେନ୍ଦ୍ର ପର୍ଯ୍ୟନ୍ତ ନପହଂଚିଛି ସେପର୍ଯ୍ୟନ୍ତ ସେ ସମ୍ପୂର୍ଣ୍ଣ ପଦମର୍ଯ୍ୟାଦା ହାସଲ କରେନାହିଁ'' (ମଲ୍‌ଫୁଜାତ, ଖଣ୍ଡ-୭, ପୃଷ୍ଠା-୨୮୩ ହାଶିୟା, ଏଡ଼ିଶନ୍ ୧୯୮୫, ମୁଦ୍ରଣ- ଇଂଲିସ୍ଥ ସ୍ଥାନ ।

ଆପଣ ଆ:ସ କହୁଛନ୍ତି କି 'ମନେରଖ ଯେ ଖୁଦାତାଲା ପୁଣ୍ୟକ ବହୁତ ପସନ୍ଦ କରିଥାଏ । ଏବଂ ସେ ଚାହୁଁଛି ଯେ ତା ମଖ୍‌ଲୁକ୍ (ସୃଷ୍ଟଜ)ଙ୍କ ସହିତ ସହାନୁଭୁତି କରାଯାଉ । ଯଦି ସେ କୁକର୍ମକୁ ପସନ୍ଦ କରିଥାଆନ୍ତା ତେବେ ସେ କୁକର୍ମ କରିବା ପାଇଁ ତାଗିଦ୍ କରିଥାନ୍ତା କିନ୍ତୁ ଅଲ୍ଲାଃତାଲାଙ୍କ ଶାମ୍ (ବୈଭବ) ତାଠାରୁ ପବିତ୍ର ଅଟେ । (ସୁବ୍‌ହାନହୁ ତାଲା ଶାନହୁ)'' (ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୮୪, ଏଡ଼ିଶନ୍ ୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଅଲ୍ଲାଃତାଲା ଆମକୁ ଶକ୍ତି ଦିଅନ୍ତୁ ଯେ ଆମେ ଉଚ୍ଚତମ ସ୍ତର ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କି ପୁଣ୍ୟକର୍ମ କରିପାରିବା । ଲୋକମାନଙ୍କ ହକ୍‌କୁ ପ୍ରଦାନ କରିବା । ମାନବଜାତିର ସେବା କରିପାରିବା ଯଦ୍ୱାରା ଇଦ୍‌ର ପ୍ରକୃତ ଖୁସିକୁ ଆମେ ସଦାସର୍ବଦା ହାସଲ କରିଚାଲିବା ।

ବର୍ତମାନ ଆମେ ଦୁଆ କରିବା । ଦୁଆରେ ନିଜ ଗରୀବ, ଅଭାବି, ନିରାଶ୍ରୟ ଭାଇମାନଙ୍କୁ ମାନରଖିବା । ଯେଉଁ ଲୋକମାନେ ନିଃସ୍ୱାର୍ଥପର ହୋଇ ଲୋକମାନଙ୍କର ହକ୍‌କୁ ପ୍ରଦାନ କରୁଛନ୍ତି ଆମେ ସେମାନଙ୍କୁ ମଧ୍ୟ ଦୁଆରେ ମନେରଖିବା । ସମସ୍ତ ୱାକିଫିନେ ଜିନ୍ଦେଗୀକୁ ଦୁଆରେ ମନେରଖିବା । ଜମାତ୍‌ର ଖିଦ୍‌ମତ୍ କରୁଥିବା ଲୋକମାନଙ୍କୁ, ଯେଉଁମାନେ କୌଣସି ପ୍ରକାରର ସେବା ମଧ୍ୟ କରୁଛନ୍ତି, ସେମାନଙ୍କୁ ନିଜ ପ୍ରାଥର୍ନାରେ ମନେରଖନ୍ତୁ । ଜମାତ୍‌ର କାର୍ଯ୍ୟଗୁଡିକୁ ଆଗେଇ ନେବା ନିମନ୍ତେ ଯେଉଁମାନେ ମାଲି କୁର୍ବାନୀ କରୁଛନ୍ତି ସେମାନଙ୍କ ପ୍ରାର୍ଥନାରେ ମନେରଖନ୍ତୁ । ମୁସଲ୍‌ମାନ୍ ଜାତି ପାଇଁ ବହୁତ ଦୁଆ କରନ୍ତୁ ଯେଉଁମାନେ ଆପୋଷରେ ଜଣେ ଅନ୍ୟଜଣକୁ ହତ୍ୟା କରୁଛନ୍ତି, ସେମାନଙ୍କ ହାତକୁ ଅଲ୍ଲାଃତାଲା ରୋକିଦିଅନ୍ତୁ । ରମ୍‌ଜାନ୍ ମାସରେ ମଧ୍ୟ ବୋମାମାଡ କରୁଛନ୍ତି । ସେମାନେ ବିଗତ ଦିନଗୁଡିକରେ ୟମନ୍‌ର ଅନେକ ପିଲାଙ୍କୁ ଅନାଥ କରିଦେଇଛନ୍ତି । ଅନେକ ମହିଳାମାନଙ୍କୁ ବେୱା (ବିଧବା) କରିଦେଇଛନ୍ତି । ଅନେକ ଲୋକମାନଙ୍କୁ ଅକର୍ମଣ୍ୟ କରିଛନ୍ତି । ମହିଳା, ଛୋଟଛୋଟ ପିଲା ଏବଂ ବୁଢ଼ାମାନଙ୍କ ଜୀବନକୁ ଶେଷ କରିଦେଇଛନ୍ତି । ଅଲ୍ଲାଃତାଲା ସେହି ଅତ୍ୟାଚାରମାନଙ୍କ ହାତକୁ ରୋକି ଦିଅନ୍ତୁ । ପାକିସ୍ତାନ୍‌ରେ ଥିବା ଅହେମଦୀମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । କାରଣ ସେମାନଙ୍କ ଉପରେ ପ୍ରତ୍ୟେକ ଦିନ ଅତ୍ୟାଚର କରାଯାଇ ତାଙ୍କ ପାଇଁ ଭୂମିକୁ ସଙ୍କୋଚିତ କରିଦିଆଯାଉଛି । ଇଣ୍ଡୋନେସିଆର ଅହେମଦୀମାନଙ୍କ ନିମନ୍ତେ ଦୁଆ କରନ୍ତୁ । ତାଙ୍କ ଉପରେ ମଧ୍ୟ କିଛି ଇଲାକାରେ ବିଗତ ଦିନଗୁଡିକରେ ଅତ୍ୟାଚାର କରାଯାଇଛି । ସେହିପରି ଅଲ୍‌ଜଜାଇର୍ (ଉପଦୀପ)ର ଅହେମଦୀମାନଙ୍କ ପାଇଁ ଦୁଆ କରନ୍ତୁ । ସେମାନଙ୍କ ଉପରେ ମଧ୍ୟ ସରକାରଙ୍କ ତରଫରୁ ମୋକଦ୍ଦମା ଲଗାଯାଇଛି ଏବଂ ପୁଣି ଦଣ୍ଡ ମଧ୍ୟ ଦିଆଯଇଛି । ଅଲ୍ଲାଃତାଲା ସମସ୍ତଙ୍କୁ ସେହି ଲୋକମାନଙ୍କ ଧୃଷ୍ଟତାରୁ ସୂରକ୍ଷାରେ ରଖନ୍ତୁ ଏବଂ ସେମାନଙ୍କ ପାଇଁ ଏହି ଇଦ୍ ପ୍ରକୃତ ଇଦ୍ ମଧ୍ୟ ହେଉ । ସେମାନଙ୍କୁ ପ୍ରକୃତ ଖୁସି ପହଂଚୁ ।

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଜରିଆରେ ଗସ୍ତ କରି ଏଠାରେ ଆସି ପହଂଚିଥିଲେ । ମିଆମି ଏବଂ ମିନ୍ନେପୋଲିସ୍‌ରୁ ଆସିଥିବା ସଦସ୍ୟମାନେ ଜାହାଜରେ ଅଢ଼େଇଘଂଟା ସମୟ ଦେଇ ଏଠାରେ ଆସି ପହଂଚିଥିଲେ । ଡେଲସ୍ ଏବଂ ୱେଷ୍ଟନ୍‌ରୁ ଆସିଥିବା ସଦସ୍ୟମାନେ ଜାହାଜରେ ତିନିଘଂଟା ସମୟ ବିତାଇ ଏଠାରେ ଆସି ପହଂଚିଥିଲେ । ଯେବେ କି ବେପଏଂଟ, ସିଆଟଲ୍, ସିଲିକନ୍ ଭ୍ୟାଲି ଏବଂ ଲସ୍ ଏଞ୍ଜେଲସ୍‌ରୁ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ପାଖାପାଖି ତିନିହଜାର ମାଇଲ୍ ଯାତ୍ରା ଅତିକ୍ରମ କରି ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ୱାସିଂଟନ୍‌ରେ ପହଂଚିଥିଲେ । ସେମାନେ ଏହି ଦୂରତାକୁ ଜାହାଜ ଜରିଆରେ ପାଂଚଘଂଟା ସମୟ ଦେଇ ଅତିକ୍ରମ କରିଥିଲେ ।

ଛୋଟଛୋଟ ପୁଅ ଓ ଛୋଟଛୋଟ ଝିଅପିଲାମାନେ ରଙ୍ଗୀନ୍ ଏବଂ ସୁନ୍ଦର ବସ୍ତ୍ର ପରିଧାନ କରିଥିଲେ । ଯେଉଁ ଲୋକମାନେ ସେଠାରେ ପହଂଚିଥିଲେ ସେମାନଙ୍କ ମଧ୍ୟରୁ ଗୋଟିଏ ବହୁତ ବଡ ସଂଖ୍ୟା ଏପରି କୁଟୁମ୍ବ ମାନଙ୍କ ମଧ୍ୟରୁ ଥିଲା ଯେଉଁମାନେ ନିଜ ଜୀବଦଶାରେ ପ୍ରଥମଥର ପାଇଁ ନିଜ ପ୍ରିୟ ଆକାଙ୍କୁ ନିଜର ଏତେ ନିକଟରେ ଦେଖିବାକୁ ପାଇଲେ । ସେମାନଙ୍କର ଗୋଟିଏ ଗୋଟିଏ କ୍ଷଣ ଉତ୍ସାହିତ ହୋଇ ବିତୁଥିଲା । ଏମ୍.ଟି.ଏର କ୍ୟାମେରା ଗୁଡିକ ସ୍ୱାଗତ ସମ୍ବର୍ଦ୍ଧନାର ଏହି ସମସ୍ତ ଦୃଶ୍ୟକୁ ରେକର୍ଡ କରୁଥିଲେ । ପ୍ରତ୍ୟେକଙ୍କ ଦୃଷ୍ଟି ସେହି ବାହ୍ୟ ଗେଟ୍ ଉପରେ ଲାଖିରହିଥିଲା ଯେଉଁଠି କୌଣସି ସମୟରେ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ଗାଡି ଅହେମଦୀୟା ସେଂଟର୍‌ରେ ପ୍ରବେଶ ହେବାକୁ ଥିଲା ।

ଶେଷରେ ସେହି ଅତ୍ୟନ୍ତ ବାବରକତ୍ ଏବଂ ପ୍ରତ୍ୟେକଙ୍କ ନିମନ୍ତେ ସ୍ମୃତିପୂର୍ଣ୍ଣ କ୍ଷଣଟି ପହଂଚିଗଲା ଏବଂ ୧୦:୪୦ରେ ହଜୁର୍ ଅନୁଓ୍ୱର୍‌ଙ୍କ ଗାଡି ମସ୍‌ଜିଦ୍‌ର ବାହ୍ୟଗେଟ୍ ଦେଇ ଭିତରକୁ ପ୍ରବେଶ କଲା । ହଜୁର୍ ଅନୁଓ୍ୱର୍ ସେଠାରୁ ଗାଡି ଭିତରୁ ବାହାରକୁ ବାହାରି ଆସିଲେ । ଏ ଅବସରରେ ମୋକରମ୍ ଡାକ୍ତର୍ ନସିମ୍ ରହେମତୁଲ୍ଲାଃ ସାହେବ୍ ନାଏବ୍ ଅମୀର୍ ୟୁ.ଏସ୍.ଏ (ମିଡ୍‌ୱେଷ୍ଟ୍ ଏଣ୍ଡ ମିଡିଆ ନିମନ୍ତେ) ମୋକରମ୍ ଡାକ୍ତର ହମିଦୁର୍ ରହେମାନ୍ ସାହେବ୍ ନାଏବ୍ ଅମୀର୍ ୟୁ.ଏସ୍.ଏ (ୱେଷ୍ଟକୋଷ୍ଟ୍ ଏଣ୍ଡ ସାଉଥ୍ ୱେଷ୍ଟ୍ ନିମନ୍ତେ) ଏବଂ ମୋକରମ୍ ଫଲାହୁଦ୍ଦିନ୍ ଶମସ୍ ସାହେବ୍ ନାଏବ୍ ଅମୀର୍ ୟୁ.ଏସ୍.ଏ (ଉପଦୀପ ଦେଶ ପ୍ୟାସିଫିକ୍ ଆଇଲାଣ୍ଡ ନିମନ୍ତେ) ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ ଏବଂ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ହଜୁର୍ ଅନୁଓ୍ୱର୍ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ । ଅନ୍ୟପଟେ ମଧ୍ୟ ସମସ୍ତ ପୁରୁଷ, ମହିଳା, ଯୁବକ, ବୃଦ୍ଧ ଏବଂ ପିଲାମାନଙ୍କର ହାତ ଉପରକୁ ଉଠିଗଲା । ଗଗନ ଚୁମ୍ବି ସ୍ଲୋଗାନ୍ ଅନବରତ ଦିଆଯାଉଥିଲା । *ଅହଲଉଁ ଓ୍ୱ ସହଲଉଁ ଓ୍ୱ ମରହବା ୟା ଅମିରୁଲ୍ ମୁମିନୀନ୍‌*ର ଧ୍ୱନି ଚତୁଃପାର୍ଶ୍ୱରେ ଗୁଞ୍ଜରଣ ହେଉଥିଲା । ଛୋଟଛୋଟ ଝିଅପିଲାମାନଙ୍କର ଗ୍ରୁପଗୁଡିକ ସ୍ୱାଗତ ସମ୍ବର୍ଦ୍ଧନା ମୂଳକ ଗୀତ ଉପସ୍ଥାପନ କରୁଥିଲେ । ମସ୍‌ଜିଦ୍ ବଇତୁର୍ ରହେମାନ୍‌ର ବାହ୍ୟ ଭାଗରେ ଗୋଟିଏ ପଟେ ପୁରୁଷମାନେ ଦୁଇଧାଡିରେ ଛିଡା ହୋଇଥିଲେ । ତେବେ ମସ୍‌ଜିଦ୍‌ର ବାହ୍ୟଭାଗର ଆଉଗୋଟିଏ ପଟେ ମହିଳାମାନଙ୍କର ଏକ ଭିଡ ଏକତ୍ରିତ ହୋଇଥିଲା । ନିଜ ପ୍ରିୟଆକାଙ୍କୁ ସ୍ୱାଗତ କରିବାକୁ ଆସିଥିବା ଲୋକମାନଙ୍କର ସଂଖ୍ୟା ସାଢ଼େ ତିନିହଜାରରୁ ଅଧିକା ହୋଇସାରିଥିଲା । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ନିଜର ଏହି ପ୍ରେମୀମାନଙ୍କ ଗହଣରେ ନିଜର ହାତକୁ ଉପରକୁ ଉଠାଇ ସେହି ଶେଷ ଭାଗ ପର୍ଯ୍ୟନ୍ତ ପହଂଚିଗଲେ ଯେଉଁ ପର୍ଯ୍ୟନ୍ତ ଲୋକମାନଙ୍କର ଭିଡ ବ୍ୟାପି ରହିଥିଲା । ଏହି ସମୟରେ ପ୍ରତ୍ୟେକ ପାଦରେ ହଜୁର୍ ଅନୁଓ୍ୱର୍‌ଙ୍କ ଅସ୍‌ସଲାମେ ଆଲେକୁମ୍ ଏବଂ *ଅହଲଉଁ ଓ୍ୱ ସହଲଉଁ ଓ୍ୱ ମରହବା* ର ଧ୍ୱନୀ ଗୁଞ୍ଜରଣ ହେଉଥିଲା । ହଜୁର୍ ଅନୁଓ୍ୱର ନିଜର ହାତକୁ ଉପରକୁ ଉଠାଇ ଉକ୍ତ ସ୍ଲୋଗାନ୍ ଏବଂ ଅସ୍‌ସଲାମୋ ଆଲେକୁମ୍‌ର ଉତର ପ୍ରଦାନ କରୁଥିଲେ ଏବଂ ଆଜି ଆମେରିକାର ଭୂମିରେ ମଧ୍ୟ ସ୍ନେହ, ପ୍ରେମ ଓ ଉତ୍ସର୍ଗର ନୂଆ କାହାଣୀ ଲେଖାଯାଉଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ରହିବାର ବ୍ୟବସ୍ଥା ମସ୍‌ଜିଦ୍ ବଇତୁର୍ ରହେମାନ୍‌ର ପ୍ରାଙ୍ଗଣରେ ଅବସ୍ଥିତ ଗେଷ୍ଟ୍ ହାଉସ୍‌ରେ କରାଯାଇଥିଲା । ହଜୁର୍ ଅନୁଓ୍ୱର୍ ଜମାତ୍‌ର ସଦସ୍ୟମାନଙ୍କ ଗହଣରେ ଚାଲିଚାଲି ସ୍ଲୋଗାନ୍‌ର ଗୁଞ୍ଜରଣ ମଧ୍ୟରେ ନିଜ ଆବାସସ୍ଥଳୀରେ ପହଂଚିଲେ ।

ଠିକ୍ ୧୧ଟା ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁର୍ ରହେମାନ୍‌ରେ ପଦାର୍ପଣ କରି ନମାଜ ମଗ୍‌ରିବ୍ ଏବଂ ଇସା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଜମାତ୍ ଅହେମଦୀୟା ଆମେରିକାର ଇତିହାସରେ ୧୯୨୦ ମସିହାକୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ହାସଲ ହୋଇଛି ଯେ ସେହିବର୍ଷ ଆମେରିକାର ଭୂପୃଷ୍ଠରେ ଜମାତ୍ ଅହେମଦୀୟାର ସ୍ଥାପନାର ଶୁଭାରମ୍ଭ ହେଲା ।

ହଜରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ର:ଅଙ୍କ ଆମେରିକା ଯିବାପାଇଁ ନିର୍ଦ୍ଦେଶ ଦେଲେ, ଯିଏ ସେ ସମୟରେ ଇଂଲିସ୍ତାନ୍‌ରେ ମୁବଲିଗ୍ ରୂପେ ସେବାରତ ଥିଲେ । ସୁତରାଂ ହଜ୍‌ର୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ଆମେରିକାର ପ୍ରଥମ ମୁବଲିଗ୍ ରୂପେ ୨୬ ଜାନୁଆରୀ ୧୯୨୦କୁ ଇଂଲିସ୍ତାନ୍‌ର ବନ୍ଦର Liverpool ରୁ ଯାତ୍ରା ଆରମ୍ଭ କଲେ ଏବଂ ୨୧ ଦିନ ସମୁଦ୍ରରେ ଯାତ୍ରା କରିବା ପରେ ୧୫ ଫେବୃୟାରୀ ୧୯୨୦ ମସିହାରେ ଆମେରିକାର ବନ୍ଦର Penn's Landing ଫ୍ଲାଡେଲଫିଆରେ ଓହ୍ଲାଇଲେ । କିନ୍ତୁ ତାଙ୍କୁ ଦେଶ ଭିତରେ ପ୍ରବେଶ କରିବା ପାଇଁ ରୋକି ଦିଆଗଲା ଏବଂ ସମୁଦ୍ରକୂଳର ଗୋଟିଏ ଘରେ ବନ୍ଦ କରି କଏଦୀ କରିଦିଆଗଲା । ସେହି ଘର ଭିତରୁ ବାହାରକୁ ବାହାରିବା ପାଇଁ ପ୍ରତିବନ୍ଧକ ଲଗାଯାଇଥିଲା । କିନ୍ତୁ ଘରର ଛାତ ଉପରେ ଚଲାବୁଲା କରିପାରୁଥିଲେ । ସେହି ଘରର କବାଟ ଦିନରେ କେବଳ ଦୁଇଥର ଖୋଲାଯାଉଥିଲା । ସେହି ଘରେ କିଛି ୟୁରୋପୀୟ ଲୋକମାନେ ମଧ୍ୟ ନଜରବନ୍ଦୀରେ ଥିଲେ । ହଜ୍‌ରତ୍ ମୁଫ୍‌ତି ସାହେବ୍ ଏହି ମୌକାର ଲାଭ ଉଠାଇ ନିଜ ସାଥି କଏଦୀମାନଙ୍କୁ ତବ୍‌ଲିଗ୍ କରିବା ଆରମ୍ଭ କରିଦେଲେ । ଏହାଫଳରେ ଦୁଇମାସ ଭିତରେ ୧୫ଜଣ କଏଦୀ ଇସ୍‌ଲାମ୍ ଗ୍ରହଣ କରିନେଲେ । ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କୁ ଯେବେ ଏ ବିଷୟରେ ଏତେଲା ମିଳିଲା ଯେ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ର:ଅଙ୍କୁ ଆମେରିକାରେ କଏଦୀ କରିନିଆଯାଇଛି ସେତେବେଳେ ଆପଣ ର:ଅ ଆମେରିକା ସରକାର ଦ୍ୱାରା କରାଯାଇଥିବା ଏପରି ବ୍ୟବହାର ଯୋଗୁ ଦୁଃଖ ପ୍ରକାଶ କରି କହିଲେ:-

''ଯେଉଁ ଆମେରିକା ନିଜକୁ ଶକ୍ତିଶାଳୀ ବୋଲି ଦାବୀ କରୁଛି ବର୍ତମାନ ପର୍ଯ୍ୟନ୍ତ ସେ ଭୌତିକ ରାଷ୍ଟ୍ରଗୁଡିକର ମୁକାବିଲା କରିଛି ଏବଂ ସେମାନଙ୍କୁ ହରାଇ ଦେଇଥିବ । ଆଧ୍ୟାତ୍ମିକ ରାଷ୍ଟ୍ର ସହିତ ସେ ମୁକାବିଲା କରି ଦେଖିନାହିଁ । ଏବେ ଯଦି ସେ ଆମ ସହିତ ମୁକାବିଲା କରିବ ତେବେ ସେ ଜାଣିପାରିବ ଯେ ସେ କଦାପି ହରାଇ ପାରିବ ନାହିଁ କାରଣ ଇଶ୍ୱର ଆମ ସହିତ ଅଛନ୍ତି । ଆମେ ଆମେରିକାର ଚତୁଃପାର୍ଶ୍ୱରେ ତବ୍‌ଲିଗ୍ କରିବୁ ଏବଂ ସେଠିକାର ଲୋକମାନଙ୍କୁ ମୁସଲ୍‌ମାନ୍ କରି ଆମେରିକା ପଠାଇବୁ ଏବଂ ସେମାନଙ୍କୁ ଆମେରିକା ରୋକିପାରିବ ନାହିଁ ଏବଂ ଆମେ ଏ ଆଶା ରଖୁଛୁ ଯେ ଆମେରିକାରେ ଦିନେ ନା ଦିନେ ''ଲା ଇଲାହା ଇଲଲ୍ଲାହୁ ମୁହମ୍ମଦୁର ରସୁଲୁଲ୍ଲାହି''ର ଧ୍ୱନି ଗୁଞ୍ଜରଣ କରିବ ଏବଂ ନିଶ୍ଚିତ ରୂପେ ଗୁଞ୍ଜରଣ କରିବ'' ।

ମଇ ୧୯୨୦ ମସିହାରେ ଆମେରିକା ସରକାର ତରଫରୁ ହଜ୍‌ରତ୍ ମୁଫ୍‌ତି ସାହେବ୍ ର:ଅଙ୍କ ଉପରେ ଲଗାଯାଇଥିବା ପ୍ରତିବନ୍ଧକ ଉଠାଇ ଦିଆଗଲା । ଏପରି ଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର କାରଣ ଏହା ହେଲା କି ଏପରି ନହେଉ ଯେ ଆପଣ (ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍) ନଜରବନ୍ଦୀରେ ଥିବା ସମସ୍ତ କଏଦୀମାନଙ୍କୁ ମୁସଲମାନ ବନାଇଦିଅନ୍ତୁ, ସୁତରାଂ ସରକାର ତାଙ୍କୁ ଆମେରିକାରେ ପ୍ରବେଶ କରିବା ପାଇଁ ଫୈସେଲା କରିଦେଲେ ।

ହଜ୍‌ରତ୍ ମୁଫ୍‌ତି ସାହେବ୍ ର:ଅ ନ୍ୟୁୟର୍କରେ ଗୋଟିଏ ଘର ଭଡାରେ ନେଇ ଜମାତ୍‌ର ମିଶନର ଶୁଭାରମ୍ଭ କଲେ । ପୁଣି ୧୯୨୧ ମସିହାରେ ସେ ଚିକାଗୋ ବଦଳି ହୋଇ ଚାଲିଗଲେ । ଏବଂ ସେଠାରେ ନିୟମିତ ଭାବେ ଗୋଟିଏ ଅଟ୍ଟାଳିକା ଖରିଦ୍ କରି ଜମାତ୍‌ର ମର୍କଜ୍ ପ୍ରତିଷ୍ଠା କଲେ । ୧୯୫୦ ମସିହାରେ ଚିକାଗୋରୁ ଜମାତ୍‌ର ଏହି ମର୍କଜ୍‌ଟି ୱାସିଂଟନ୍ ଉଠାଇ ନିଆଗଲା । ବର୍ତମାନ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ପୁରା ଆମେରିକାର ସମସ୍ତ ବଡ ବଡ ସହରରେ ଏବଂ ଆମେରିକାର ପ୍ରତ୍ୟେକ ଷ୍ଟେଟ୍‌ରେ ଜମାତ ପ୍ରତିଷ୍ଠା ହୋଇସାରିଛି ।

ଆମେରିକାରେ ବର୍ତମାନ ଚଉସ୍ତରୀଟି ସ୍ଥାନରେ ଜମାତ୍ କାଏମ୍ ହୋଇସାରିଛି । ଜମାତ୍‌ର ୫୩ଟି ମସ୍‌ଜିଦ୍ ଏବଂ ୨୬ଟି ମିଶନ୍ ହାଉସ୍ ରହିଛି । କିଛି ସ୍ଥାନରେ ବିରାଟକାୟ ଅଟ୍ଟାଳିକାମାନ, ମର୍କଜ୍ ଏବଂ ମସ୍‌ଜିଦ୍ ନିର୍ମାଣ କରାଯାଇଛି । ଏହି ଗସ୍ତରେ ମଧ୍ୟ ତିନୋଟି ମସ୍‌ଜିଦ୍ ଉଦ୍‌ଘାଟନ ହେବା ପ୍ରୋଗ୍ରାମ୍ ରହିଛି । ସେହିପରି ନୂଆନୂଆ ମସ୍‌ଜିଦ୍ ଏବଂ ଜମାତି ସେଂଟର୍‌ମାନ୍ ନିର୍ମାଣ ହେବାର ଧାରା ଅବ୍ୟାହିତ ରହିଛି ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ହଜ୍‌ରତ୍ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର:ଅଙ୍କୁ କଏଦୀ କରାଯିବା ଯୋଗୁ ୧୯୨୦ ମସିହାରେ କହିଥିଲେ କି ''ଆମେରିକା ଆମକୁ କଦାପି ହରାଇ ପାରିବ ନାହିଁ, ଆମେରିକାରେ ଦିନେ ନା ଦିନେ ''ଲା ଇଲାହା ଇଲଲ୍ଲାହୁ ମୁହମ୍ମଦୁର ରସୁଲୁଲ୍ଲାହି''ର ଧ୍ୱନି ଗୁଞ୍ଜରଣ ହେବ ଏବଂ ନିଶ୍ଚିତ ରୂପେ ଗୁଞ୍ଜରଣ ହେବ'' । ଆଜି ଅଲ୍ଲାଃତାଲାଙ୍କ କରୁଣାବଳରୁ ସମଗ୍ର ଆମେରିକାରେ ଗାଁ ଗାଁ, ବସ୍ତି ବସ୍ତି ଅହେମଦୀ ବସବାସ କରୁଛନ୍ତି । ଏବଂ ବହୁତ ସୁଦୃଢ଼ ସ୍ଥିତିରେ ଅଛନ୍ତି । ଅତ୍ୟନ୍ତ କର୍ମଠ ଏବଂ ମଜ୍‌ବୁତ୍ ଜମାତ୍ କାଏମ୍ ହୋଇସାରିଛି ଏବଂ ଆମେରିକାର ପ୍ରତ୍ୟେକ ସ୍ଥାନରେ ଦିନ ରାତି ''ଲା ଇଲାହା ଇଲଲ୍ଲାହୁ ମୁହମ୍ମଦୁର ରସୁଲୁଲ୍ଲାହି''ର ଧ୍ୱନି ଗୁଞ୍ଜରଣ କରୁଅଛି ।

ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଏହି ଆମେରିକାର ଗସ୍ତ ଅସାଧାରଣ ବରକତ୍ ଏବଂ ସଫଳତାର ଗସ୍ତ ଥିଲା । ଅଲ୍ଲାଃତାଲାଙ୍କ କରୁଣା ବଳରୁ ଏ ଯୁଗ ଇତିହାସର ଗୋଟିଏ ପରିବର୍ତନକାରୀ ଯୁଗ ଅଟେ, ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସ ଏବଂ ଆପଣ ସ:ଆ:ସଙ୍କ ସଚ୍ଚାପ୍ରେମୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପେଶ୍‌ଗୋଇ (ଭବିଷ୍ୟବାଣୀ) ମୁତାବକ ଜମାତ୍ ଅହେମଦୀୟା ଗୋଟିଏ ସ୍ଥାନରୁ ଆଉଗୋଟିଏ ସ୍ଥାନକୁ ଲମ୍ଫଦେଇ ଆକାଶର ଉଚ୍ଚତାକୁ ଛୁଉଁଅଛି ଏବଂ ଏହାଫଳରେ ଅଲ୍ଲାଃତାଲାଙ୍କ ଦୟାବଳରୁ ଏହି ଭୂମିରେ ମଧ୍ୟ ଜମାତ୍‌ର ଅସାଧାରଣ ଉନ୍ନତି ଓ ବିଜୟର ନୂଆନୂଆ ମାର୍ଗ ଉନ୍ମୁକ୍ତ ହେଉଅଛି ଏବଂ ଜମାତ୍ ଅହେମଦୀୟା ଆମେରିକା ସଫଳତାର ଗୋଟିଏ ନୂଆଯୁଗରେ ପ୍ରବେଶ ହେଉଅଛି । (କ୍ରମଶଃ...)

**(ବହୱାଲା ଅଖ୍‌ବାର୍ ବଦର୍ ଉର୍ଦ୍ଦୁ, ୬ ଡିସେମ୍ବର୍ ୨୦୧୮)**

⌘⌘⌘ ⌘⌘⌘ ⌘⌘⌘

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.4 Thursday 07 February 2019 Issue No.6**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୧୫ ଅକ୍ଟୋବର ୨୦୧୮ (ସୋମବାର)

ଆଜିର ଦିନଟି ଜମାତ୍ ଅହେମଦୀୟା ଆମେରିକାର ଇତିହାସରେ ଏକ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଓ ପବିତ୍ର ଦିନ ଅଟେ । ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ ଅ:ବ:ଅ ଆମେରିକା ନିମନ୍ତେ ନିଜର ଚତୁର୍ଥ ଗସ୍ତ କଲେ । ହଜୁର୍ ଅନୁୱର୍ ଅ:ବ:ଅ ଜୁନ୍ ୨୦୦୮ ମସିହାରେ ଆମେରିକାର ପ୍ରଥମ ଗସ୍ତ କରିଥିଲେ । ତାହା ଆମେରିକାର ପୂର୍ବାଂଚଳ ଆଡକୁ ଥିଲା । ଉକ୍ତ ଗସ୍ତ ସମୟରେ ହଜର୍ ଅନୁୱର୍ ୱାଶିଂଟନ୍‌ରେ ରହିଲେ ଏବଂ ଜଲ୍‌ସାସାଲାନା ନିମନ୍ତେ Harrisburg ଇଲାକାକୁ ଯାଇଥିଲେ ।

ପୁଣି ୧୬ ଜୁନ୍‌ରୁ ୩ ଜୁଲାଇ ୨୦୧୨ ମସିହାରେ ହଜୁର୍ ଅନୁୱର୍ ଆମେରିକାର ଦ୍ୱିତୀୟ ଗସ୍ତ କରିଥିଲେ । ଏହି ଗସ୍ତ ମଧ୍ୟ ଆମେରିକାର ପୂର୍ବ ଇଲାକା ନିମନ୍ତେ ଥିଲା । ସେହି ଗସ୍ତର ଶୁଭାରମ୍ଭ ଚିକାଗୋ ସହରରୁ ହୋଇଥିଲା । ଚିକାଗୋ ବ୍ୟତୀତ ଜିୟାନ୍, କୋଲମ୍ବସ୍, ଡେଟ୍ରୁନ୍, ପିଟସ୍‌ବର୍ଗ, ୱାସିଂଟନ୍ ଡି.ସି, ହେରିସ୍‌ବର୍ଗ, ଭର୍ଜିନିଆ ଏବଂ ବାଲ୍‌ଟିମିଉର୍ ଜମାତ୍ ଗୁଡିକୁ ହଜୁର୍ ଅନୁୱର୍ ଅ:ବ:ଅ ଗସ୍ତ କରିଥିଲେ ଏବଂ ଏହି ସମସ୍ତ ଜମାତ୍ ଗୁଡିକ ନିଜ ପ୍ରିୟ ଆକାଙ୍କ ବାବର୍‌କତ୍ ଅସ୍ତିତ୍ୱରୁ ଲାଭ ଉଠାଇଲା ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ତୃତୀୟ ଗସ୍ତ ଆମେରିକାର ପଶ୍ଚିମଭାଗରେ ଥିବା ଜମାତ୍ ଗୁଡିକ ଏବଂ କାଲିଫର୍ଣ୍ଣିଆର ସହର ଲସ୍ ଏଞ୍ଜେଲ୍‌ସ୍ ନିମନ୍ତେ ଥିଲା । ହଜୁର୍ ଅନୁୱର୍‌ଙ୍କର ଏହି ଯାତ୍ରା ୪ମଇରୁ ୧୫ମଇ ୨୦୧୩ ମସିହା ମଧ୍ୟରେ ପରିବେଷ୍ଟିତ ଥିଲା । ହଜୁର୍ ଅନୁୱର୍‌ଙ୍କ ଏହି ଯାତ୍ରାରେ ୱେଷ୍ଟକୋଷ୍ଟ୍ ଏବଂ ସାଉଥ୍ ଇଷ୍ଟ୍‌ର ସମସ୍ତ ଜମାତ୍ ହଜୁର୍ ଅନୁୱର୍‌ଙ୍କ ବାବର୍‌କତ୍ ଅସ୍ତିତ୍ୱରୁ ଲାଭ ଉଠାଇଲେ ।

ବର୍ତମାନ ଏହି ଚତୁର୍ଥ ଗସ୍ତ ଯାହାର ଶୁଭାରମ୍ଭ ୱାସିଂଟନ୍‌ରୁ ହୋଇଛି, ଏହି ଗସ୍ତରେ ଫ୍ଲାଡଲ୍‌ଫିୟା, ବାଲ୍‌ଟିମୁର୍ ଏବଂ ସାଉଥ୍ ଭର୍ଜିନିଆର ମସ୍‌ଜିଦ୍ ଗୁଡିକର ଉଦ୍‌ଘାଟନ କରିବାର ପ୍ରୋଗ୍ରାମ୍ ରହିଛି । ଏହି ଗସ୍ତରେ ହ୍ୱେଷ୍ଟନ୍ ଜମାତ୍‌ରେ ମଧ୍ୟ କିଛି ପ୍ରୋଗ୍ରାମ୍ ସାମିଲ୍ ରହିଛି । ପୁଣି କିଛିଦିନ ନିମନ୍ତେ ସାଉଥ୍ ଆମେରିକାର ଗୋଟିଏ ଦେଶ ଗୋଟେମାଲାର ଗସ୍ତ ମଧ୍ୟ ସାମିଲ୍ ଅଛି ।

## ମସ୍‌ଜିଦ୍ ଫଜଲ୍‌ରୁ ଆମେରିକା ନିମନ୍ତେ ଯାତ୍ରା

୧୫ ଅକ୍ଟୋବର୍ ୨୦୧୮ ମସିହା ସୋମବାର ଦିନ ଦ୍ୱିପ୍ରହର ୨:୫୫ ରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅଲ୍‌ବିଦା କହିବା ନିମନ୍ତେ ଜମାତ୍‌ର ସଦସ୍ୟଗଣ ଅର୍ଥାତ୍ ପୁରୁଷ ଓ ମହିଳାମାନଙ୍କର ବହୁତ ବଡ ସଂଖ୍ୟା ମସ୍‌ଜିଦ୍‌ର ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ । ହଜୁର୍ ଅନୁୱର୍ ଇଜ୍‌ତିମାଇ ଦୁଆ କରାଇଲେ । ଏବଂ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ । ପୁଣି ଏୟାର୍‌ପୋର୍ଟ ନିମନ୍ତେ ଗସ୍ତ ଆରମ୍ଭ ହେଲା । ପାଖାପାଖି ୩:୪୦ରେ ହଜୁର୍ ଅନୁୱର୍ ଅ:ବ:ଅ ହୋଥ୍ରୋ ଏୟାର୍‌ପୋର୍ଟ୍‌ରେ ପଦାର୍ପଣ କଲେ । ହଜୁର୍ ଅନୁୱର୍ ଅ:ବ:ଅ ଗୋଟିଏ ବିଶେଷ ପ୍ରୋଟୋକଲ୍‌ର ବ୍ୟବସ୍ଥା ଅନ୍ତର୍ଗତ ଏୟାର୍‌ପୋର୍ଟ୍‌ର ଗୋଟିଏ ସ୍ପେଶିଆଲ୍ ଲଞ୍ଜ୍‌ରେ ପଦାର୍ପଣ କଲେ ଓ ଏହି ସ୍ଥାନରୁ ଇମିଗ୍ରେସନ୍‌ର ପ୍ରୋସେସ୍ କରାଗଲା ।

ଏୟାର୍‌ପୋର୍ଟ୍‌ରେ ହଜୁର୍ ଅନୁୱର୍‌ଙ୍କୁ ବିଦାୟ ଦେବାପାଇଁ ମୋକରମ୍ ରଫିକ୍ ଅହେମଦ୍ ହୟାତ୍ ସାହେବ୍ ଅମୀର୍ ଜମାତ୍ ଅହେମଦୀୟା ୟୁ.କେ, ମୋକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ୍ ଏଡ଼ିଶିନାଲ୍ ୱକିଲୁଲ୍ ମାଲ୍, ଲଣ୍ଡନ୍ ଏବଂ ମୋକରମ୍ ମେଜର୍ ମେହ୍‌ମୁଦ୍ ଅହେମଦ୍ ସାହେବ୍ ଅଫିସର୍ ବିଶେଷ ସୁରକ୍ଷା ଦଳ ସାଥିରେ ଆସିଥିଲେ । ହଜୁର୍ ଅନୁୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଏହି ସମସ୍ତ ସଦସ୍ୟମାନଙ୍କ ସଙ୍ଗେ ହାତ ମିଳାଇଲେ ।

୫:୨୦ରେ ହଜୁର୍ ଅନୁୱର୍ ଅ:ବ:ଅ ଜାହାଜରେ ଚଢ଼ିଲେ । ବ୍ରିଟିଶ୍ ଏୟାର୍ ୱେଜ୍‌ର ଜାହାଜ BA 293 ଠିକ୍ ୫:୪୫ ରେ ହେଥ୍ରୋ ଏୟାର୍‌ପୋର୍ଟ୍ ଲଣ୍ଡନ୍‌ରୁ ୱାସିଂଟନ୍ ଆମେରିକା ନିମନ୍ତେ ଯାତ୍ରା ଆରମ୍ଭ କଲା ।

ପାଖାପାଖି ୮ଘଂଟାର ଅନବରତ ଉଡାଣ ପରେ ୱାସିଂଟନ୍ ଆମେରିକାର ସ୍ଥାନୀୟ ସମୟ ମୁତାବକ ୮:୪୫ରେ ଜାହାଜଟି ୱାସିଂଟନ୍‌ର Dulles Airport ରେ ଅବତରଣ କଲା । ୱାସିଂଟନ୍‌ର ସମୟ ଲଣ୍ଡନ୍ (ୟୁ.କେ)ର ସମୟ ଠାରୁ ପାଂଚଘଂଟା ପଛୁଆ ।

ଜାହାଜର ଦରଜାଠାରେ ଆମେରିକାର ଅମୀର୍ ଜମାତ୍ ମୋକରମ୍ ସାହେବ୍‌ଜାଦା ମିର୍ଜା ମଗଫୁର୍ ଅହେମଦ୍ ସାହେବ୍, ନାଏବ୍ ଅମୀର୍ ଆମେରିକା ମୋକରମ୍ ମୁନ୍‌ଅମ୍ ନଇମ୍ ସାହେବ୍ ଏବଂ ଷ୍ଟେଟ୍ ଡିପାର୍ଟମେଂଟ୍‌ର ଜଣେ ଅଫିସର୍ ବିଶେଷ ପ୍ରୋଟୋକଲ୍ ବ୍ୟବସ୍ଥା ଅନ୍ତର୍ଗତ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ସ୍ୱାଗତ କଲେ ।

ଏହାପରେ ଗୋଟିଏ Special Mobile Lounge (ବସ୍) ଜରିଆରେ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ଷ୍ଟେଟ୍ ଡିପାର୍ଟମେଂଟ୍‌ର ବ୍ୟବସ୍ଥା ଅନ୍ତର୍ଗତ ଗୋଟିଏ ସ୍ପେସିଆଲ୍ ଲଞ୍ଜ୍‌ଠାରେ ପହଂଚାଇ ଦିଆଗଲା । ଇମିଗ୍ରେସନ୍‌ର କାର୍ଯ୍ୟକ୍ରମ ଗୋଟିଏ ବିଶେଷ ବ୍ୟବସ୍ଥା ଅନ୍ତର୍ଗତ ସେହି ଲଞ୍ଜ୍‌ଠାରେ ହିଁ ସମ୍ପାଦନ କରାଗଲା । ଷ୍ଟେଟ୍ ଡିପାର୍ଟମେଂଟ୍‌ର ଅଫିସର୍ ନିଜ ଅଧକ୍ଷତାରେ ଏହି ସମସ୍ତ ବ୍ୟବସ୍ଥା କରାଇଲେ ।

ପ୍ରଫେସ୍‌ନାଲ୍ ସର୍ଭିସେସ୍ ମ୍ୟାନେଜ୍‌ମେଂଟ୍‌ର ଜଣେ ସିନିୟର୍ ଅଫିସର୍ ମଧ୍ୟ ଲଞ୍ଜ୍‌ରେ ଆସି ହଜୁର୍ ଅନୁୱର୍‌ଙ୍କୁ ସ୍ୱାଗତ ଜଣାଇଲେ । ହଜୁର୍ ଅନୁୱର୍ ସେ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଲେ ଏବଂ ବହୁତ ସ୍ନେହର ସହିତ ବାର୍ତାଳାପ କଲେ ।

ଏୟାର୍‌ପୋର୍ଟ୍‌ରେ ସାମାନ୍ ହାସଲ କରିବା ଏବଂ କ୍ଲିଅରାନ୍‌ସ୍ କରିବା ପ୍ରସଙ୍ଗରେ ଯେଉଁ ଅଫିସର୍‌ମାନେ କାମ କଲେ ସେମାନେ ମଧ୍ୟ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଲଞ୍ଜ୍‌ରେ ପହଂଚିଲେ । ଏହି ସମସ୍ତ ସଦସ୍ୟମାନେ ହଜୁର୍ ଅନୁୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଇମିଗ୍ରେସନ୍‌ର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବା ପରେ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ସେହି ବିଶେଷ କବାଟ ଜରିଆରେ ଏୟାର୍‌ପୋର୍ଟ୍‌ରୁ ବାହାରକୁ ଅଣାଗଲା ଯାହା କେବଳ ବିଶେଷ ଗୁରୁତ୍ୱପୁର୍ଣ୍ଣ ଅତିଥି ଏବଂ Dignitaries ଇତ୍ୟାଦିଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ସେହି କବାଟ ନିକଟରେ ହଜୁର୍ ଅନୁୱର୍‌ଙ୍କ ଗାଡିକୁ ଛିଡା କରାଇ ଦିଆଯାଇଥିଲା । ଏୟାର୍‌ପୋର୍ଟ୍‌ର ସିକ୍ୟୁରିଟିମାନେ ବିଶେଷ ଗେଟ୍‌ଟିକୁ ଖୋଲି ସମ୍ପୂର୍ଣ୍ଣ ସମ୍ମାନର ସହିତ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ସେଠାରୁ ବିଦାୟ ଦେଲେ ।

ଏୟାର୍‌ପୋର୍ଟ୍‌ରୁ ଗସ୍ତ କରି ରାତି ୧୦:୪୦ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରେ ପଦାର୍ପଣ କଲେ ।

ମସ୍‌ଜିଦ୍ ବଇତୁର୍ ରହେମାନ୍ ଏବଂ ତା'ର ଆଖପାଖର ସମସ୍ତ ପ୍ରାଙ୍ଗଣକୁ ରଙ୍ଗବେରଙ୍ଗ ବିଜୁଳିବତୀ ଦ୍ୱାରା ସଜାଇ ଦିଆଯାଇଥିଲା । ଫଳତଃ ଏ ସମସ୍ତ ଇଲାକା ଆଲୋକମୟ ହୋଇଯାଇଥିଲା । ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇବା ଏବଂ ହଜୁର୍ ଅନୁୱର୍‌ଙ୍କ ପବିତ୍ର ଚେହେରାର ଗୋଟିଏ ଝଲକ୍ ଦେଖିବା ନିମନ୍ତେ ଆମେରିକାର ଏହି ଇଲାକାରୁ ବହୁ ଦୂରଦୁରାନ୍ତ ସହରରୁ ଏବଂ ବିଭିନ୍ନ ରାଜ୍ୟରୁ ହଜୁର୍ ଅନୁୱର୍‌ଙ୍କ ପ୍ରେମୀମାନେ ହଜାର ହଜାର ସଂଖ୍ୟାରେ ଦ୍ୱିପ୍ରହର ପରଠାରୁ ମସ୍‌ଜିଦ୍ ବଇତୁର୍ ରହ୍‌ମାନ୍‌ରେ ପହଂଚିବା ଆରମ୍ଭ କରିଦେଇଥିଲେ । ପୁରୁଷ, ମହିଳା, ପିଲା ଓ ବୃଦ୍ଧବ୍ୟକ୍ତିମାନଙ୍କର ଗୋଟିଏ ବହୁତ ବଡ଼ ଲୋକାରଣ୍ୟ ଥିଲା ଯାହା ନିଜର ପ୍ରିୟ ଆକାଙ୍କ ସହିତ ଜ୍ୟୋତିପୁର୍ଣ୍ଣ ଚେହେରା ଉପରେ ଗୋଟିଏ ଦୃଷ୍ଟି ପକାଇବା ପାଇଁ ବ୍ୟାକୁଳ ଥିଲା । ୱାସିଂଟନ୍ ଏବଂ ତା ଆଖପାଖର ଜମାତ୍ ଗୁଡିକ ବ୍ୟତୀତ ଏହି ପ୍ରେମୀମାନେ ନ୍ୟୁୟର୍କ, କନେକ୍‌ଟିକଟ୍, ନର୍ଥ କେରୋଲିନା, ଚିକାଗୋ, ଜିୟାନ୍, ମଲୱାକି ଏବଂ ଓଶ୍ କୋଶ୍ ଜମାତ୍ ଗୁଡିକରୁ ଆସିଥିଲେ ଏବଂ ପୁଣି ମିଆମି, ଡେଲସ୍ ମିନ୍ନେ ପୋଲିସ୍, ହ୍ୱେଷ୍ଟନ୍, ବେପୋଏଂଟ୍, ସିୟାଟଲ୍, ସିଲିକନ୍ ଭ୍ୟାଲି ଏବଂ ଲସ୍ ଏଞ୍ଜେଲ୍‌ସ୍‌ରୁ ଲୋକମାନେ ବହୁତ ଦୂର ରାସ୍ତାକୁ ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ । ଅଧିକାଂଶ ଜମାତ୍ ଗୁଡିକରୁ ଲୋକମାନେ ପାଂଚରୁ ଛଅଘଂଟାର ଯାତ୍ରା କାର୍ ଜରିଆରେ ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ଯେବେ କି ଚିକାଗୋରୁ ଆସିଥିବା ଲୋକମାନେ ସାତଶହ ମାଇଲ୍ ରାସ୍ତା ଯାତ୍ରାକରି ତେରଘଂଟା ସମୟ ବିନିମୟରେ ଏଠାରେ ପହଂଚିଥିଲେ । ଏବଂ ଜିୟାନ୍‌ରୁ ଆସିଥିବା ଲୋକମାନେ ସାତଶହ ପଚାଶ ମାଇଲ୍‌ର ଯାତ୍ରାକୁ ଚଉଦ ଘଂଟା ସମୟରେ ଅତିକ୍ରମ କରି ପହଂଚିଥିଲେ । ମଲୱାରୁ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲି ଗୁଡିକ ଆଠଶହ ମାଇଲ ଯାତ୍ରାକୁ ପନ୍ଦରଘଂଟା ଦ୍ୱାରା ଏବଂ ଓଶ୍‌କୋଶ୍‌ରୁ ଆସିଥିବା ଲୋକେ ଆଠଶହ ପଚାଶ ମାଇଲ୍‌ର ଯାତ୍ରାକୁ ପାଖାପାଖି ୧୬ ଘଂଟା ସମୟ ଦେଇ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ଏଠାରେ ଆସି ପହଂଚିଥିଲେ ।

ପୁଣି କିଛି ଲୋକେ ଓ ଫ୍ୟାମିଲି ଗୁଡିକ ବହୁତ ଦୂରରେ ଥିବା ଜମାତ୍ ଗୁଡିକରୁ ଜାହାଜ

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**